# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୧୮/୨୦୨୦ (୧୨ପୃଷ୍ଠା) | Sambalpur, Friday, September 18/2020 ★★

୧୬ଶ ଭାଗ ୨୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ନମ୍ବର ୱାନ୍ ସ୍ଥାନ ବଜାୟ ରଖିଲେ କୋହଲି

ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ପୂର୍ବପରି ବ୍ୟାଟିଂ ତାଲିକାରେ ତାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।


୧୨

୦୨

## ଇନ୍‌ଷ୍ଟାରେ ଜାକ୍‌ଲିନ୍‌ଙ୍କ ଯାଦୁ

ନିକଟରେ ଜାକ୍‌ଲିନ କିଛି ବୋଲ୍ଡ ଫଟୋଶୁଟ୍ କରି ଇନ୍‌ଷ୍ଟାରେ ଅପ୍‌ଲୋଡ୍ କରିଥିଲେ। ତାଙ୍କ ଫଟୋଗୁଡ଼ିକ ବର୍ତ୍ତମାନ ଟ୍ରେଣ୍ଡିଂରେ ଚାଲିଛି।






# ୧୧୦୦ କୋଟିର ସହାୟତା ଲୋଡ଼ିଲେ ସରକାର

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ଅଗଷ୍ଟରେ ହୋଇଥିବା ବନ୍ୟା କ୍ଷୟକ୍ଷତି ଭରଣା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଠାରୁ ପ୍ରଥମ ପର୍ଯ୍ୟାୟରେ ୧୧୦୦ କୋଟି ଟଙ୍କାର ସହାୟତା ଲୋଡିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରୀୟ ଟିମ୍‌କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହିତ ରାଜ୍ୟ ସରକାର ଗତ ବନ୍ୟାରେ ବିଭିନ୍ନ ଜିଲାର ୨.୨୫ ଲକ୍ଷ ହେକ୍ଟର ଚାଷଜମିରେ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଶସ୍ୟହାନି ହୋଇଥିବା ବେଳେ ପ୍ରାୟ ୧ ଲକ୍ଷ ୨୦ ହଜାର ଘର କ୍ଷତିଗ୍ରସ୍ତ ହୋଇଥିବା କେନ୍ଦ୍ରୀୟ ଟିମ୍‌କୁ ଅବଗତ କରାଇଛନ୍ତି। ନଦୀବନ୍ଧ, ରାସ୍ତା, ସର୍ବସାଧାରଣ ଭିତ୍ତିଭୂମି ନଷ୍ଟ ହୋଇଥିବା ବିଷୟରେ ଅବଗତ କରାଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ପରବର୍ତ୍ତୀ ସମୟରେ ଏକ ପୂର୍ଣ୍ଣାଙ୍ଗ କ୍ଷୟକ୍ଷତି ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଯୁଗ୍ମ ସଚିବ(ବାମପନ୍ଥୀ ଉଗ୍ରବାଦ ମୁକାବିଲା ବ୍ୟାପାର) ପ୍ରବୀଣ ବଶିଷ୍ଠଙ୍କ ନେତୃତ୍ୱରେ ଓଡ଼ିଶା ଗସ୍ତରେ ଆସିଥିବା ଅନ୍ତଃ ମନ୍ତ୍ରଣାଳୟ ୭ ଜଣିଆ କେନ୍ଦ୍ରୀୟ ଟିମ୍ ବନ୍ୟା ପ୍ରଭାବିତ ଅଞ୍ଚଳ କ୍ଷୟକ୍ଷତି ଅନୁଧ୍ୟାନ କରିବା ପରେ ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଅନ୍ୟ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହ ବନ୍ୟା ସ୍ଥିତି ଓ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ଟିମ୍‌ଙ୍କୁ ରିଲିଫ, ଉଦ୍ଧାର, ପ୍ରସ୍ତୁତି, ସମ୍ପର୍କରେ ଏକ ପୂର୍ଣ୍ଣାଙ୍ଗ ତାଲିକା ଉପସ୍ଥାପନ ☞ପୃଷ୍ଠା-୪



ଲୋକସେବା ଭବନରେ ଗୁରୁବାର କେନ୍ଦ୍ରୀୟ ଟିମ୍ ସଦସ୍ୟ ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ, ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ଆଲୋଚନା କରୁଛନ୍ତି।

### ବନ୍ୟା କ୍ଷୟକ୍ଷତି

- ୪ ଜିଲା ଦେଖିଲେ କେନ୍ଦ୍ରୀୟ ଟିମ୍
- ବନ୍ୟା ମୁକାବିଲା ନେଇ ରାଜ୍ୟ ସରକାରଙ୍କୁ ପ୍ରଶଂସା

# 'କୌଣସି ପରିସ୍ଥିତିରେ ମୁଣ୍ଡ ନୁଆଁଇବୁ ନାହିଁ'

## ରାଜ୍ୟ ସଭାରେ ବିବୃତି ରଖିଲେ ପ୍ରତିରକ୍ଷା ମନ୍ତ୍ରୀ



**ନୂଆଦିଲ୍ଲୀ,୧୭।୯(ପି.ଟି.)**

ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ଗୁରୁବାର ଭାରତ-ଚାଇନା ସୀମା ବିବାଦକୁ ନେଇ ରାଜ୍ୟ ସଭାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବିବୃତ୍ତି ରଖିଛନ୍ତି। ସେ କହିଛନ୍ତି, ବିଶ୍ୱର ଏଭଳି କୌଣସି ସେନା ନାହିଁ ଯେ କି ଲଦାଖ ସୀମାରେ ଭାରତୀୟ ଯବାନଙ୍କୁ ପାଟ୍ରୋଲିଂରୁ ବଞ୍ଚିତ କରିପାରିବ। ଦେଶର ସୁରକ୍ଷା ପାଇଁ ସରକାର ସବୁ ବଡ଼ ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି। ଏପରି କି ଆବଶ୍ୟକ ପଡ଼ିଲେ ଯୁଦ୍ଧ ପରିସ୍ଥିତିକୁ ମଧ୍ୟ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ ବୋଲି ରାଜନାଥ କହିଛନ୍ତି। ଚାଇନାକୁ ଚେତାବନୀ ଦେଇ ରାଜନାଥ କହିଛନ୍ତି ଭାରତ କେବେହେଲେ ଯୁଦ୍ଧ ଆରମ୍ଭ କରିବାକୁ ଚାହେଁ ନାହିଁ। କାରଣ ଥରେ ଯୁଦ୍ଧ ଆରମ୍ଭ ହେଲେ ଏହା ଆମ ନିୟନ୍ତ୍ରଣରେ ରହିବ ନାହିଁ। ତେଣୁ ଭାରତ ସବୁବେଳେ ଉଭୟ ଦେଶର ସୀମାରେ କିପରି ଶାନ୍ତି ବଜାୟ ରହିପାରିବ ସେନେଇ ଆଲୋଚନା କରିବାକୁ ଚାହେଁ। ଚାଇନା ଏଲ୍ଏସି(ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ)ରେ ବିଶ୍ୱାସ କରୁନାହିଁ, ବରଂ ଏହାର ସ୍ଥିତି ପରିବର୍ତ୍ତନ କରିବାକୁ ଚାହୁଁଛି। ଏପରି କି ଦୁଇ ଦେଶ ମଧ୍ୟରେ ହୋଇଥିବା ବୁଝାମଣାକୁ ଚାଇନା ଅଣଦେଖା କରୁଛି। ସୀମାରେ ସେନା ଠୁଳ କରୁଛି। ଚାଇନାର କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଭାରତୀୟ ଯବାନମାନେ ସବୁବେଳେ ସଞ୍ଜମତା ବଜାୟ ରଖିଛନ୍ତି ଏବଂ ଭାରତର ଆଞ୍ଚଳିକ ଅଖଣ୍ଡତା ରକ୍ଷା ଲାଗି ଶୌର୍ଯ୍ୟ ମଧ୍ୟ ପ୍ରଦର୍ଶନ କରିଛନ୍ତି। ଏହାସତ୍ତ୍ୱେ ରାଜନାଥ ସ୍ପଷ୍ଟ କରି ଦେଇଛନ୍ତି କି, କୌଣସି ପରିସ୍ଥିତିରେ ମୁକାବିଲା କରିବାକୁ ଭାରତ ଯବାନ ପ୍ରସ୍ତୁତ ଅଛନ୍ତି। ଆମେ କୌଣସି ପରିସ୍ଥିତିରେ ହେଲେ ବି ମୁଣ୍ଡ ନୁଆଁଇବୁ ନାହିଁ ବୋଲି ରାଜନାଥ କହିଛନ୍ତି।

କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖର ପ୍ରାୟ ୩୮ ହଜାର ବର୍ଗ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳରେ ଚାଇନାର ବେଆଇନ ଦଖଲ ଜାରି ରହିଛି। ୧୯୬୩ର ତଥା ☞ପୃଷ୍ଠା-୪

# ମୋଦି ସରକାରରୁ ହର୍‌ସିମରତଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୭।୯**

କୃଷି ଓ କୃଷକ ବିଲ୍‌କୁ ବିରୋଧ କରି ଗୁରୁବାର କେନ୍ଦ୍ରମନ୍ତ୍ରୀ ହର୍‌ସିମରତ କୌର ବାଦଲ ମୋଦି ସରକାରରୁ ଇସ୍ତଫା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା କୃଷି ସଂକ୍ରାନ୍ତରେ ଅଣାଯାଇଥିବା ୩ଟି ବିଧେୟକ କୃଷକ ବିରୋଧୀ ହୋଇଥିବା ଦର୍ଶାଇ ଶିରୋମଣି ଅକାଳି ଦଳ (ଏସଏଡି) ସଭାପତି ସୁଖବୀର ସିଂ ବାଦଲ କହିଥିଲେ ଯେ, ତାଙ୍କ ଦଳରୁ ମନ୍ତ୍ରୀ ଥିବା ହରସିମରତ ଖୁବଶୀଘ୍ର ଇସ୍ତଫା ଦେବେ। ଏହା କହିବାର କିଛି ଘଣ୍ଟା ପରେ ମୋଦି ସରକାରଙ୍କ ମନ୍ତ୍ରୀପଦରୁ ହରସିମରତ ଓହରି ଯାଇଥିବା ଟୁଇଟ କରି କହିଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରରେ ଶିରୋମଣି ଅକାଳି ଦଳରୁ ହରସିମରତ ଏକମାତ୍ର ମନ୍ତ୍ରୀ ଥିଲେ ଏବଂ ଏହି ଦଳ ଭାଜପାର ସବୁଠାରୁ ପୁରୁଣା ସହଯୋଗୀ ଥିଲା। ନିକଟରେ ଜାରି କରାଯାଇଥିବା କୃଷି ସଂକ୍ରାନ୍ତ ଅଧ୍ୟାଦେଶକୁ ସୋମବାର ଲୋକସଭାରେ ପାରିତ କରାଯାଇଥିଲା। ସେଥିମଧ୍ୟରୁ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ବିଲ ୨୦୨୦ ଆଲୋଚନା କରାଯାଇ ବାଚନିକ ଭୋଟରେ ଗୃହୀତ ହୋଇଥିଲା। ତେବେ ଏସଏଡି ସଭାପତି ସୁଖବୀର ସିଂ ବାଦଲ ବିତର୍କରେ ଭାଗ ନେଇ କହିଥିଲେ ଯେ, ପାରିତ ହୋଇଥିବା ବିଲ୍ କୃଷକ ବିରୋଧୀ ଏବଂ ଏଭଳି ଅଧ୍ୟାଦେଶ ଅଣାଯିବା ପୂର୍ବରୁ କେନ୍ଦ୍ରସରକାର ତାଙ୍କ ଦଳ ସହ ବିଚାର ବିମର୍ଶ କରି ନ ଥିଲେ। କୃଷକ ଉତ୍ପାଦ ବ୍ୟାପାର ଓ ବାଣିଜ୍ୟ (ପ୍ରସାର ଓ ସୁବିଧା) ବିଲ ଏବଂ ମୂଲ୍ୟ ନିର୍ଦ୍ଧାରଣ ଓ କୃଷି ସେବା ସଂକ୍ରାନ୍ତ ( କୃଷକ ସଶକ୍ତିକରଣ ଓ ସୁରକ୍ଷା) ବିଲରେ ପ୍ରସ୍ତାବିତ ଆଇନକୁ ଦେଖିଲେ ତାହା ପଞ୍ଜାବ ଦୀର୍ଘ ୫୦ ବର୍ଷ କଠିନ ପରିଶ୍ରମ କରି କୃଷକଙ୍କ ମଙ୍ଗଳ ପାଇଁ ନେଇଥିବା ପଦକ୍ଷେପ ଧୂଳିସାତ ହୋଇଯିବ ବୋଲି ସୁଖବୀର କହିଛନ୍ତି। ଖାଦ୍ୟଶସ୍ୟ ଉତ୍ପାଦନରେ ଭାରତକୁ ସ୍ୱାବଲମ୍ବୀ କରିଥିବା ପଞ୍ଜାବ କେବେ ହେଲେ ଏଭଳି କୃଷକ ବିରୋଧୀ ବିଲକୁ ସମର୍ଥନ କରିବ ନାହିଁ ବୋଲି ସେ କହିଛନ୍ତି।



ହର୍‌ସିମରତ କୌର ବାଦଲ






# କରୋନା: କଟକଣା ଭାଙ୍ଗିଲେ କଠୋର କାର୍ଯ୍ୟାନୁଷ୍ଠାନ

### କଟକ-ଭୁବନେଶ୍ୱର ପାଇଁ ଡିଜିପିଙ୍କ କଡ଼ା ଆଭିମୁଖ୍ୟ

- ଅଧିକ ୫୦ ଅଧିକାରୀ ନିୟୋଜିତ ହେବେ
- ୫ ପ୍ଲାଟୁନ ଫୋର୍ସ ଯୋଗାଇ ଦିଆଯିବ
- ୩ ଜୋନ୍‌ରେ ବିଭକ୍ତ ହେବ ଭୁବନେଶ୍ୱର

**କଟକ ଅଫିସ,୧୭।୯:** ଲକ୍‌ଡାଉନ ଉଠିଯିବା ପରେ କରୋନା କଟକଣାକୁ ଅଧିକାଂଶ ମାନୁନାହାନ୍ତି। ଫଳରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବହୁଗୁଣିତ ହେବାରେ ଲାଗିଛି। ବିଶେଷକରି କଟକ ଓ ଭୁବନେଶ୍ୱରରେ ସ୍ଥିତି ଜଟିଳ ହୋଇପଡୁଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଡିଜିପି ଅଭୟ। ଉଲ୍ଲଂଘନକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପୋଲିସ କମିଶନର, ଡିସିପି ଓ ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗୁରୁବାର ଡିଜିପିଙ୍କ କଟକସ୍ଥିତ କାର୍ଯ୍ୟାଳୟରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପଦାଧିକାରୀଙ୍କ ☞ପୃଷ୍ଠା-୪


# ପେଟ୍ରୋଲ ୧୫, ଡିଜେଲ ୨୧ ପଇସା କମିଲା

**ଭୁବନେଶ୍ୱର,୧୭।୯:** ପେଟ୍ରୋଲ ଏବଂ ଡିଜେଲ ଦର ଗୁରୁବାର ହ୍ରାସ ହୋଇଛି। ଭୁବନେଶ୍ୱରରେ ଗୁରୁବାର ପେଟ୍ରୋଲ ୧୫ ପଇସା ଏବଂ ଡିଜେଲ ୨୧ ପଇସା କମି ଦର ଯଥାକ୍ରମେ ୮୧.୯୫ ଟଙ୍କା, ୭୮.୭୩ ଟଙ୍କା ରହିଛି। ନୂଆଦିଲ୍ଲୀଠାରୁ ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଓ ଡିଜେଲ ଦର ଊର୍ଦ୍ଧ୍ୱରେ ରହିଥିବା ଜଣାପଡିଛି। ଗତ ମଙ୍ଗଳବାର ପେଟ୍ରୋଲ ୧୭ ପଇସା ଏବଂ ଡିଜେଲ ୨୪ ପଇସା ହ୍ରାସ ଘଟିଥିଲା। ଦେଶର ମେଟ୍ରୋ ସହରଗୁଡ଼ିକରେ ଗୁରୁବାର ପେଟ୍ରୋଲ ୧୩ରୁ ୧୫ ପଇସା କମିଛି। ସେହିଭଳି ଡିଜେଲ ଦର ୧୮ରୁ ୨୧ ପଇସା ହ୍ରାସ ହୋଇଛି। ନୂଆଦିଲ୍ଲୀରେ ପେଟ୍ରୋଲ ୮୧.୪୦ ଟଙ୍କା ରହିଥିବା ବେଳେ ଚେନ୍ନାଇରେ ୮୪.୪୪ ଟଙ୍କା, କୋଲକାତାରେ ୮୨.୯୨ ଟଙ୍କା ଏବଂ ମୁମ୍ବାଇରେ ୮୮.୦୭ ଟଙ୍କା ରହିଛି। ସେହିଭଳି ଏହି ସହରଗୁଡ଼ିକରେ ଡିଜେଲ ଦର ଯଥାକ୍ରମେ ୭୨.୩୭ ଟଙ୍କା, ୭୭.୭୩ ଟଙ୍କା, ୭୫.୮୭ ଟଙ୍କା ଏବଂ ୭୮.୮୫ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ ପକ୍ଷରୁ ସୂଚନା ରହିଛି।


**ଆଜିର ସମ୍ପାଦକୀୟ** | ପ୍ରଥମେ ସୁରକ୍ଷା

ଆସନ୍ତା ବର୍ଷ ପ୍ରାରମ୍ଭରେ ମିଳିବ ଟିକା: ପୃଷ୍ଠା-୨





# ସୁସ୍ଥ ହୋଇ ଫେରିଲେ ଅମିତ ଶାହା



**ନୂଆଦିଲ୍ଲୀ,୧୭।୯(ପି.ଟି.):** ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବା କାରଣରୁ ଗତ ୧୨ତାରିଖରୁ ନୂଆଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସିତ ହେଉଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୁରୁବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେ ଗତ ମାସରେ କୋଭିଡ୍-୧୯ରୁ ସୁସ୍ଥ ହେବା ପରେ ଶାରୀରିକ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ଅଗଷ୍ଟ୧୮ରେ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସେ ୩୧ ତାରିଖରେ ସୁସ୍ଥ ହୋଇ ଫେରିଥିଲେ। ତେବେ ପୁଣି ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା।

# ଆସନ୍ତା ବର୍ଷ ପ୍ରାରମ୍ଭରେ ମିଳିବ ଟିକା

**ନୂଆଦିଲ୍ଲୀ,୧୭।୯(ପି.ଟି.)**

ଆସନ୍ତା ବର୍ଷ ଅର୍ଥାତ ୨୦୨୧ ପ୍ରାରମ୍ଭରେ ଦେଶରେ କୋଭିଡ୍-୧୯ ଟିକା ଉପଲବ୍ଧ ହେବ ବୋଲି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ଗୁରୁବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। କରୋନା ମହାମାରୀ ଦେଶରେ ମାଡ଼ି ମାଡ଼ି ଚାଲିଥିବାବେଳେ ୨୦୨୧ ଆରମ୍ଭରେ ଦେଶରେ କରୋନା ଟିକା ମିଳିବ। ସେ କହିଛନ୍ତି ଯେ, ୩ଟି ଟିକା ଭିନ୍ନ ଭିନ୍ନ ସ୍ତର ଅର୍ଥାତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ପର୍ଯ୍ୟାୟରେ ପହଞ୍ଚିଛି। ଟିକା ଆସିବା ପର୍ଯ୍ୟନ୍ତ ସାମାଜିକ ଦୂରତ୍ୱକୁ ସାମାଜିକ ଟିକା ଭାବେ ଗ୍ରହଣ କରିବାକୁ ହର୍ଷବର୍ଦ୍ଧନ ନିବେଦନ କରିଛନ୍ତି। ଦେଶର




କୋଭିଡ-୧୯ ମହାମାରୀ ସ୍ଥିତି ଉପରେ ରାଜ୍ୟ ସଭାରେ ହୋଇଥିବା ଆଲୋଚନାର ଉତ୍ତର ଦେଇ ସେ କହିଛନ୍ତି, ବିଭିନ୍ନ ସଂସ୍ଥାକୁ ଆବଶ୍ୟକ ସହାୟତା ଯୋଗାଇ ଏକ ବିଶେଷଜ୍ଞ କମିଟି ଟିକା ପ୍ରସ୍ତୁତି ଉପରେ କାର୍ଯ୍ୟ ଜାରି ରଖିଛି। ଟିକା ପ୍ରସ୍ତୁତି ଦିଗରେ ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ସଂଗଠନ ସହ କାର୍ଯ୍ୟ କରୁଛି ବୋଲି ହର୍ଷବର୍ଦ୍ଧନ କହିଛନ୍ତି। କୋଭିଡ୍-୧୯ ମହାମାରୀ ବିରୋଧରେ ଚାଲିଥିବା ଲଢ଼େଇରେ କୋଭିଡ ଯୋଦ୍ଧାଙ୍କ ଭୂମିକାକୁ ପ୍ରସଂଶା କରି ସେ କହିଛନ୍ତି, ବିଶେଷଜ୍ଞଙ୍କ ସହାୟତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତ୍ୟକ୍ଷ ଭାବେ ନିଷ୍ପତ୍ତି ନେଇଛନ୍ତି। ସରକାର ଏହି ସମସ୍ୟାର ସମାଧାନ ପାଇଁ ସବୁ ପ୍ରକାର ପ୍ରସ୍ତୁତି ଚଳାଇଛନ୍ତି ବୋଲି ହର୍ଷବର୍ଦ୍ଧନ କହିଛନ୍ତି। ଆଲୋଚନାରେ ଶିବସେନାର ସଞ୍ଜୟ ରାଉତ, ଏନ୍‌ସିପିର ପ୍ରଫୁଲ୍ଲ ପଟେଲ, ସିପିଆଇର ବିନୟ ବିଶ୍ୱମ, ଏଏପିର ସଞ୍ଜୟ ସିଂ ପ୍ରମୁଖ ଭାଗ ନେଇ କରୋନା ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏକାଠି ମିଳିମିଶି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରି କି ଏହି ପ୍ରସଙ୍ଗରେ କୌଣସି ରାଜନୀତି ନ ହେବା ଆବଶ୍ୟକ ବୋଲି କହିଥିଲେ।

# ମୋଦିଙ୍କ ଜନ୍ମଦିନରେ ସେବା ସପ୍ତାହ

**ନୂଆଦିଲ୍ଲୀ,୧୭।୯**




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ୭୦ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ଭାଜପା ଦେଶବ୍ୟାପୀ ସେବା ସପ୍ତାହ ପାଳନ କରୁଛି। ଏହି ଉପଲକ୍ଷେ ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମକୁ ତ୍ୱରାନିତ୍ୱ କରାଯାଉଛି। ସ୍ୱଚ୍ଛ ଅଭିଯାନ, ସାନିଟାରି ପ୍ୟାଡ୍ ବଣ୍ଟନ, ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଉଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ, ଲୋକସଭା ବାଚସ୍ପତି ଓମ ବିର୍ଲା, କେନ୍ଦ୍ରମନ୍ତ୍ରୀ, ଭାଜପା ନେତା ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ମୋଦିଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱନେତାମାନେ ମଧ୍ୟ ମୋଦୀଙ୍କୁ ଶୁଭେଚ୍ଛା ଜଣାଇ ଟୁଇଟ୍ କରିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଜର୍ମାନ ଚାନସେଲର ଆଞ୍ଜେଲା ମର୍କେଲ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିଶନ, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନସନ, ନେପାଳ ପ୍ରଧାମନ୍ତ୍ରୀ କେ.ପି ଶର୍ମା ଓଲି ପ୍ରମୁଖ ଏହି ଅବସରରେ ମୋଦିଙ୍କ ସୁସ୍ଥ ଓ ନିରୋଗ ଜୀବନ କାମନା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

# ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୭।୯:** ଜମ୍ମୁ-କଶ୍ମୀରରେ ଆତଙ୍କବାଦ ନିରୋଧୀ ଅପରେଶନ୍‌ରେ ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା ମିଳିଛି। ଗୁରୁବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୩ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ସିଆର୍‌ପିଏଫ୍‌ର ଜଣେ ଅଫିସରଙ୍କ ସମେତ ୨ ଜଣ ଆହତ ହୋଇଛନ୍ତି। ଶ୍ରୀନଗରର ବଟାମାଲୁ ଅଞ୍ଚଳର ଫିରଦୌସବାଦ୍‌ରେ କେତେକ ଆତଙ୍କବାଦୀ ଲୁଚି ରହିଥିବା ଖବର ପାଇ ମିଳିତ ସୁରକ୍ଷାକର୍ମୀ ଘେରାଉ କରିଥିଲେ। ଆତଙ୍କବାଦୀଙ୍କୁ ଆତ୍ମସମର୍ପଣ ଲାଗି ସତର୍କ ସୂଚନା ଜାରି କରାଯାଇଥିଲା। ତେବେ ସୁରକ୍ଷାକର୍ମୀଙ୍କ ଉପରକୁ ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ଏହାର ଜବାବରେ ମିଳିତ ସୁରକ୍ଷାକର୍ମୀଙ୍କ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ଆତଙ୍କବାଦୀଙ୍କଠାରୁ ବହୁପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା କଶ୍ମୀର ଜୋନ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଜନଔଷଧୀ କେନ୍ଦ୍ର ୧୦୫୦୦କୁ ବଢ଼ିବ

**ନୂଆଦିଲ୍ଲୀ,୧୭।୯**

ଭାରତ ସରକାର ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ର(ପିଏମ୍‌ବିଜେକେ) ସଂଖ୍ୟାକୁ ୧୦୫୦୦ରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ଡି.ଭି. ସଦାନନ୍ଦଗୌଡ଼ା



ଗୁରୁବାର ପାର୍ଲାମେଣ୍ଟରେ କହିଛନ୍ତି ଯେ, ସାଧାରଣ ଜନତା ବିଶେଷକରି ଗରିବ ଲୋକମାନଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ଯୋଗାଇ ଦେବା ନିମନ୍ତେ ଏହି କେନ୍ଦ୍ରଗୁଡ଼ିକର ସଂଖ୍ୟାକୁ ବଢ଼ାଇବାକୁ ଚିନ୍ତା କରିଛନ୍ତି। ୨୦୨୦ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଦେଶରେ ମୋଟ ୬୬୦୩ଟି ଜନଔଷଧୀ କେନ୍ଦ୍ର ଥିଲା। ୨୦୨୦ ମାର୍ଚ୍ଚଠାରୁ ଜୁନ ମଧ୍ୟରେ କୋଭିଡ୍ ମହାମାରୀ ଯୋଗୁ ଲକ୍‌ଡାଉନ୍ ପରିସ୍ଥିତି ଦୃଷ୍ଟିରୁ (ପିଏମ୍‌ବିଜେକେ) ଅନେକ ଆହ୍ୱାନର ସାମ୍ନା କରିଛି। ସକ୍ରିୟ ଔଷଧୀୟ ଉପାଦାନ (ଏପିଆଇ)ର ଅଭାବ ଏବଂ ଔଷଧ ପ୍ରସ୍ତୁତି ପାଇଁ ଅନ୍ୟାନ୍ୟ କଞ୍ଚାମାଲର ଅଭାବ ସହିତ ପରିବହନ ସମସ୍ୟା ଯୋଗୁ କେନ୍ଦ୍ରୀୟ ଭଣ୍ଡାର କିମ୍ବା କ୍ଷେତ୍ରୀୟ ୱେୟାର ହାଉସରୁ ଖୁଚୁରା ଦୋକାନ ପର୍ଯ୍ୟନ୍ତ ଔଷଧପତ୍ର ଯୋଗାଣରେ ଅସୁବିଧା ଦେଖାଦେଇଛି। ବର୍ତ୍ତମାନ ଦେଶର ୪ଟି ସ୍ଥାନରେ ଜନଔଷଧୀ କେନ୍ଦ୍ର କ୍ଷେତ୍ରୀୟ ୱେୟାର ହାଉସ ରହିଛି। ସେଗୁଡ଼ିକ ହେଲା ଗୁରୁଗ୍ରାମ, ଚେନ୍ନାଇ, ବେଙ୍ଗାଲୁରୁ ଓ ଗୌହାଟି। ଏବେ କେନ୍ଦ୍ର ସରକାର ଆଉ ୨ଟି କ୍ଷେତ୍ରୀୟ ୱେୟାର ହାଉସ ସ୍ଥାପନ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ମନ୍ତ୍ରୀ ଗୌଡ଼ା କହିଛନ୍ତି।

# ‘ଜମାକାରୀଙ୍କ ଲାଗି ଆର୍‌ବିଆଇ ଅଧୀନରେ ସମବାୟ ବ୍ୟାଙ୍କ’

**ନୂଆଦିଲ୍ଲୀ,୧୭।୯**

ସମବାୟ ବ୍ୟାଙ୍କ ଜମାକାରୀଙ୍କ ସ୍ୱାର୍ଥକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏହାକୁ ଧ୍ୟାନରେ ରଖି ସମବାୟ ବ୍ୟାଙ୍କଗୁଡ଼ିକର ପରିଚାଳନାକୁ ରିଜର୍ଭ ବ୍ୟାଙ୍କ ପରିସରକୁ ଅଣାଯାଉଥିବା ବ୍ୟାଙ୍କିଙ୍ଗ୍ ରେଗୁଲେଶନ ସଂଶୋଧନ ବିଲ୍-୨୦୨୦ ବିତର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହା କହିଛନ୍ତି। ସେ ପୁଣି କହିଛନ୍ତି, ନୂଆ ପଦକ୍ଷେପ ଦ୍ୱାରା ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟିଜର କ୍ଷମତା ସଙ୍କୁଚିତ ହେବ ନାହିଁ। ଅପରପକ୍ଷରେ ସମବାୟ ବ୍ୟାଙ୍କଗୁଡ଼ିକର ବ୍ୟାଙ୍କିଙ୍ଗ୍ କାର୍ଯ୍ୟକଳାପକୁ ବ୍ୟବସ୍ଥିତ କରାଯିବା ଯୋଜନା ରଖାଯାଇଛି। ଜୁନ ୨୬ରେ ସରକାର ଏ ନେଇ ଏକ ଅଧ୍ୟାଦେଶ ଆଣିଥିଲେ। ନୂଆ ବିଲ୍‌କୁ ଲୋକସଭାର ଅନୁମୋଦନ ମିଳିଥିବା ଜଣାପଡ଼ିଛି। ନୂଆ ବ୍ୟାଙ୍କିଙ୍ଗ୍ ରେଗୁଲେଶନ ଆଇନ ଦ୍ୱାରା ସମବାୟ ବ୍ୟାଙ୍କଗୁଡ଼ିକ ରିଜର୍ଭ ବ୍ୟାଙ୍କ ପରିସରକୁ ଆସିବ।

# ଜିଏସ୍‌ଟି କ୍ଷତିପୂରଣକୁ ନେଇ ୮ ଦଳର ପ୍ରତିବାଦ


**ନୂଆଦିଲ୍ଲୀ,୧୭।୯**

ପ୍ରତିଶ୍ରୁତି ମୁତାବକ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଜନିତ କ୍ଷତିପୂରଣ ପ୍ରଦାନକୁ ନେଇ ବର୍ତ୍ତମାନ ଟଣାଓଟରା ଲାଗି ରହିଛି। ଏହି ପ୍ରସଙ୍ଗକୁ ନେଇ ୮ ବିରୋଧୀ ଦଳର ନେତା ଗୁରୁବାର ପାର୍ଲାମେଣ୍ଟ ପରିସରରେ ପ୍ରତିବାଦ କରିଛନ୍ତି। ବ୍ୟାନର ଏବଂ ଥାଳି ଧରି ଏମାନେ ପ୍ରତିବାଦ କରିଥିବା ନଜରକୁ ଆସିଥିଲା। ପ୍ରାୟ ୧୫ ମିନିଟ ଧରି ପ୍ରତିବାଦ ହୋଇଥିଲା। ଏଥିରେ ଅଖିଳେଶ ଯାଦବ, ସୁପ୍ରିୟା ସୁଲେ, ମନୋଜ ଝା, ସଞ୍ଜୟ ସିଂ, ଡାରେକ ଓ ବ୍ରାଏନ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିବାଦରେ କଂଗ୍ରେସ ସାମିଲ ହୋଇ ନ ଥିବା ଜଣାପଡ଼ିଛି। କେନ୍ଦ୍ର ସରକାର ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ କରିବାକୁ ଏହି ଅବସରରେ ଦାବି କରାଯାଇଛି। ଏହି ପ୍ରତିବାଦରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି), ତେଲଙ୍ଗାନା ରାଷ୍ଟ୍ର ସମିତି(ଟିଆର୍‌ଏସ୍), ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ଦ୍ରାବିଡ ମୁନେତ୍ରା କାଜାଘମ(ଡିଏମ୍‌କେ), ସମାଜବାଦୀ ପାର୍ଟି(ଏସ୍‌ପି), ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଶିବସେନା ସାମିଲ ରହିଥିଲେ। ରାଜ୍ୟ ସଭାରେ ଜିଏସ୍‌ଟି ପ୍ରସଙ୍ଗରେ ଆଲୋଚନା ହେବାର ଅବ୍ୟବହିତ ପୂର୍ବରୁ ଏଭଳି ପ୍ରତିବାଦ କରାଯାଇଥିବା ଜଣାପଡ଼ିଛି। ୨୭ ଅଗଷ୍ଟରେ ଅନୁଷ୍ଠିତ ହୋଇଥିବା ଜିଏସ୍‌ଟି ପରିଷଦ ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ ଯେ, ଜିଏସ୍‌ଟି ବାବଦକୁ ଚଳିତ ବର୍ଷ ୩ ଲକ୍ଷ କୋଟି ଟଙ୍କା ନିଅଣ୍ଟ ପଡ଼ିବ। କୋଭିଡ୍ ଯୋଗୁ ଅର୍ଥ ବ୍ୟବସ୍ଥା ଖସିବାକୁ ସେ ଦୈବୀକୃତ କାର୍ଯ୍ୟ ବୋଲି କହିଥିଲେ।

## ଫୁର୍‌ସତ୍

# ଚୁମ୍ବକୀୟ କ୍ଷେତ୍ର ଚିହ୍ନଟ ପଛରେ ବ୍ୟାକ୍ଟେରିଆ

*ଜୀବଜଗତ ମଧ୍ୟରେ ସନ୍ତୁଳନ ବଜାୟ ରଖିବାରେ ପୃଥିବୀର ଚୁମ୍ବକୀୟ କ୍ଷେତ୍ର (ମ୍ୟାଗ୍ନେଟିକ୍ ଫିଲ୍ଡ)ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ମଣିଷ ନିକଟରେ ଏହି ଶକ୍ତିକୁ ବାରିବା କ୍ଷମତା ନଗଣ୍ୟ। ତେବେ ପଶୁପକ୍ଷୀମାନେ ଏହି କାର୍ଯ୍ୟ ଅତି ସହଜରେ କରିପାରନ୍ତି। ଏଥିପାଇଁ ସେମାନଙ୍କ ଶରୀରରେ ଥିବା ଏକ ବ୍ୟାକ୍ଟେରିଆର ଭୂମିକା ରହିଥିବା ବିଶେଷଜ୍ଞମାନେ ଜାଣିବାକୁ ପାଇଛନ୍ତି।*



**ନୂଆଦିଲ୍ଲୀ:** ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ କଳିପାରେ ନାହିଁ ମଣିଷ। ହେଲେ ପଶୁପକ୍ଷୀଙ୍କ ନିକଟରେ ପ୍ରକୃତି ଏହି କ୍ଷମତା ଦେଇଛି। ପକ୍ଷୀମାନେ କେବଳ ଚୁମ୍ବକୀୟ କ୍ଷେତ୍ରକୁ ବାରିପାରନ୍ତି ତାହା ନୁହେଁ, ବରଂ ଏହାକୁ ବ୍ୟବହାର କରି ପୃଥିବୀର ବିଭିନ୍ନ ସ୍ଥାନ ପରିକ୍ରମା କରି ପୁନଶ୍ଚ ନିଜ ବାସସ୍ଥଳୀ ଫେରିଆସିଥାନ୍ତି। ପକ୍ଷୀଙ୍କ ଶରୀରରେ ଥିବା ଏକ ପ୍ରକାର ସ୍ୱତନ୍ତ୍ର ଧରଣର ବ୍ୟାକ୍ଟେରିଆ ଏହି କାର୍ଯ୍ୟରେ ସହାୟତା କରିଥାନ୍ତି ବୋଲି ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।

ଋତୁ ଅନୁଯାୟୀ ପକ୍ଷୀମାନେ ପ୍ରବାସ ଯାତ୍ରା କରିଥାନ୍ତି। ପ୍ରବାସୀ ପକ୍ଷୀଙ୍କୁ ଏପରି ଲମ୍ବାପଥ ଅତିକ୍ରମ କରିବାରେ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ବେଶ୍ ସହାୟକ ହୋଇଥାଏ। ମ୍ୟାଗ୍ନେଟିକ୍ ଫିଲ୍ଡକୁ ଅନୁକରଣ କରି ସେମାନେ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। ସେଠାରୁ ପୁନର୍ବାର ରାସ୍ତା ଅନୁକରଣ କରି ନିଜ ପ୍ରକୃତ ଆବାସସ୍ଥଳୀକୁ ଫେରି ଆସିଥାନ୍ତି। ନୂତନ ଅଧ୍ୟୟନରୁ ଜଣାପଡ଼ିଛି, ମଣିଷ ନିକଟରେ ମଧ୍ୟ ଏହି ବିଶେଷ କ୍ଷମତା ରହିଛି। ହେଲେ ତାହା ବେଶ୍ କ୍ଷୀଣ। ସେଣ୍ଟ୍ରାଲ୍ ଫ୍ଲୋରିଡ଼ା ୟୁନିଭର୍ସିଟିର ବନ୍ୟଜୀବ ବିଷାରଦ ରବର୍ଟ ଫିଟାକ୍ କହିଛନ୍ତି, ଏଭଳି ପ୍ରକ୍ରିୟା ବିଷୟରେ ଅଧିକ ଅନୁଧ୍ୟାନ ଲାଗି ପୂର୍ବରୁ ପ୍ରସ୍ତାବ ଦିଆଯାଇଛି। ତେବେ ପ୍ରସ୍ତାବିତ ବିଚାରଧାରା ସମ୍ପୂର୍ଣ୍ଣ ସତ୍ୟ ବୋଲି ପ୍ରମାଣିତ ହୋଇପାରି ନ ଥିଲା। ନୂତନ ଅନୁଧ୍ୟାନରୁ ମିଳିଥିବା ତଥ୍ୟ ସକାରାତ୍ମକ ରହିଛି।

ଏଥିପୂର୍ବରୁ କରାଯାଇଥିବା ଅଧ୍ୟୟନରେ ୨ଟି ଧାରଣାର ପରିକଳ୍ପନା କରାଯାଇଥିଲା। ପ୍ରଥମତଃ ପ୍ରାଣୀ ଶରୀରରେ ଥିବା ଏକ ପ୍ରକାର ପ୍ରୋଟିନ୍ ଆଲୁଅ ପ୍ରତି ଅଧିକ ସମ୍ବେଦନଶୀଳ, ଯାହା ମ୍ୟାଗ୍ନେଟିକ୍ ଫିଲ୍ଡ ଚିହ୍ନିବାରେ ସହାୟକ ହୋଇଥାଏ। ଦ୍ୱିତୀୟତଃ ଜୀବଙ୍କ ନିକଟରେ ଥିବା କ୍ରିଷ୍ଟଲ୍ କ୍ଲଷ୍ଟର ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ବାରିବାରେ କ୍ଷମତା ସୃଷ୍ଟି କରିଥାଏ। ତେବେ ଫିଟାକ୍‌ଙ୍କ ଟିମ୍ ତୃତୀୟ ଧାରଣା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି। ସେମାନଙ୍କ ମତରେ ପକ୍ଷୀମାନେ ମ୍ୟାଗ୍ନେଟିକ୍ ଫିଲ୍ଡକୁ ସାଙ୍କେତିକ ଭାବେ ସେମାନଙ୍କ ଶରୀରରେ ଥିବା ବ୍ୟାକ୍ଟେରିଆ ମାଧ୍ୟମରେ ବାରିବା ଅସମ୍ଭବ ନୁହେଁ। ଏହା ହେଉଛି ମେଗ୍ରେଟୋ ଟେକ୍ଟିକ୍ ବ୍ୟାକ୍ଟେରିଆ (ଏମ୍‌ଟିବି)। ଏହି ବ୍ୟାକ୍ଟେରିଆ ମ୍ୟାଗ୍ନେଟିକ୍ ସଂରଚନାକୁ ଭିତ୍ତିକରି ମ୍ୟାଗ୍ନେଟିକ୍ ଲାଇନ ଅନୁଯାୟୀ ଦିଗ ଦେଖାଇଥାନ୍ତି। ଏହି ଖାସ୍ ସଂରଚନାକୁ ମେଗ୍ରେଟୋଜୋମ୍ସ କୁହାଯାଏ। ୨୦୧୭ରେ ଅଧ୍ୟୟନକାରୀମାନେ ଏହି ତଥ୍ୟ ଉପସ୍ଥାପନ କରିଥିଲେ। ହେଲେ ଏହାକୁ ପ୍ରମାଣିତ କରିବାକୁ ଆବଶ୍ୟକ ପ୍ରମାଣ ଉପସ୍ଥାପନ କରିବାରେ ସକ୍ଷମ ହୋଇ ନ ଥିଲେ। ତେଣୁ ଉପସ୍ଥାପନ କରାଯାଇଥିବା ତଥ୍ୟ ଗ୍ରହଣଯୋଗ୍ୟ ହୋଇପାରି ନ ଥିଲା। ପୁରାତନ ତଥ୍ୟକୁ ସିଦ୍ଧ କରିବା ଲାଗି ନୂତନ ଅଧ୍ୟୟନରେ ଫୋକସ କରିଥିଲେ ଫିଟାକ୍‌ଙ୍କ ଟିମ୍, ଯେଉଁଥିରେ ସେମାନେ ଅନେକାଂଶରେ ସଫଳ ହୋଇଥିବା ମତ ଦେଇଛନ୍ତି।

# ଇନ୍‌ଷ୍ଟାରେ ଜାକ୍‌ଲିନ୍‌ଙ୍କ ଯାଦୁ



ଜାକ୍‌ଲିନ୍ ଫର୍ନାଡେଜ୍

**ମୁମ୍ବାଇ:** ଅଭିନେତ୍ରୀ ଜାକ୍‌ଲିନ୍ ଫର୍ନାଡେଜ୍ ବଲିଉଡ୍‌ରେ ବେଶ୍ ସଫଳ। ୨୦୨୦ରେ ବ୍ୟାକ୍ ଟୁ ବ୍ୟାକ୍ ସଙ୍ଗ୍ ରିଲିଜ୍ କରିବା ସହିତ ନିଜ ସଫଳତାକୁ ମଧ୍ୟ ବେଶ୍ ଉପଭୋଗ କରୁଛନ୍ତି। ଜାକ୍‌ଲିନ୍ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ନିକଟରେ ସେ କିଛି ଫଟୋଶୁଟ୍ କରି ଇନ୍‌ଷ୍ଟାରେ ଅପ୍‌ଲୋଡ୍ କରିଥିଲେ। ଫଟୋଗୁଡ଼ିକୁ ଫ୍ୟାନ୍‌ମାନେ ବେଶ୍ ଲାଇକ୍ କରିଛନ୍ତି। ସେ ସବୁବେଳେ ଫ୍ୟାନମାନଙ୍କ ମନୋରଞ୍ଜନ ପାଇଁ ନିଜର ଫଟୋ ଏବଂ ଭିଡିଓ ଅପ୍‌ଲୋଡ୍ କରିଥାନ୍ତି। ଶ୍ରୀଲଙ୍କାରେ ଜନ୍ମଗ୍ରହଣ କରିଥିବା ବେଳେ ସେଠାରେ ହିଁ ମଡେଲିଂ କରୁଥିଲେ। ୨୦୦୯ରେ ସେ ବଲିଉଡ୍‌ରେ ସୁଜୟ ଘୋଷଙ୍କର ଫାଣ୍ଟାସି ମୁଭି ‘ଆଲାଦିନ୍’ରୁ ଏଣ୍ଟ୍ରି କଲେ। ୨୦୧୧ରେ ସେ ଥ୍ରୀଲର ମୁଭି ମର୍ଡର-୨ରେ ରୋଲ୍ କରି ସଫଳ ହୋଇଥିଲେ। ଏହାପରେ ସେ ପଛକୁ ଆଉ ଫେରିନାହାନ୍ତି। ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମରେ ସେ କାମ କରି ଦର୍ଶକଙ୍କ ହୃଦୟ କିଣିପାରିଛନ୍ତି। ଦେଖିବାକୁ ସୁନ୍ଦରୀ ଯେମିତି ଡ୍ୟାନ୍ସ ଫର୍ମ ମଧ୍ୟ ତାଙ୍କର ସେତିକି ଦମ୍‌ଦାର୍। ସେ ଭଲ ଡ୍ୟାନ୍ସ କରୁଥିବାରୁ ତାଙ୍କୁ ‘ଝଲକ୍ ଦିଖ୍‌ଲାଜା ଶୋ’ରେ ଜଜ୍ ସିଟ୍‌ରେ ମଧ୍ୟ ଦେଖିବାକୁ ମିଳିଥିଲା। ଜାକ୍‌ଲିନ୍ ଆଉ ମଧ୍ୟ କହିଛନ୍ତି ଯେ, ଆଗକୁ ତାଙ୍କର ଦୁଇଟି ଫିଲ୍ମ ଆସିବ। ‘କିକ୍-୨’ ଏବଂ ‘ଭୂତ ପୋଲିସ’। ତେବେ ଦେଖିବାକୁ ବାକି ରହିଲା ଯେ, ତାଙ୍କୁ ଏହି ଫିଲ୍ମରେ କେଉଁ ପ୍ରକାର କ୍ୟାରେକ୍ଟର ମିଳୁଛି। ସେ ଯାହା ହେଉନା କାହିଁକି ଜାକ୍‌ଲିନ୍‌ଙ୍କୁ ଦେଖିବାକୁ ତାଙ୍କ ଫ୍ୟାନ୍‌ମାନେ ଅପେକ୍ଷା କରି ରହିଛନ୍ତି।

# ମେଣ୍ଟାଲ ହେଲ୍‌ଥ ଆପ୍

**ଚଣ୍ଡିଗଡ଼:** ଆପଣ ଚିନ୍ତିତ କିମ୍ବା ଅବସାଦର ଶିକାର ହୋଇଛନ୍ତିକି ? ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। ଆପଣଙ୍କୁ ଅବସାଦରୁ ମୁକ୍ତି ଦେବ ମୋବାଇଲରେ ଥିବା ଆପ୍ସ। ହଁ ଲୋକଙ୍କୁ ଅବସାଦମୁକ୍ତ ରଖିବା ପାଇଁ ଏବେ ହେଲ୍‌ଥ ଗାଇଡ୍ ପାଲଟିଛି ମୋବାଇଲର ଆପ୍ସ। ହରିୟାଣା ଗୁରୁଗ୍ରାମର କେତେଜଣ ଆଇଟି ବିଶେଷଜ୍ଞ ତିଆରି କରିଛନ୍ତି ଏଭଳି ଏକ ଆପ୍। ଏହି ଆପ୍ ନିମନ୍ତେ ଏବେ ଲୋକଙ୍କର ଆକର୍ଷଣ ବଢୁଥିବା ଦେଖିବାକୁ ମିଳୁଛି।

ମେଣ୍ଟାଲ ହେଲ୍‌ଥ ଆପ୍ ଭିନ୍ନ ଭିନ୍ନ ଢଙ୍ଗରେ କାମ କରୁଛି। କିଛି ଆପ୍ ଗ୍ରୁପ୍ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରି ସେମାନଙ୍କ ସମସ୍ୟାକୁ କମ୍ କରିବା ପାଇଁ ଚେଷ୍ଟା କରୁଛନ୍ତି ତ ଆଉ କିଛି ଆପ୍ ଲୋକଙ୍କ ଗତିବିଧି, ସେମାନଙ୍କ ଲାଇଫ୍‌ଷ୍ଟାଇଲ୍ ଓ ବୟସକୁ ନଜରରେ ରଖି ସେହି ଅନୁସାରେ ରୁଟିନ୍ କରି ଜୀବନଧାରଣ ନିମନ୍ତେ ପରାମର୍ଶ ଦେଉଛନ୍ତି। ଆପ୍ ମଧ୍ୟ ବ୍ୟକ୍ତିର ନିଃଶ୍ୱାସପ୍ରଶ୍ୱାସକୁ ଲକ୍ଷ୍ୟ କରି ସେହି ଅନୁସାରେ ହେଲ୍‌ଥ ଗାଇଡ୍ ତିଆରି କରୁଛି। ଏହି ଆପ୍‌କୁ ଗୁଗଲ ପ୍ଲେଷ୍ଟୋରରୁ ଡାଉନଲୋଡ୍ କରାଯାଇପାରିବ। ମୋବାଇଲରେ ଏହି ଆପ୍ ସଂଯୁକ୍ତ ହୋଇ ୨୪ ଘଣ୍ଟା ଆପଣଙ୍କ ପର୍ସନାଲ୍ କାଉନ୍‌ସେଲର ଭଳି ସାଙ୍ଗରେ ରହିପାରିବ। ତେବେ ବିଶେଷଜ୍ଞଙ୍କ କହିବା ଅନୁସାରେ ଏଭଳି ଆପ୍ ନିମନ୍ତେ ଏବେ ଲୋକଙ୍କର ଅଧିକ ଆକର୍ଷଣ ବଢୁଛି। କାରଣ ସବୁ ଜିନିଷ ପାଇଁ ଆପ୍ ଆସିଥିବାବେଳେ ମାନସିକ ଅବସ୍ଥା ସୁଧାରିବା ପାଇଁ ବି ପ୍ରଥମ ଥର ଆପ୍ ଆସିଛି। ମାତ୍ର ଏଭଳି ଆପ୍ କେବଳ ସାମାନ୍ୟ ଅବସାଦର ଶିକାର ହୋଇଥିବା ବ୍ୟକ୍ତିଙ୍କ ନିମନ୍ତେ ଫାଇଦା ଆଣିପାରିବ କିନ୍ତୁ ଗୁରୁତର ମାନସିକ ଅବସାଦର ଶିକାର ବ୍ୟକ୍ତିଙ୍କ ପାଇଁ ଏହି ଆପ୍ ବିଶେଷ ଫଳପ୍ରଦ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେବେ ମନୋବିଜ୍ଞାନୀ କିମ୍ବା ମନୋଚିକିତ୍ସକଙ୍କର ଏହା କଦାପି ହେଲେ ବିକଳ୍ପ ହୋଇପାରିବ ନାହିଁ ବୋଲି ମତ ପ୍ରକାଶ ପାଇଛି।



# ଆଇସ୍‌କ୍ରିମ୍ ବଡାପାଓ



**ଅହମ୍ମଦାବାଦ:** ବେଳେବେଳେ ଲୋକେ ଅଜବ ପ୍ରକାରର ଖାଦ୍ୟ ତିଆରି କରି ଚର୍ଚ୍ଚିତ ହୋଇଥାନ୍ତି। କିନ୍ତୁ ଆଇସ୍‌କ୍ରିମରେ ବଡ଼ାପାଓ ତିଆରି କରିବା କଥା କେହି କେବେ ହୁଏତ ଶୁଣି ନ ଥିବେ। ଗୁଜରାଟର ଜଣେ ବ୍ୟକ୍ତି ଏଭଳି ଏକ ବିଶେଷ ପ୍ରକାରର ଖାଦ୍ୟ ତିଆରି କରି ଏବେ ଲୋକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି। ସୋସିଆଲ୍ ମିଡିଆରେ ଏବେ ଏହି ଖବର ଖୁବ୍‌ଶୀଘ୍ର ଭାଇରାଲ୍ ହେବାରେ ଲାଗିଛି।

କ୍ୱାଣ୍ଟିନ୍ କ୍ୱାରାଣ୍ଟିନୋ ନାମରେ ଥିବା ଏକ ଟୁଇଟର ଆକାଉଣ୍ଟରେ ଏଭଳି ଏକ ଖାଦ୍ୟ ସମ୍ପର୍କରେ ପ୍ରଥମେ ଏକ ଭିଜୁଆଲ ଦେଖିବାକୁ ମିଳିଥିଲା। ଏକ ମିନିଟର ଏହି ଭିଜୁଆଲରେ ବ୍ୟକ୍ତିଜଣକ ଆଇସକ୍ରିମ ବଡାପାଓ ତିଆରି କରିବାର ଶୈଳୀ ଦେଖାଉଛନ୍ତି। ପ୍ରଥମେ ସେ ପାଓ ଭିତରେ ବିଭିନ୍ନ ପ୍ରକାରର ଶସ୍ ପକାଇ ତା’ପରେ ଆଇସ୍‌କ୍ରିମ୍ ରଖି ପୁଣି ସେଥିରେ ଶସ୍ ଓ ଅନ୍ୟ ଫ୍ଲେଭରର ଟୁଟି ଫ୍ରୁଟି ଚେରୀ ପକାଉଛନ୍ତି। ଶେଷରେ ସେ ଆଇସକ୍ରିମ୍ ବଡ଼ାପାଓ ସର୍ଭ କରୁଛନ୍ତି। ଏଭଳି ଏକ ଭିନ୍ନ ଧରଣର ଖାଦ୍ୟକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ଆଶ୍ଚର୍ଯ୍ୟଜନକଭାବେ ଏଭଳି ଖାଦ୍ୟ ପାଇଁ ଲୋକଙ୍କର ଆକର୍ଷଣ ଢେର୍ ଅଧିକ ଥିବା ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ସେଥିପାଇଁ ଏହି ଭିଜୁଆଲକୁ ଲକ୍ଷ ଲକ୍ଷ ଲୋକ ଦେଖିବା ସହିତ ହଜାର ହଜାର ଲୋକେ ରିଟୁଇଟ୍ ବି କରିଛନ୍ତି। ଏହି ବିଶେଷ ପ୍ରକାରର ଖାଦ୍ୟ ନିମନ୍ତେ ସୋସିଆଲ ମିଡିଆରେ ବହୁ ସଂଖ୍ୟାରେ କମେଣ୍ଟ ମଧ୍ୟ ମିଳିଛି। ଭିଜୁଆଲକୁ ଦେଖି କିଛି ଲୋକ ଏହାର ସ୍ୱାଦକୁ ଅନୁମାନ କରିଥିବାବେଳେ ଅନେକ ଏହାକୁ ଅଜବ କହିଛନ୍ତି। ପୂର୍ବରୁ ସୁଇଟ୍ ରୋଜ୍ ମ୍ୟାଗି, ଚକୋଲେଟ୍ ଚିକେନ୍, ରେଡ୍ ଶସ୍ ପାସ୍ତା ଦୋସା ଭଳି ଅଜବ ଖାଦ୍ୟ ଅନେକ ଥର ଚର୍ଚ୍ଚାକୁ ଆସିଛି, କିନ୍ତୁ ଆଇସ୍‌କ୍ରିମ୍ ବଡ଼ାପାଓ ଭଳି ପୂର୍ବରୁ କୌଣସି ଖାଦ୍ୟ ଏତେ ଭାଇରାଲ୍ ହୋଇଥିବା ଦେଖିବାକୁ ମିଳି ନ ଥିଲା।

# ଓଡ଼ିଶାରେ ଚତୁର୍ଥ ପର୍ଯ୍ୟାୟରେ ସଂକ୍ରମଣ

## ଦିନକରେ ୪,୨୪୧ ଆକ୍ରାନ୍ତ, ୧୩ ମୃତ

- ରାଜ୍ୟରେ ପଜିଟିଭ୍ ହାର ୬.୩୮%
- ସଂକ୍ରମଣ ୧,୬୭,୧୬୧ ଛୁଇଁଲା, ମୃତ୍ୟୁ ୬୬୯
- ଆରୋଗ୍ୟ ସଂଖ୍ୟା ୧,୩୩,୪୬୬କୁ ବୃଦ୍ଧି



ଭୁବନେଶ୍ୱର,୧୭।୯(ବ୍ୟୁରୋ)

ରାଜ୍ୟରେ ତୃତୀୟଥର ପାଇଁ ସଂକ୍ରମଣ ୪ହଜାର ଉପରେ ରହିଛି। କରୋନା ମହାମାରୀର ଏହି ଧାରା ସହଜରେ ତଳକୁ ଖସିବନି, ଅକ୍ଟୋବର ମଝିଯାଏ ଜାରି ରହିବ। ନଭେମ୍ବର ୧୭ ବେଳକୁ ଆଡକୁ ଧୀରେ ଧୀରେ ନିୟନ୍ତ୍ରଣକୁ ଆସିବ। ବର୍ତ୍ତମାନ ସଂକ୍ରମଣ ସ୍ଥିତି ଚତୁର୍ଥ ପର୍ଯ୍ୟାୟରେ ରହିଛି। ଆସନ୍ତା ୨ ମାସ ଅଧିକ ସତର୍କ ରହିବାକୁ ପଡ଼ିବ। ଯଦି ଲୋକେ ସଚେତନ ନ ହୁଅନ୍ତି, ତେବେ ଆଗକୁ ପ୍ଲାଟୋ ବା ବିସ୍ଫୋରକ ସ୍ଥିତି ସୃଷ୍ଟି ହେବ ବୋଲି ଡା. ନିରଜ ମିଶ୍ର କହିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଏପରି ପୂର୍ବାନୁମାନ ଅନେକ ଗୁରୁତ୍ୱ ବହନ କରୁଛି। କରୋନା ଯୋଦ୍ଧାଙ୍କଠାରୁ ଆରମ୍ଭ କରି ଜନସାଧାରଣ, ସମସ୍ତଙ୍କ ପାଇଁ ଆହ୍ୱାନ ହୋଇଛି।

ଏପରି ସ୍ଥଳେ ସରକାରଙ୍କ ଦୈନିକ କୋଭିଡ୍ ତଥ୍ୟ ଆଉଏକ ଚେତାବନୀ ଦେଇଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ପୁଣି ୪,୨୪୧ଜଣ ସଂକ୍ରମିତ କରିଛି କରୋନା। ୧୭୩୯ଜଣ ସ୍ଥାନୀୟ ଆକ୍ରାନ୍ତ ଥିବାବେଳେ ୨୫୦୨ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଛନ୍ତି। ପୂର୍ବଭଳି ଖୋର୍ଦ୍ଧା ଜିଲାରେ ସର୍ବାଧିକ ୫୧୭ଜଣ ଥିବାବେଳେ କଟକରେ ୩୮୯, ପୁରୀ ୨୯୧, ସୁନ୍ଦରଗଡ଼ ୧୫୪, ଯାଜପୁର ୧୫୦, ବରଗଡ଼ ୧୪୯, ମୟୂରଭଞ୍ଜ ୧୪୭, ବାଲେଶ୍ୱର ୧୪୧, ସୁବର୍ଣ୍ଣପୁର ୧୨୯, ଜଗତ୍ସିଂହପୁର ୧୨୬, କନ୍ଧମାଳ ୧୧୬, କଳାହାଣ୍ଡି ୧୧୪, ଝାରସୁଗୁଡ଼ା ୧୧୧, ନବରଙ୍ଗପୁର ୧୦୭ ଓ କେନ୍ଦ୍ରାପଡ଼ାରେ ଆଉ ୧୦୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବାକି ଆକ୍ରାନ୍ତ ଅନ୍ୟସବୁ ଜିଲାରୁ ବାହାରିଥିବାବେଳେ ବରଗଡ଼ ଜିଲାରୁ ସବୁଠାରୁ କମ୍ ୬ଜଣ ନୂଆ ପଜିଟିଭ୍ ରହିଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୬୭,୧୬୧ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୬,୧୯,୬୦୧ଟି କୋଭିଡ୍ ନମୁନା ପରୀକ୍ଷା କରାଯାଇଥିଲା। ଏହାର ମାତ୍ର ୬.୩୮% ପଜିଟିଭ୍ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

ଅନ୍ୟପକ୍ଷରେ କରୋନାରେ ଆଉ ୧୩ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଓ ପୁରୀରୁ ୪ଜଣ ଲେଖାଏ ରହିଥିବାବେଳେ ଗଜପତିରୁ ୨, କଟକ, ବାଲେଶ୍ୱର ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ମରିଛନ୍ତି। ଫଳରେ ରାଜ୍ୟର କରୋନା ମୃତ୍ୟୁ ୬୬୯ ଛୁଇଁଛି। ସେହିପରି ଆଉ ୩,୬୦୭ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୧,୩୩,୪୬୬କୁ ବୃଦ୍ଧି ପାଇଛି।






# ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ ଖାରଜ ପାଇଁ ସାକ୍ଷର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦ୍ୱାରା ଅଣାଯାଇଥିବା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ କ୍ୟାବିନେଟ୍‌ରେ ମଞ୍ଜୁରୀ ପାଇବା ପରେ ଏହା ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଅଧ୍ୟାଦେଶ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ ନଷ୍ଟ କରିବା ସହିତ କୁଳାଧିପତିଙ୍କ କ୍ଷମତାକୁ ସଂକୁଚିତ କରିବ ବୋଲି ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର କ୍ୟାମ୍ପସର ରାଜନୀତୀକରଣ କରୁଛନ୍ତି ଏବଂ ଦୁର୍ନୀତିର ଗଳାବାଟ ଖୋଲିବାକୁ ଚେଷ୍ଟା କରୁଛନ୍ତି ବୋଲି ବିଭିନ୍ନ ସ୍ତରରୁ ଅଭିଯୋଗ ଉଠୁଛି। ତେବେ ଏହି ଅଧ୍ୟାଦେଶକୁ ରାଜ୍ୟର ଶିକ୍ଷାବିତ୍ ଓ ବିଭିନ୍ନ ସଙ୍ଗଠନ ବିରୋଧ କରୁଥିବାବେଳେ ବଡ଼ଧରଣର ଆନ୍ଦୋଳନ ଦାନା ବାନ୍ଧୁଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଏହି ଆନ୍ଦୋଳନର ନେତୃତ୍ୱ ନେଇଛି। ଅନ୍‌ଲାଇନ ମାଧ୍ୟମରେ ଏହି ଅଧ୍ୟାଦେଶକୁ ଖାରଜ କରିବା ପାଇଁ ଏବିଭିପି ପିଟିଶନ ସ୍ୱାକ୍ଷର ଅଭିଯାନ ଆରମ୍ଭ କରିଛି। ଆଗାମୀ ଦିନରେ ଏହା ବିରୋଧରେ ସମଗ୍ର ଛାତ୍ର ସମାଜ ଆନ୍ଦୋଳନ କରିବ ବୋଲି ଏହାର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର କହିଛନ୍ତି।

# ତେଲଙ୍ଗାନା ଏନ୍‌ଟିପିସି ନେଲା ଓଡ଼ିଶା କୋଇଲା ଖଣି

ଭୁବନେଶ୍ୱର,୧୭।୯(ବ୍ୟୁରୋ)

କେନ୍ଦ୍ର ସରକାର ଓଡିଶାର ମନ୍ଦାକିନୀ-ବି କୋଇଲା ଖଣିକୁ ତେଲଙ୍ଗାନାର ଏନ୍‌ଟିପିସିକୁ ପ୍ରଦାନ କରିଛନ୍ତି। ତେଲଙ୍ଗାନାର ରାମଗୁଣ୍ଡମ୍ ଠାରେ ଥିବା ଏନ୍‌ଟିପିସିର ୪ ହଜାର ମେଗାୱାଟ୍ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଏହି ଖଣିରୁ କୋଇଲା ଯୋଗାଣ ହେବ। ଟିଆର୍‌ଏସ୍ ଏମ୍‌ପି ରଞ୍ଜିତ ରେଡ୍ଡୀଙ୍କ ପ୍ରଶ୍ନର ଉତ୍ତରରେ ବୁଧବାର କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଲୋକ ସଭାରେ ଏହି ସୂଚନା ଦେଇଛନ୍ତି। ଉକ୍ତ ଖଣିରୁ ବାର୍ଷିକ ୨୦ ନିୟୁତ ଟନ୍ କୋଇଲା ଯୋଗାଇବାକୁ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏଥିସହିତ ରାଜ୍ୟ ସରକାର କେଟିପିଏସ୍, ଭଦ୍ରାଦ୍ରି ଏବଂ ୟାଦ୍ରାଦ୍ରି ପାୱାର ପ୍ଲାଣ୍ଟ ପାଇଁ ବାର୍ଷିକ ୨୨.୨ ନିୟୁତ ଟନ୍‌ର କୋଲ୍ ଲିଙ୍କେଜ୍ ଦେବାକୁ ଅନୁରୋଧ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଚୌଦ୍ୱାର ଜେଲ୍‌ର ଜଣେ କର୍ମଚାରୀ ସଂକ୍ରମିତ

ଚୌଦ୍ୱାର,୧୭।୯(ଡି.ଏନ୍.ଏ)

ଚୌଦ୍ୱାର ମଣ୍ଡଳ କାରାଗାରର ଜଣେ କର୍ମଚାରୀ କରୋନା ସଂକ୍ରମିତ ହୋଇଥିବା ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି। କୋର୍ଟ କାର୍ଯ୍ୟ କରୁଥିବା ଉକ୍ତ କର୍ମଚାରୀ ଜଣକ କଟକରେ ନମୁନା ପରୀକ୍ଷା ପାଇଁ ଦେଇଥିଲେ। ସେ ଚୌଦ୍ୱାର ଜେଲରେ ବିଭିନ୍ନ ୱାର୍ଡ ଓ କାର୍ଯ୍ୟାଳୟକୁ ଯାଇଥିବାରୁ ଏସବୁ ସ୍ଥାନକୁ ସାନିଟାଇଜ କରାଯାଇଥିବା ଅଧୀକ୍ଷକ ମିଶ୍ର ପ୍ରକାଶ କରିଛନ୍ତି। ଏହାସହ ଚିହ୍ନଟ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ନମୁନା ପରୀକ୍ଷାର ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।

# ଆଉ ଏକ ଭାଲୁ ମୃତ

ବାରଙ୍ଗ,୧୭।୯(ଡି.ଏନ୍.ଏ.)

**ନନ୍ଦନକାନନ**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଭାଲୁ ସଫାରିର ଆଉ ଏକ ଭାଲୁ ଆରତିର ଗୁରୁବାର ମୃତ୍ୟୁ ଘଟିଛି। ୨୭ବର୍ଷର ଏହି ଭାଲୁଟି ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେବା ସହ ପାଟିରୁ ଲାଳ ବାହାର କରି ଅସୁସ୍ଥ ହୋଇପଡିଥିଲା। ଏଥିପାଇଁ ତାକୁ ସୋମବାର ଡାକ୍ତରଖାନାକୁ ଅଣାଯାଇ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। କିନ୍ତୁ ଗୁରୁବାର ଭୋର ସମୟରେ ଭାଲୁଟି ମୃତ୍ୟୁବରଣ କରିଥିବା କର୍ମଚାରୀମାନେ ଦେଖିଥିଲେ। ୧୩ ସେପ୍ଟେମ୍ବର ୨୦୧୩ରେ ରାଞ୍ଚିରୁ ଭାଲୁ ଆରତିକୁ ନନ୍ଦନକାନନ ଅଣାଯାଇଥିଲା। ଗତ ୧୫ଦିନ ତଳେ ଭାଲୁଙ୍କୁ ଯକ୍ଷ୍ମାର ପ୍ରତିଷେଧକ ପାଇଁ ଔଷଧ ଦିଆଯାଇଥିଲା। ଏହାପରଠାରୁ ଭାଲୁଙ୍କ ସ୍ୱାସ୍ଥ୍ୟରେ ଅବନତି ହେବାରେ ଲାଗିଥିଲା। ତେବେ ଭାଲୁଙ୍କର ମୃତ୍ୟୁ ଯକ୍ଷ୍ମା ଔଷଧର କୁପରିଣାମ, ନା ସଂକ୍ରମଣ ନା ଅନ୍ୟ କିଛି କାରଣ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଭିତରେ ଦୁଇଟି ହିମାଳୟ ଭାଲୁ ଓ ଦୁଇଟି ଦେଶୀଭାଲୁ ମୃତ୍ୟୁବରଣ କରିସାରିଥିବାବେଳେ ଦେଶୀଭାଲୁ ଲିଜା ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛି। ଜୁନରେ ହିମାଳୟ କଳା ଭାଲୁ କୁଲ୍ଲୁ, ଅଗଷ୍ଟରେ ହିମାଳୟ କଳା ଭାଲୁ ଚୁଲୁ ଏବଂ ଚଳିତମାସରେ ଦେଶୀଭାଲୁ ଦେବାଶିଷ ଓ ଆରତିର ମୃତ୍ୟୁ ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେବେ ଚଳିତମାସର ୫ତାରିଖରେ ୨ ମାଣ୍ଡାରିନ ବତକ, ୬ ତାରିଖରେ ୨ ଚିତ୍ରା ଓ ୨ କୁଜି ହରିଣ, ୯ ତାରିଖରେ ଗୋଟିଏ କପୋତ, ୧୩ତାରିଖରେ ସମ୍ବର, ୧୬ ତାରିଖରେ ଭାଲୁ ଦେବାଶିଷ ମୃତ୍ୟୁବରଣ କରିଥିବା ଜଣାପଡିଛି।




**ଆଜିର ମନ୍ତବ୍ୟ**

"ନିଯୁକ୍ତି ପାଇବାକୁ ଲୋକେ ହକ୍‌ଦାର। ସରକାର ଏହି ପ୍ରସଙ୍ଗକୁ ବେଶି ଦିନ ଅଗ୍ରାହ୍ୟ କରିପାରିବେନି।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପ୍ରୀତି
ପରିବାରବର୍ଗ


ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କଟକରେ ବ୍ରାଉନସୁଗାର ବିକୁଛନ୍ତି ୨ ଭାଇ

**କଟକ ଅଫିସ,୧୭।୯**

ଦିନ ଦ୍ୱିପ୍ରହରରେ ଖୋଲା ବଜାରରେ ବେଧଡକ ଭାବେ ବିକ୍ରି ହେଉଛି ବ୍ରାଉନ୍‌ସୁଗାର। ଦୁଇ ଭାଇ ହିଁ ଏହି ବେଆଇନ ବେପାରର କର୍ଣ୍ଣଧାର। ଜଣେ ଭାଇ ବାଲେଶ୍ୱରର ଜଳେଶ୍ୱରରୁ ବ୍ରାଉନ୍‌ସୁଗାର ଆଣନ୍ତି। ପରେ ଦୁଇଜଣ ମିଶି କଟକରେ ଏହାକୁ ବିକ୍ରି କରନ୍ତି। ଏଭଳି ଘଟଣାରେ ଜଗତ୍‌ପୁର ପୋଲିସ ଅଭିଯୁକ୍ତ ଘୁଙ୍ଗା ଓରଫ କାର୍ତ୍ତିକ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ୧୦.୩୦୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୩୭୮/୨୦) ରୁଜୁ ହୋଇଛି। ଘୁଙ୍ଗାର ସାନଭାଇ ବୁଢୁ ଓରଫ ସନାତନ ଦାସ ବ୍ରାଉନ୍‌ସୁଗାର ଆଣନ୍ତି ବୋଲି ସେ ପୋଲିସ ନିକଟରେ ବୟାନ ଦେଇଛନ୍ତି।

ଜଗତ୍‌ପୁର ମାର୍କେଟ କମ୍ପ୍ଲେକ୍ସ ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ଘୁଙ୍ଗା ବ୍ରାଉନସୁଗାର ବିକ୍ରି କରୁଥିଲେ। ପୋଲିସ ଖବରପାଇ ସ୍ପେଶାଲ ସ୍କ୍ୱାଡ୍ ଟିମ୍‌ର ସହାୟତାରେ ସେଠାରେ ଚଢାଉ କରି ଘୁଙ୍ଗାଙ୍କୁ ଗିରଫ କରିଥିଲା। ମାର୍କେଟ କମ୍ପ୍ଲେକ୍ସର ପଛ ପାର୍ଶ୍ୱରେ ସେ ଏହି କାରବାର ଚଳାଇ ଆସୁଥିଲେ। ଘୁଙ୍ଗା ପୋଲିସ ଆଗରେ ଦେଇଥିବା ବୟାନ ଅନୁଯାୟୀ, ଦୁଇ ଭାଇ କଟକକୁ ବ୍ରାଉନସୁଗାର ଯୋଗାଇ ଚାଲିଛନ୍ତି। ସନାତନଙ୍କର ଜଳେଶ୍ୱରର ବ୍ରାଉନ୍‌ସୁଗାର ମାଫିଆଙ୍କ ସହ ଯୋଗାଯୋଗ ରହିଛି। ସେ ପ୍ରତ୍ୟେକ ମାସରେ ଅର୍ଡର ଦେଇ କିମ୍ବା ନିଜେ ବାଲେଶ୍ୱର ଯାଇ ବ୍ରାଉନସୁଗାର ଆଣନ୍ତି। ସନାତନ ମଧୁପାଟଣା, କଲ୍ୟାଣୀନଗର, ନୂଆପଡ଼ା, ବାଦାମବାଡ଼ି ଆଦି ଅଞ୍ଚଳରେ ବ୍ରାଉନସୁଗାର କାରବାର କରୁଥିବାବେଳେ ଘୁଙ୍ଗା ଜଗତ୍‌ପୁର, ମହାନଦୀ ବିହାର ଆଦି ଅଞ୍ଚଳରେ ଏହାକୁ ବିକ୍ରି କରନ୍ତି। ମୋଟା ଅଙ୍କର ବ୍ରାଉନସୁଗାର କିଣିବା ପରେ ଏହାକୁ ଗ୍ରାମ୍ ପିଛା ବିକ୍ରି କରନ୍ତି। ଗୋଟିଏ ଗ୍ରାମକୁ ୪ଟି ପୁଡିଆ କରାଯାଏ। ପ୍ରତ୍ୟେକ ପୁଡିଆର ଦାମ୍ ୬୦୦ ଟଙ୍କାରେ ବିକ୍ରି ହୁଏ ବୋଲି ଘୁଙ୍ଗା ପୋଲିସ ନିକଟରେ କହିଛନ୍ତି। ସନାତନଙ୍କ ନାମରେ ଚାଉଳିଆଗଞ୍ଜ ଓ ଟାଙ୍ଗୀ ଥାନାରେ ଏକାଧିକ ମାମଲା ରହିଛି। ସେ ଜଣେ କୁଖ୍ୟାତ ଅପରାଧୀ ବୋଲି ପୋଲିସ ରେକର୍ଡରେ ଉଲ୍ଲେଖ ରହିଛି। ଏବେ ସେ ଫେରାର ଥିବାବେଳେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଖୋଜାଖୋଜି କରୁଛି ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିପଦ ବେଳେ ନ ହୁଅ କାତର**
**ସମ୍ପଦ ବେଳେ ନ ହୁଅ ଚାତର।**

ବିପଦ ପଡିଥିବା ବେଳେ ମ୍ରିୟମାଣ ନ ହୋଇ ଏହାକୁ ଧୈଯ୍ୟର ସହ ମୁକାବିଲା ବା ସାମ୍ନା କରିବା ଉଚିତ। ବିପଦକୁ ସାମ୍ନା କରିବା ପାଇଁ ମନରେ ସାହସ ବାନ୍ଧିଲେ ବିପଦ ଟଳିଯାଏ। ସେହିପରି ସମ୍ପଦ ପ୍ରାପ୍ତିରେ ମନରେ କୌଣସି ପ୍ରକାର ଗର୍ବ ଏବଂ ଅହଂକାର ଆଣିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବ୍ରାହ୍ମଣ ରଜା, ଖଣ୍ଟ ପରଜା**
**ଦଉଡ ଆମ୍ବିଳ, ଶୀତଳ ଭଜା**
**ଏ ବଡ଼ ମନ୍ଦ।**

ବ୍ରାହ୍ମଣ ରାଜ୍ୟର ଶାସନ ଭାର ତୁଲାଇବାରେ ସେତେ ସକ୍ଷମ ହୋଇ ନ ଥାନ୍ତି, ଫଳରେ ଦେଶରେ ନାନା ଅରାଜକତା ଦେଖାଦିଏ। ପ୍ରଜା ଚୋର ବା ଖଣ୍ଟ ହେଲେ ନାନା ବିଶୃଙ୍ଖଳା ସୃଷ୍ଟି ହେବା ସହ ଲୋକଙ୍କ ଧନଜୀବନ ଅସୁରକ୍ଷିତ ହୋଇଯାଏ। ଗରମ ଆମ୍ବିଳ ଖାଇବାକୁ ଭଲ ଲାଗି ନ ଥାଏ। ସେହିପରି ଭଜା ଶିତଳ ହେଲେ ପାଟିକୁ ରୁଚୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ପ୍ରଥମ ପୃଷ୍ଠାରୁ...

### ୧୧୦୦ କୋଟିର ସହାୟତା...

କରାଯାଇଥିଲା। କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କ ବନ୍ୟା ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଛନ୍ତି। କେନ୍ଦ୍ର ସରକାର ବନ୍ୟା ପରବର୍ତ୍ତୀ ଥଇଥାନ ଓ ମରାମତି ପାଇଁ କେବଳ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ୍) ଅର୍ଥ ଭରଣା କରିବ ନାହିଁ, ନଦୀବନ୍ଧ ମରାମତି, ନୂତନ ନଦୀବନ୍ଧ ନିର୍ମାଣ, ବିପର୍ଯ୍ୟୟ ସହନଶୀଳ ଗୃହ ନିର୍ମାଣ ଓ ଭିତ୍ତିଭୂମି ନିର୍ମାଣର ସମସ୍ତ କ୍ଷେତ୍ରରେ ସହାୟତା ଯୋଗାଇ ଦେବ ବୋଲି କେନ୍ଦ୍ରୀୟ ଟିମ୍ ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍‌ଶୀଘ୍ର ଏ ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ପ୍ରବୀଣ ବଶିଷ୍ଠ କହିଛନ୍ତି। କେନ୍ଦ୍ରୀୟ ଟିମ୍ ଦୁଇ ଭାଗରେ ବିଭକ୍ତ ହୋଇ ବୁଧବାର ଓ ଗୁରୁବାର ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ପୁରୀ ଜିଲାର ବନ୍ୟାଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ବୁଧବାର କେନ୍ଦ୍ରାପଡା, ଭଦ୍ରକ ଓ ଯାଜପୁର ବୁଲି ଦେଖିବା ବେଳେ ଗୁରୁବାର ପୁରୀ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ।

ପୁରୀ ଜିଲାର ସବୁଠୁ ଅଧିକ କ୍ଷତିଗ୍ରସ୍ତ କଣାସ ବ୍ଲକର ପାଣ୍ଡିଆକେରା ପଞ୍ଚାୟତ ଗଡ଼ମାଟିଆପଡ଼ାର ନୂଆସାହିଠାରେ ଦୟାନଦୀରେ ହୋଇଥିବା ଘାଇ ବୁଲି ଦେଖିଥିଲେ। ସେଠାରେ କ୍ଷୟକ୍ଷତି ଆକଳନ କରିବା ସହ ଘାଇର ଫଟୋ ଉଠାଇ ଥିଲେ। ବନ୍ୟାପାଣିରେ ଉଜୁଡ଼ି ଯାଇଥିବା ଫସଲ ସମ୍ପର୍କରେ ଚାଷୀଙ୍କ ସହିତ କଥା ହୋଇଥିଲେ। ଏହାପରେ ଟିମ୍ ଗଡ଼ମାଟିଆପଡ଼ା ଗାଁକୁ ଯାଇ ବନ୍ୟା କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ। ଫେରିବା ବେଳେ ଗାଁ ଲୋକେ ସେମାନଙ୍କୁ ଅସୁବିଧା ସମ୍ପର୍କରେ ଜଣାଇଥିଲେ। ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବା ପରେ କେନ୍ଦ୍ରୀୟ ଟିମ୍ ନୂଆଦିଲ୍ଲୀ ଫେରି ଯାଇଛନ୍ତି।

### କରୋନା: କଟକଣା ଭାଙ୍ଗିଲେ...

ସହ ଡିଜିପି ଦ୍ୱୈତନଗରୀର ସ୍ଥିତିକୁ ନେଇ ଆଲୋଚନା କରିଥିଲେ। ବୈଠକରୁ ମିଳିଥିବା ସୁଚନାନୁସାରେ, କରୋନା କଟକଣା ସମ୍ବନ୍ଧୀୟ ଆଇନଗତ କାର୍ଯ୍ୟକାରିତାକୁ ବଜାର ଓ ନିର୍ଦ୍ଦିଷ୍ଟ ହଟସ୍ପଟ୍‌ଗୁଡ଼ିକରେ କଠୋର ଭାବେ ଗ୍ରହଣ କରାଯିବ। ଏବେ ସବୁଠି ଭିଡ଼ ଦେଖିବାକୁ ମିଳୁଛି। ଦୋକାନ ଓ ଶପିଂ ମଲ୍‌ରେ ଗାଇଡ୍‌ଲାଇନ୍ ପାଳନ ହେଉନି। କଟକଣା ଉଲ୍ଲଂଘନ ହେଉଥିବାରୁ ବ୍ୟାପକ ଚଢାଉ କରାଯିବ। କଟକଣା ଭାଙ୍ଗୁଥିବା ବ୍ୟକ୍ତି, ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯିବ। ଏସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ୫୦ ପୋଲିସ ଅଧିକାରୀ ନିୟୋଜିତ ହେବେ। ଏଥିସହ ୫ ପ୍ଲାଟୁନ ଅଧିକ ପୋଲିସ ଫୋର୍ସ ଯୋଗାଇ ଦିଆଯିବ। ପ୍ରତ୍ୟକ ଛକରେ ପୋଲିସର କଡ଼ା ପ୍ରହରା କରାଯାଇ ଯାଞ୍ଚକୁ କଡ଼ାକଡ଼ି କରାଯିବ। ଏହାଛଡ଼ା ବ୍ୟାପକ ସଚେତନତା ମାଧ୍ୟମରେ ଜନସାଧାରଣଙ୍କ ସହଯୋଗ କାମନା କରାଯିବ। ତେବେ ଭୁବନେଶ୍ୱରରେ ସଂକ୍ରମଣ ହୁହୁ ହୋଇ ବଢୁଥିବାରୁ ଏହା ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ସ୍ଥିତି ନିୟନ୍ତ୍ରଣ ସହ କାର୍ଯ୍ୟାନୁଷ୍ଠାନକୁ ଦୃଢ଼ କରିବା ପାଇଁ ଭୁବନେଶ୍ୱରକୁ ୩ ଜୋନ୍‌ରେ ବିଭକ୍ତ କରାଯିବ। ପ୍ରତି ଜୋନ୍‌ରେ ଜଣେ ଡିସିପି ପାହ୍ୟାର ଅଧିକାରୀ ଦାୟିତ୍ୱରେ ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ କରୋନା ଯୋଦ୍ଧା ସାଜିଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ସଂକ୍ରମିତ ହେଉଥିବା ଦେଖିବାକୁ ମିଳିଛି। ଦିନକୁ ଦିନ ଏହି ସଂଖ୍ୟା ବଢୁଥିବାରୁ ପୋଲିସ ପ୍ରଶାସନ ପାଇଁ ଚିନ୍ତା ବଢ଼ିଛି। ଯେଉଁ ପୋଲିସ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି, ସ୍ୱତନ୍ତ୍ର ଭାବେ ସେମାନଙ୍କ ଯତ୍ନ ନିଆଯିବ। ଏଥିପାଇଁ ଷ୍ଟେଟ୍ ସେଣ୍ଟ୍ରାଲ ଷ୍ଟୋର୍‌ରୁ ଅଧିକ ପିପିଇ କିଟ୍ ଓ ଫେସ୍ ସିଲ୍ଡ ସଂଗ୍ରହ କରିବାକୁ ଦ୍ୱୈତନଗରୀର ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଥାନାକୁ ଏବେ ଏସବୁକୁ ଅଧିକ ପରିମାଣରେ ଯୋଗାଇ ଦିଆଯିବ। ଥାନାର କର୍ମଚାରୀ ଏହାକୁ ବ୍ୟବହାର କରିବା ପାଇଁ ଥାନାଧିକାରୀ ଉତ୍ସାହିତ କରନ୍ତୁ ବୋଲି ଡିଜିପି କହିଥିଲେ। ବୈଠକରେ ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ, ଆଇଜି ଏସ୍. ପ୍ରବୀଣ କୁମାର, ଭୁବନେଶ୍ୱର ଡିସିପି ଡ. ଉମାଶଙ୍କର ଦାଶ, କଟକ ଡିସିପି ପ୍ରତୀକ ସିଂ ଓ ଏଆଇଜି ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### 'କୌଣସି ପରିସ୍ଥିତିରେ...

କଥିତ ସିନୋ-ପାକିସ୍ତାନ 'ସୀମା ରାଜିନାମା' ଅନୁଯାୟୀ ପାକିସ୍ତାନ ପିଓକେ(ପାକିସ୍ତାନ ଅଧିକୃତ କଶ୍ମୀର)ରୁ ଚାଇନା ପର୍ଯ୍ୟନ୍ତ ଭାରତୀୟ ଅଞ୍ଚଳରେ ଏକ ଲକ୍ଷ ୮୦ହଜାର କିଲୋମିଟର ବେଆଇନ ଭାବେ ଦଖଲ କରିଛି। ଚାଇନା ମଧ୍ୟ ଅରୁଣାଚଳ ପ୍ରଦେଶର ଭାରତ-ଚାଇନା ସୀମାର ପୂର୍ବ ଅଞ୍ଚଳରେ ପ୍ରାୟ ୯୦ହଜାର ବର୍ଗ କିଲୋମିଟର ଭାରତୀୟ ଅଞ୍ଚଳକୁ ନିଜର ବୋଲି ଦାବି କରୁଛି। ଏଲ୍‌ଏସିର ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉଭୟ ଦେଶର ପ୍ରାଥମିକ କାର୍ଯ୍ୟ। ଭାରତୀୟ ଯବାନ ଏହାକୁ ଠିକ୍ ଭାବେ ଅନୁସରଣ କରୁଥିବାବେଳେ ଚାଇନା ପକ୍ଷରୁ ଏହା କରାଯାଉ ନାହିଁ। ଗତ କିଛି ବର୍ଷ ମଧ୍ୟରେ ଚାଇନା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ନିଜର ସୈନ୍ୟ ବୃଦ୍ଧି ପାଇଁ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଚଳାଇଛି। ଭାରତ ସରକାର ମଧ୍ୟ ଏହାକୁ ଦୃଷ୍ଟିରେ ରଖି ସୀମାନ୍ତ ଅଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ବଜେଟକୁ ଦ୍ୱିଗୁଣିତ କରିଛନ୍ତି ବୋଲି ରାଜନାଥ କହିଛନ୍ତି। ପୂର୍ବରୁ ମଙ୍ଗଳବାର ରାଜନାଥ ସିଂ ଲୋକ ସଭାରେ ଭାରତ-ଚାଇନା ସୀମା ବିବାଦ ସମ୍ପର୍କରେ ନିଜର ବିବୃତ୍ତି ରଖିଥିଲେ। ଭାରତର ଅଖଣ୍ଡତା ବଜାୟ ରଖିବାକୁ ଭାରତ-ଚାଇନା ସୀମାରେ ଚାଲିଥିବା ଉତ୍ତେଜନା ହ୍ରାସ ପାଇଁ କୌଣସି ପ୍ରକାର ପରିସ୍ଥିତିରେ ମୁକାବିଲା କରିବାକୁ ପ୍ରସ୍ତୁତ ଥିବା କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଶୁଭେସ୍ଥୁଙ୍କ ପରାମର୍ଶରେ ନୂଆ ନୂଆ କାମ କରିବା ସକାଶେ ମନ ବଳାଇବେ। କୃତ୍ତିକା ନକ୍ଷତ୍ରର ଦୈହିକ ଦୁର୍ବଳତା ସଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ବ୍ୟସ୍ତ ଓ ବିବ୍ରତ କରାଇପାରେ। ଠିକ୍ ବୁଝାମଣା ମାଧ୍ୟମରେ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଟଙ୍କା ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ**
ଶନି ଦୃଷ୍ଟ ଶୁକ୍ରଜନିତ ବିଭିନ୍ନ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ**
ଆଜି ଚତୁର୍ଥକେନ୍ଦ୍ରସ୍ଥ ବୁଧାଦିତ୍ୟ ଯୋଗ ସହ ଚନ୍ଦ୍ରଙ୍କ ସଂଯୋଗରୁ ସଂଗଠନ, ରାଜନୀତି, ଆନୁଷ୍ଠାନିକ କାମ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ନୂତନ ବ୍ୟବସାୟ ଯୋଡିବା ପାଇଁ ଚିନ୍ତା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ**
ଆଜିର ରବି ସହ ବୁଧ ସଂଯୋଗ ପ୍ରଭାବରେ ଯେକୌଣସି କାମ କରନ୍ତୁନା କାହିଁକି ବିଶେଷ ଭାବେ ଖର୍ଚ୍ଚ କରିବାକୁ ପଡିପାରେ। କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ସିଂହ**
ଧନାଧିପତି ଧନଭାବସ୍ଥ ଯୋଗୁ ଆର୍ଥିକ ଦିଗରୁ ଉପକୃତ ହେବେ କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ସରସ ସୁନ୍ଦର କରିପାରେ। ଆଲୋଚନା ପରିସରରେ ସତକଥା କହି ବିବାଦ ଘେରରେ ପଡି ପାରନ୍ତି,ଏଣୁ ଭାବିଚିନ୍ତି କହନ୍ତୁ।

**କନ୍ୟା**
ପାପଯୁକ୍ତ ଗୁରୁଙ୍କ ଯୋଗୁ ଜମିଜମା ବିବାଦକୁ କେନ୍ଦ୍ରକରି ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ଆତ୍ମୀୟଙ୍କ ଅସହଯୋଗ, ଅସମ୍ମାନ ପାଇ ଦୁଃଖିତ ହେବେ। କୌଣସି ସମ୍ପର୍କୀୟ ବନ୍ଧୁଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ।

**ତୁଳା**
ଶୁକ୍ର ଓ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତି କାରଣରୁ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଆଶା ଫଳବତୀ ନ ହୋଇପାରେ। ସାମାଜିକ ସ୍ତରରେ ଆନୁଷ୍ଠାନ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି ମନେ ମନେ ବିରକ୍ତ ପ୍ରକାଶ କରିପାରନ୍ତି।

**ବିଛା**
ଏକାଦଶସ୍ଥ ତିନୋଟି ଗ୍ରହ ପ୍ରଭାବରୁ ଦୀର୍ଘଦିନରୁ ଯାହା ମନରେ ଆଶାବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଅପକୃତ ହେବେ। କଳା, ସାହିତ୍ୟ, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ**
ନୂତନଭାବରେ ଆରମ୍ଭ କରିବାକୁ ଯାଉଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ସାମୟିକ ସମସ୍ୟା ଆସିପାରେ। ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମକର**
ସ୍ୱରାଶିସ୍ଥ ଶନି ପ୍ରଭାବରୁ କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହଠାତ୍ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପରିବାର ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟିହେଲେ ମଧ୍ୟ ଆପଣ ଯଥାସମ୍ଭବ ସମାଧାନ କରିବାରେ ସମର୍ଥ ହୋଇପାରନ୍ତି।

**କୁମ୍ଭ**
କର୍ମାଧିପତି ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ପ୍ରଭାବରେ ପ୍ରତ୍ୟେକ କର୍ମ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାରିପାରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଦୀର୍ଘ ଦିନରୁ ଲାଗି ରହିଥିବା ପୁରାତନ ରୋଗପୀଡାରୁ ବିଶେଷ କଷ୍ଟ ପାଇବେ। କଚେରି ମାମଲାରେ ବିଜୟଲାଭ କରିବାର ସମ୍ଭାବନା ରହିଛି।

**ମୀନ**
ପାରିବାରିକ ସହମତିରେ ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁଁ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି। ପରୋକ୍ଷ ଶତ୍ରୁତା ସାମୟିକ ପ୍ରଗତିର ଗତିରୋଧ କରିପାରେ।

ଆଜି ଆଶ୍ୱିନ ମଳ କୃଷ୍ଣପକ୍ଷର ଦିବା ଘ.୧୨.୫୦ମି.ପର୍ଯ୍ୟନ୍ତ ପ୍ରତିପଦା, ସେପ୍ଟେମ୍ବର ୧୮ ତାରିଖ ଶୁକ୍ରବାର, ରାଶିନକ୍ଷତ୍ର-ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫.୩୮ମି. ଗତେ ଘ.୦୬.୨୬ମି. ମଧ୍ୟେ, ଘ.୦୭.୧୪ମି.ଗତେ ଘ.୦୯.୩୯ମି. ମଧ୍ୟେ, ଘ.୧୨.୦୪ମି. ଗତେ ଘ.୦୩.୧୭ମି. ମଧ୍ୟେ, ଘ.୦୪.୦୬ମି. ଗତେ ଘ.୦୫.୪୨ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୩୦ମି. ଗତେ ଘ.୦୯.୪୧ମି. ମଧ୍ୟେ, ରାତ୍ରି ଘ.୧୨.୦୪ମି. ଗତେ ଘ.୦୧.୩୯ମି. ମଧ୍ୟେ, ଘ.୦୨.୨୭ମି. ଗତେ ଘ୦୪.୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୧୦ମି. ଗତେ ଘ.୧୧.୪୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

**2BHK flat near Tamando Square (close to market). 9937166932.** D-69343

**Plot for immediate sale at Saheed Nagar 6000sft. (GA Plot), 2400sft at Sum Hospital (BDA Plot), 33000sft. Mancheswar (IDCO plot) & 4000sft plot at Palasuni (200 meters from NH) Bhubaneswar, buyers Contact- DEEPAK- 9937329999.** D-69914

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/-, 9938016295. D-69163

**Gharabari developed plot with boundary near Phulnakhara (Synergy College). 9439487505.** D-69344

**Plot sale near AIIMS Hospital, Bhubaneswar with 30' road, 9439206202.** D-69161

ଭୁବନେଶ୍ୱର Gudiapokhari ଏବଂ KECଠାରେ ଅଗ୍ରିମ boundarywall, 30ft. road ଏବଂ ବାସଉପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-18223

**Land sale farm house/ industry roadside at Dhenkanal area 60km from Cuttack. 7809525452, 8249851363.** D-69533

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

**Ready to move 2/3BHK flat for sale near Airport. It provided best amenities basic price @3000/- per sft. Puja Offer 100/- per sft. 9938569014, 9861433014.** D-18276

ଧଉଳି ନୂଆବ୍ରିଜ୍ ନିକଟରେ ବାସୋପଯୋଗୀ ଘରବାରି ପ୍ଲଟ୍ outrightରେ ମିଳୁଛି। 8327774136. D-69342

**Booking open for 3BHK Luxurious & premium flat at Surya Nagar, Bhubaneswar, genuine buyer contact- DEEPAK- 9937329999.** D-69916

**Bhubaneswar Simplex, Duplex at Nakhara & Raghunathpur. Ready to move Flat 2/3 BHK at Patia, 9438166120.** D-69164

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**GENERAL SALE**

**1. Fully furnished flat No. B-506, 5th floor Gymkhana Palm Height near Sum Hospital, Bhubaneswar front south facing flat.**
**2. Verna Vehicle (vehicle No. OD02AX7761) Registered on 31.08.2018.**
**3. Bolero Pickup (vehicle No. OR02BZ9485) registered on 28.08.2012.**
**4. Micra Vehicle (vehicle No. OR02BV1467) registered on 21.01.2012. Contact No: 9873669329, 9437028801.** D-18256

to-let

1Room, 1st floor for Guest house, Siba Nagar, Tankapani road, Bhubaneswar. Contact: 9437562371. D-69440

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Monalisa massage club : All types body massage with hiprofile smart lady rooms service available 9708545108. D-18240

Rejuvenate and Ayurvedic full body massage by smart therapist. 9348123330. D-69750

Newly open full body massage SPA in Bhubaneswar. Contact: 7205058838. D-69749

Newly open spa centre smart therapist body massage, Bamikhal, 7205187702. D-59960

Newly open spa centre smart therapist body massage, Rasulgarh: 7846814019. D-59959

Get refreshment body massage by expert therapist contact for. 9556978408. D-69746

Swarna SPA newly open positively health benefits with expert therapist. 7873794731. D-69747

Refresh your mind and soul with best therapy at Orchid Salon/ Spa, 9937287222. D-69541

Herbal full body massage by smart / expert therapist. Contact: 8338067247. D-69745

Get good massage for your health the best therapy SPA station. 7655024727, 8118079281. D-69542

**AFFIDAVIT**

By virtue of an affidavit I want to change our surname from "Sidar" to "Sahara". Henceforth we are known as Abhimanyu Sahara, wife- Laxmi Sahara & Son- Harishankar Sahara of Village- Bad Darlipali, PS/ Tah- Ambabhona, Dist- Bargarh (Odisha) in all purposes. D-18277

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


# ମହିଳା ଏସ୍‌ଆଇଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

**ଭୁବନେଶ୍ୱର,୧୭।୯ (ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ପୋଲିସ କୋଭିଡ୍ କଟକଣା ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣବେଳେ ମହିଳା ଏସ୍‌ଆଇଙ୍କୁ ଦୁର୍ବ୍ୟବହାର କରିବାରୁ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଜରଡ଼ା ଥାନା ଅଞ୍ଚଳର ବିକାଶ କୁମାର ପ୍ରଧାନ(୨୫)। ସେ ଖଣ୍ଡଗିରି ଥାନା ଅଧୀନ କୋଳଥିଆ ଥାନା ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ଏ ନେଇ ପୋଲିସ ନଂ.୩୫୫/୨୦ରେ ମାମଲା ରୁଜୁ କରିଛି। ସୂଚନା ମୁତାବକ, ନୟାପଲ୍ଲୀ ଥାନା ଏସ୍‌ଆଇ ପ୍ରତିମା ସାହୁ ବୁଧବାର ସନ୍ଧ୍ୟାରେ କୋଭିଡ୍ କଟକଣା ଉଲ୍ଲଂଘନକାରୀଙ୍କ ଉପରେ ଜରିମାନା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ। ଭିଆଇପି କଲୋନୀ ଓମଫେଡ୍ ନିକଟରେ ବିକାଶ ମାସ୍କ ନ ପିନ୍ଧି ବୁଲୁଥିଲେ। ଏ ନେଇ ପୋଲିସ ତାଙ୍କୁ ଅଟକାଇ ୧୦୦ ଟଙ୍କା ଜରିମାନା ଆଦାୟ କରିବାରୁ ସେ ଯୁକ୍ତିତର୍କ କରିଥିଲେ। ପରେ ବିକାଶ ଜରିମାନା ଦେବା ସହ ସର୍ବସାଧାରଣରେ ଏସ୍‌ଆଇଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ସେ ପୋଲିସକୁ ପିଛା କରି ଉଲ୍ଲଂଘନକାରୀଙ୍କ ଜରିମାନା ଆଦାୟ କରୁଥିବାର ଭିଡିଓ କରୁଥିଲେ। ସେଠାରୁ ପୋଲିସ ଫେରିବାବେଳେ ସେ ପୁଣି ଏସ୍‌ଆଇଙ୍କୁ ଅସଦାଚାରଣ କରିବା ସହ ଫାଇନ ଆଦାୟକୁ ବିରୋଧ କରି ନାନାଦି ଧମକ ଦେଇଥିଲେ। ଶେଷରେ ପୋଲିସ ବାଧ ହୋଇ ବିକାଶଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ପିତୃ ପୁରୁଷଙ୍କୁ ପିଣ୍ଡଦାନ

**ପୁରୀ ଅଫିସ,୧୭।୯**

ଆଶ୍ୱିନ ଅମାବାସ୍ୟା ତିଥିକୁ ମହାଳୟା ଅମାବାସ୍ୟା କୁହାଯାଏ। ଗୁରୁବାର ଏହି ପବିତ୍ର ତିଥିରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ବାହାରେ ଏବଂ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଶ୍ରାଦ୍ଧ ଓ ପିଣ୍ଡଦାନ କରି ପିତୃ ପୁରୁଷଙ୍କୁ ମନେ ପକାଇଛନ୍ତି। କରୋନା ପାଇଁ ପୂର୍ବବର୍ଷଗୁଡ଼ିକ ଭଳି ଭିଡ଼ ନ ଥିଲେ ମଧ୍ୟ ଚଳଚଞ୍ଚଳ ହୋଇଉଠିଥିଲା ଶ୍ରୀକ୍ଷେତ୍ର। ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଆସି କୋଭିଡ୍ କଟକଣା ଭିତରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଛନ୍ତି।

## ସଂକ୍ଷେପରେ

### ସମ୍ପର୍କୀୟଙ୍କ ଏକୋଇଶିଆ ପୂଜା ସାମଗ୍ରୀ କିଣିବାକୁ ଯାଇ ଯୁବକ ମୃତ

ବିନିକା,୧୭।୯(ଡି.ଏନ୍.ଏ.) ସୁବର୍ଣ୍ଣପୁର ଜିଲା ବିନିକା ମହାନଦୀ ବ୍ରିଜ ଅପରପାର୍ଶ୍ୱ ନାରାୟଣଟିକ୍ରା ରାସ୍ତାରେ ସାଇକେଲରୁ ଖସିପଡି ଗୁରୁବାର ଶିବଶଙ୍କର ଭେସ୍ରା (୪୧) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଉଲୁଣ୍ଡା ଥାନା ସାହାଜବାହଲର ଶିବଶଙ୍କର ନିଜ ସମ୍ପର୍କୀୟଙ୍କ ଏକୋଇଶିଆ ପୂଜା ସାମଗ୍ରୀ କିଣିବାକୁ ପୂର୍ବାହ୍ନ ୧୦ଟାରେ ବିନିକା ସହରକୁ ଯାଉଥିବା ବେଳେ କୌଣସି କାରଣରୁ ସାଇକେଲରୁ ଖସି ପଡିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ କହିବା ଅନୁଯାୟୀ ଶିବଙ୍କ ଶରୀରରେ କୌଣସି ପ୍ରକାର ଆଘାତ ଲାଗିନାହିଁ। ସେ ପୂର୍ବରୁ କୌଣସି ରୋଗରେ ଆକ୍ରାନ୍ତ ଥିବାରୁ ଏପରି ଘଟିଥାଇପାରେ। ମୃତ ଶିବ ବହୁ ବର୍ଷ ହେଲା ଶ୍ୱଶୁର ଘର ଗାଁ ସାହାଜବାହଲରେ ରହୁଥିବା ବେଳେ ତାଙ୍କ ନିଜ ଗାଁ ଉଲୁଣ୍ଡା ଥାନା ଅନ୍ତର୍ଗତ ଝାରବାହାଲିରେ ବୋଲି ଜଣାଯାଇଛି।

### ବୁର୍ଡା ଦୁର୍ଗାପୂଜା କମିଟି ଗଠିତ

**ଲୋଇସିଂହା,୧୭।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସ୍ଥାନୀୟ ଦୁର୍ଗାପଣ୍ଡପ ପରିସରରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସଭାପତି ଓମପ୍ରକାଶ ସାହୁ ଅଧ୍ୟକ୍ଷତା କରିଥିଲେ। ଗତବର୍ଷର ଆୟବ୍ୟୟ ସମୀକ୍ଷା ପରେ କୋଭିଡ-୧୯ କଟକଣାକୁ ମାନି କିପରି ସୁରୁଖୁରୁରେ ପୂଜା ସମ୍ପାଦନ ହେବ ତାହା ଉପରେ ଆଲୋଚନା ହୋଇଥିଲା। ଏହାପରେ ସର୍ବସମ୍ମତିକ୍ରମେ ସୁଦୀପ କୁମାର ସା ସଭାପତି, ଉପସଭାପତି ଗୋପବନ୍ଧୁ ସାହୁ, ସମ୍ପାଦକ ରାମଚନ୍ଦ୍ର ସାହୁ, ସହସମ୍ପାଦକ ବ୍ୟୋମକେଶ ଥନାପତି ଓ କୋଷାଧ୍ୟକ୍ଷଭାବେ ସୁମନ୍ତ ଚିନ୍ଦା ମନୋନୀତ ହୋଇଥିଲେ।

### ଅଧାପନ୍ତରିଆ ହୋଇ ପଡିରହିଛି ଡ୍ରେନ୍

**ବଲାଙ୍ଗୀର ଅଫିସ୍, ୧୭।୯:** ବଲାଙ୍ଗୀର ପୌର ପରଷଦ ଅଞ୍ଚଳରେ ଅନେକ ରାସ୍ତା ଓ ଡ୍ରେନ ନିର୍ମାଣ ଅଧାପନ୍ତରିଆ ହୋଇ ପଡିରହିଛି। ବର୍ଷବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନାହିଁ। ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୮ ତୁଲସୀନଗରକୁ ଉଦାହରଣଭାବେ ନିଆଯାଇ ପାରେ। ଏହି ପଡାରେ ଡ୍ରେନ୍ ନିର୍ମାଣ କାମ ଅଧାରେ ପଡି ରହିଛି। ଫଳରେ ଅଳିଆ ଅବର୍ଜନା ପାଣି ରାସ୍ତାରେ ଭାଶୁଛି। ଏହି ରାସ୍ତା ଦେଇ ଲୋକେ ଯାତାୟାତ କଲାବେଳେ ନାକରେ ରୁମାଲ ଦେଇ ଯାଉଛନ୍ତି। ପୌରପାଳିକା ଭାଙ୍ଗିଲା ପରେ ପ୍ରଶାସକଙ୍କ ହାତରେ ଏବେ ପୌର ପରିଷଦ। ଲୋକେ ଆଶା କରିଥିଲେ ଯେ, ପ୍ରଶାସକ ଅଧାପନ୍ତରିଆ କାମ ଗୁଡିକୁ ତ୍ୱରାନ୍ୱିତ କରିବା ହେଲେ ଏସବୁ କିଛି ହେଉ ନ ଥିବା ତୁଲସୀ ନଗରବାସୀ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ସମସ୍ୟା ସମାଧାନ ହେଉ ନ ଥିବାରୁ ଲୋକେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

### ବାଲିଆପିଟା ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼,୧୭।୯(ଡ଼ି.ଏନ୍.ଏ.):** ଦେବଗଡ ଥାନା ଅନ୍ତର୍ଗତ ନୂଆଭୂଇଁ ଗ୍ରାମ ଦେଇ ଯାଇଥିବା ବାଲିଆପିଟା ନାଳରୁ ଗୁରୁବାର ସକାଳେ ଉକ୍ତ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଶଶୀଭୂଷଣ ଭୋଇ। ବୁଧବାର ସକାଳେ ଶଶୀଭୂଷଣ ଶୌଚ ପାଇଁ ବାଲିଆପିଟା ନାଳକୁ ଯାଇଥିଲେ। ମାତ୍ର ରାତ୍ରି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଉକ୍ତ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ଗାଁର କେତେକ ଲୋକ ଗାଧୋଇବା ପାଇଁ ଯାଇଥିବା ବେଳେ ଶଶୀଙ୍କ ମୃତଦେହ ନାଳ ପାଣିରେ ଭାସୁଥିବା ଦେଖିଥିଲେ। ସେମାନଙ୍କଠାରୁ ଖବର ପାଇ ପରିବାର ଲୋକେ ଦେବଗଡ ଥାନା ପୋଲିସକୁ ସୂଚନା ଦେଇଥିଲେ। ଜବତ ମୃତଦେହକୁ ଅପରାହ୍ନରେ ବ୍ୟବଚ୍ଛେଦ କରି ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପୋଲିସ କବ୍‌ଜାରେ ଅପରାଧୀ ଗ୍ୟାଙ୍ଗ୍

**ବରଗଡ଼ ଅଫିସ୍,୧୭।୯**

- ୫ଅଭିଯୁକ୍ତ ଗିରଫ
- ଚୋରି ଦାମୀଗାଡ଼ି, ସୁନାଚେନ୍ ଉଦ୍ଧାର
- ଖବରଦାତାଙ୍କ ସମ୍ପୃକ୍ତିର ତଦନ୍ତ ଜାରି

ବରଗଡ଼ ଜିଲାରେ ଗତ ୧୫ଦିନ ହେଲା, ଲୁଟ୍‌ତରାଜ୍, ଡକାୟତି, ଚୋରି, ରାହାଜାନି ଭଳି ଅପରାଧ କରି ଆତଙ୍କ ଖେଳାଇଥିବା ଅପରାଧୀ ଗ୍ୟାଙ୍ଗକୁ ପୋଲିସ ଧରିଛି। ଏହି ଗ୍ୟାଙ୍ଗର ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଡ୍ୟାମ କଲୋନୀର ମଗଶୀର ମହାନନ୍ଦ(୨୨), ରାଜା ହାତୀ ଓରଫ ଗୋଲୁ(୧୯), ପ୍ରଧାନପାଲିର ରୋହିତ ମେହେର(୨୦), କିଶୋର ମେହେର(୨୦) ଏବଂ ପାଣିଛତର ନିବାସୀ ବିଜେ ବାଗ(୨୧)। ଚୋରି ହୋଇଥିବା ଗୋଟିଏ ସୁନାଚେନ୍ ସହିତ ଏକ ମହିନ୍ଦ୍ରା ଜାଇଲୋ(ନଂ.ଓଡ଼ି୧୬ଏ୫୮୩୧), ମାରୁତି ସୁଇଫ୍ଟ(ନଂ. ଓଡି୧୫ ଏନ୍ ୯୪୨୧), ଟାଟା ସ୍ପେଶିଓ(ନଂ.ଓଆର୧୭ସି ୩୭୩୧) ଓ ଗୋଟିଏ ମହିନ୍ଦ୍ରା କ୍ରୁଜର (ନଂ. ଓଡ଼ି୩୩ଏମ ୦୭୭୫) ଉଦ୍ଧାର ହୋଇଛି। ଏହା ସହିତ ୨ଟି ବାଇକ୍ ଅର୍ଥାତ୍ ଗୋଟିଏ ଆପାଚି(ନଂ- ଓଡି୧୭ଜି ୧୮୮୮), ଗୋଟିଏ ବଜାଜ୍ ପଲସର୍(ଓଡ଼ି୧୭ଡି ୬୭୬୦), ୧୮ଟି ମୋବାଇଲ, ୨ଟି ଛୁରି ଏବଂ ନଗଦ ୪୮୦୦ ଟଙ୍କା ଜବତ୍ ହୋଇଛି। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ୮ଟି ମାମଲା ରୁଜୁ ହୋଇଛି।

ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସପି ପଦ୍ମିନୀ ସାହୁ ସୂଚନା ଦେଇ କହଛନ୍ତି ଯେ, ଗିରଫ ଅଭିଯୁକ୍ତମାନେ ପେଶାଦାର ଅପରାଧୀ ଏବଂ ସେମାନଙ୍କ ବିରୋଧରେ ଏକାଧିକ ମାମଲା ରହିଛି। ବରଗଡ଼ ଟାଉନ ଥାନାରେ ୮ଟି, ଅତାବିରା ଥାନାର ଗୋଟିଏ ଏବଂ ବୁର୍ଲା ଥାନାର ୨ଟି ମାମଲାରେ ସେମାନେ ସମ୍ପୃକ୍ତ ରହିଥିବା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିଛି। ସେହିପରି ବରଗଡ଼ର ଜଣେ ଖବରଦାତାଙ୍କ ସମ୍ପୃକ୍ତି ନେଇ ଚାଲିଥିବା ଚର୍ଚ୍ଚା ଉପରେ ପଚାରିବାରୁ ଏସ୍‌ପି ସାହୁ କହିଛନ୍ତି ଯେ, ତାହା ମଧ୍ୟ ପୋଲିସ୍‌ର ସାମ୍ନାକୁ ଆସିଛି ଏବଂ ଅଡିଓ କ୍ଲିପିଂ ମଧ୍ୟ ହାତରେ ଲାଗିଛି। ସେଥିରେ କିଭଳି ତାଙ୍କ ସମ୍ପୃକ୍ତି ରହିଛି ତା'ର ଯାଞ୍ଚ ସହିତ ତଦନ୍ତ ଜାରି ରହିଛି। ତଦନ୍ତରୁ ସମ୍ପୃକ୍ତି ନେଇ ପ୍ରମାଣ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ, ସବଇନ୍ସପେକ୍ଟର ସୌମ୍ୟକାନ୍ତ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।



ଜବତ ସୁନାଗହଣା, ଟଙ୍କା ଓ ମୋବାଇଲ।



ଉଦ୍ଧାର ହୋଇଥିବା ଦାମୀଗାଡ଼ି, ଜବତ୍ ବାଇକ୍।

# ଡ୍ୟାମ୍ ପାର୍ଶ୍ୱରେ ହେବ ଇକୋ ରିଟ୍ରିଟ୍

**ସମ୍ବଲପୁର,୧୭।୯ (ବ୍ୟୁରୋ)**

**ଜମି ଯୋଗାଇ ଦେବା ପ୍ରକ୍ରିୟା ଆରମ୍ଭ**

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ହୀରାକୁଦ ଡ୍ୟାମ ପାର୍ଶ୍ୱରେ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଉଛି। ଡ୍ୟାମ୍ ପାର୍ଶ୍ୱରେ ଥିବା ସରକାରୀ ଜମିରେ ଇକୋରିଟ୍ରିଟ୍ କରାଯିବାକୁ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଏକ ଉଚ୍ଚସ୍ତରୀୟ କମିଟି ଡ୍ୟାମପାର୍ଶ୍ୱରେ ଥିବା ଜମି ବୁଲି ଦେଖିଥିବା ବେଳେ ଶୀଘ୍ର ଚିହ୍ନଟ କରି ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଥଇଥାନ ଓ ପୁର୍ନବାସ ବିଭାଗ ନିର୍ଦ୍ଦେଶକ ରାଜେନ୍ଦ୍ର ପଟ୍ଟନାୟକ ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି କରିଛନ୍ତି। ଏହାସହ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ, ଜିଲା ପ୍ରଶାସନଙ୍କୁ ମଧ ନିର୍ଦ୍ଦେଶ ଦିଆଯାଇଛି। ହୀରାକୁଦ ଡ୍ୟାମ ପାର୍ଶ୍ୱରେ ଥିବା ସରକାରୀ ଜମି ଚିହ୍ନଟ କରାଗଲେ ଇଡକୋ ପକ୍ଷରୁ ପର୍ଯ୍ୟଟନର ବିକାଶ ଓ ବିଭିନ୍ନ ଉନ୍ନୟନମୂଳକ କାମ ଆରମ୍ଭ କରାଯିବ।

ସୂଚନାଯୋଗ୍ୟ ଯେ, ଅଗଷ୍ଟ ମାସରେ ରାଜ୍ୟ ପର୍ଯ୍ୟଟନ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ୍ ହୀରାକୁଦ ଡ୍ୟାମ୍ ପାର୍ଶ୍ୱରେ ଥିବା ଜମି ପରିଦର୍ଶନ କରିଥିଲେ। ସେଥିମଧ୍ୟରୁ କେତେକ ଜମି ଚିହ୍ନଟ କରାଯାଇଛି। ଉକ୍ତ ଜମି ଶୀଘ୍ର ଇଡକୋ ନାମରେ କରାଯିବାକୁ ଜିଲା ପ୍ରଶାସନ ମଧ୍ୟ ସରକାରଙ୍କୁ ଚିଠି ଲେଖିଛି। ଜମି ହସ୍ତାନ୍ତର ହେଲେ ଖୁବଶୀଘ୍ର କାମ ଆରମ୍ଭ କରାଯିବ ବୋଲି ଜଣାପଡିଛି। ଇକୋ ରିଟ୍ରିଟ୍ (ଅବସର ବିନୋଦନ କେନ୍ଦ୍ର) ଖୋଲା ହେଲେ ସମ୍ବଲପୁର ଜିଲାକୁ ରାଜ୍ୟ ତଥା ଦେଶ ବାହାରୁ ପର୍ଯ୍ୟଟକ ଆସିବେ ବୋଲି ଲକ୍ଷ୍ୟ ରଖାଯାଇଛି। ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟକଙ୍କ ପାଇଁ ରହିବା, ଖାଇବା, ବୁଲିବା, ପାର୍କ, ବୋଟିଂ ଭଳି ବିଭିନ୍ନ ପ୍ରକାର ସୁବିଧା କରାଯିବାର ବ୍ୟବସ୍ଥା ହେବ ବୋଲି ଜଣାପଡିଛି।

भारतीय प्रतिभूति और विनिमय बोर्ड
Securities and Exchange Board of India
ସେବି ଭବନ II, ପ୍ଲଟ୍ ସଂ. ସି-7, 'ଜି' ବ୍ଲକ୍, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବଇ-400051
NiSM National Institute of Securities Markets
An Educational Initiative by SEBI

ସିକ୍ୟୁରିଟୀ ବଜାରର ପ୍ରଶିକ୍ଷକଙ୍କ (SMARTs) ସୂଚୀ ପ୍ରସ୍ତୁତି

ଭାରତୀୟ ସିକ୍ୟୁରିଟୀ ଏବଂ ବିନିମୟ ବୋର୍ଡ଼ (ସେବି) ନିବେଶକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ସିକ୍ୟୁରିଟିଜ୍ ମାର୍କେଟ୍‌ର ପ୍ରଶିକ୍ଷକ (SMARTs)ଙ୍କ ସୂଚୀ ପ୍ରସ୍ତୁତ କରିବା ହେତୁ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆବେଦନ ଆମନ୍ତ୍ରଣ କରୁଛନ୍ତି।

ଚୟନ ସମ୍ବନ୍ଧିତ ମାନଦଣ୍ଡ ବିଶେଷ, ଆବେଦନ ଫର୍ମ, ଇତ୍ୟାଦି ବିବରଣୀ ଆମର ୱେବସାଇଟ୍ https://www.sebi.gov.in ଏବଂ https://investor.sebi.gov.in ରେ ଏବଂ ରାଷ୍ଟ୍ରୀୟ ସିକ୍ୟୁରିଟିଜ୍ ବଜାର ସଂସ୍ଥାନ (ଏନ୍‌ଆଇଏସ୍‌ଏମ୍) ୱେବସାଇଟ୍ https://www.nism.ac.in ରେ ଦିଆଯାଇଛି।

ଆବେଦନ ପ୍ରସ୍ତୁତ କରିବାର ଅନ୍ତିମ ତାରିଖ 16 ଅକ୍ଟୋବର 2020।

ନିବେଶକ ସଚେତନତା ବିଭାଗ, ଓ.ଆଇ.ଏ.ଇ

# ଭାଜପା ପକ୍ଷରୁ ସେବା ସପ୍ତାହ ପାଳନର ଶୁଭାରମ୍ଭ

**ସୁନ୍ଦରଗଡ , ୧୭।୯(ଡି. ଏନ୍ .ଏ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ତମ ଜନ୍ମଦିନପାଳନଅବସରରେଦେଶବ୍ୟାପୀ ସେବା ସପ୍ତାହ ପାଳନ କରାଯାଉଛି। ଭାଜପା ସୁନ୍ଦରଗଡ ସାଂଗଠନିକ ଜିଲା ତରଫରୁ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଗୁରୁବାର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ଜିଲା ରେଡକ୍ରସ ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ତଳସରା ବିଧାୟକ ତଥା ଜିଲା ସଭାପତି ଭବାନୀ ଶଙ୍କର ଭୋଇଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପରେ ଯୁବମୋର୍ଚ୍ଚାର ୨୦ଜଣ ସଦସ୍ୟ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ଏମ୍‌ପିଙ୍କ ଜିଲା ପ୍ରତିନିଧି ବଟକିଶୋର ମିଶ୍ର, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଡା ହିମାଂଶୁ ଶେଖର ଷଡଙ୍ଗୀ, ଯଶୋବନ୍ତ ନାଏକ, ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସଂଯୁକ୍ତା ନାଏକ, ଅନୁପମା ଟପ୍ପୋ, ମୀନା ନାଏକ, କାନନବାଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଅମୀୟ ପଟ୍ଟନାୟକ, ମଣ୍ଡଳ ସଭାପତି କୋଦଣ୍ଡଧର ପଟେଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।




ଆୟୋଜିତ ରକ୍ତଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

### ଦୁଇ ବାଇକ ମୁହାଁମୁହିଁ ଧକ୍କା : ୨ ମୃତ

**ନୂଆଗାଁ, ୧୭।୯ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ହାତୀବାରି ଥାନା ତଥା ନୂଆଗାଁ ଫାଣ୍ଡି ଅନ୍ତର୍ଗତ ରୁଆଁବାହାଲ-ନୂଆଗାଁ ରାସ୍ତାରେ ଗୁରୁବାର ଅପରାହ୍ନରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଯାଇଛି ୨ ଯୁବକଙ୍କ ଜୀବନ। ସେମାନେ ହେଲେ ରୋଶନ ବୁଡ ଓ ରାଜେଶ ସିଂ। ଏଥିରେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ନୂଆଗାଁ ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ୨ବାଇକକୁ ଜବତ କରିଛି। ପୋଲିସ ସୂଚନା ମୁତାବକ ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ନୂଆଗାଁରୁ ବାରିଲେପ୍ଟା ଆଡକୁ ବାଇକ ଓଡି ୧୪ ଆର୍- ୮୩୦୬ରେ ଯୋକେଣ ଅଞ୍ଚଳର ରୋଶନ ଓ ଶମ୍ଭୁ ପାତ୍ର ଆସୁଥିଲେ। ସେହିପରି ବାରିଲେପ୍ଟାରୁ ନୂଆଗାଁ ପଟକୁ ଅନ୍ୟ ଏକ ବାଇକ ଜେଏଚ ୦୫ ଏଏ- ୬୬୬୭ରେ ରାଜେଶ ଓ ଝାଡଖଣ୍ଡ ଅଞ୍ଚଳର ଜଣେ ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ଉଭୟ ଗାଡିର ଚାଳକ ରୋଶନ ଓ ରାଉରକେଲା ଅଞ୍ଚଳର ରାଜେଶ ସିଂଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତ ଦୁଇ ଯୁବକଙ୍କ ବୟସ ୨୫ରୁ ୨୭ ବର୍ଷ ମଧ୍ୟରେ ହେବ। ଗୁରୁତର ଯୁବକଙ୍କ ବୟସ ୨୫ ବର୍ଷ ମଧ୍ୟରେ ହେବ ବୋଲି ପୋଲିସ କହିଛି। ଏନେଇ ହାତିବାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ସନ୍ଧ୍ୟା ସୁଦ୍ଧା ମୃତ ଓ ଗୁରୁତରଙ୍କ ସମ୍ପର୍କୀୟମାନେ ପହଞ୍ଚି ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ।

### ଚାଷଜମିରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ନୂଆଗାଁ, ୧୭।୯ (ଡି.ଏନ.ଏ)** ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ତଥା ହାତିବାରୀ ଥାନା କରଡେଗା ପଞ୍ଚାୟତ ନିକଟସ୍ଥ ଏକ ଚାଷ ଜମିରୁ ଗୁରୁବାର ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ଏ ନେଇ ହାତିବାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିଚୟ ମିଳିନାହିଁ। ତେବେ ମୃତଦେହରେ ଗୋଟିଏ ହାତ ଓ ଗୋଡ ନଥିବା ଦେଖିବାକୁ ମିଳିଛି। ଏଥିରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ଲୋକଙ୍କ ସୂଚନାକ୍ରମେ ଗୁରୁବାର ହାତିବାରୀ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରିଥିଲା। ପ୍ରକାଶଥାଉକି ଗତ ସପ୍ତାହ ତଳେ ପୁରୁଣାପାଣି ନିକଟସ୍ଥ ଝାରବେଡା ଦେଓ ନଦୀକୂଳରୁ ପୋଲିସକୁ ଏକ ମୃତଦେହ ମିଳିଥିଲା। ତାର ମଧ ହାତ ପାପୁଲି କଟାଯାଇଥିଲା। ସେହି ମୃତଦେହ ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ସୁରାକ ମିଳି ନାହିଁ। ଗୁରୁବାର ପୁଣି ଏକ ମୃତଦେହ ମିଳିବା ଅଧିକ ରହସ୍ୟଜନକ ହୋଇ ପଡିଛି।

## ଡାଲମିଆ ସିମେଣ୍ଟ ପକ୍ଷରୁ ଚାରା ରୋପଣ

**ରାଜଗାଙ୍ଗପୁର, ୧୭।୯ (ଡି.ଏନ.ଏ.)** ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଚୂନପଥର ଖଣିର ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍‌ଆର) ତରଫରୁ ବିଭିନ୍ନ ଫଳ ଗଛ ଚାରା ବଣ୍ଟନ ତଥା ରୋପଣ କରାଯାଇଛି। ଲାଞ୍ଜିବେର୍ଣ୍ଣା ଏବଂ ଏହାର ଆଖପାଖ ୩୪ଟି ଗ୍ରାମରେ ପ୍ରାୟ ୧୦ ହଜାର ଆମ୍ବ, ଲିଚୁ, ପିଜୁଳି, ଲେମ୍ବୁ ଏବଂ କାଜୁ ଭଳି ଫଳ ଗଛ ଚାରା ରୋପଣ କରାଯାଇଛି। ସେହିଭଳି ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ଏବଂ ଲକ୍ଷ୍ମୀପୋଷ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ସିଏସଆର ବିଭାଗର ଅଧିକାରୀମାନେ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ। ଝାନପାଲି ସରପଞ୍ଚ ଇନ୍ଦିରା ଖାଲଖୋ, କଟଙ୍ଗର ୱାର୍ଡ ମେମ୍ବର ନିର୍ମଳା ଗୁଡିଆ, ଚୌକିଦାର ପଡାର ୱାର୍ଡ ମେମ୍ବର ସୁଜାତା ବାଦୀ, ଗୁମାବାହାଲ ଗ୍ରାମର ୱାର୍ଡ ମେମ୍ବର ସାବିତ୍ରୀ ଟପ୍ପୋ, ବାବୁଡିହି ଗ୍ରାମର ୱାର୍ଡ ମେମ୍ବର ମମତା ସିଂ, କୁକୁଡା ଗ୍ରାମର ୱାର୍ଡ ମେମ୍ବର ମାନୁଏଲ ଟପ୍ପୋଜ ପ୍ରମୁଖ ଉପସ୍ଥିତ ରହି ଏହି ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ଲାଜ୍‌ମା ଦାନକରି ଦୁଇ ଯୁବକ ସମ୍ମାନିତ

**ବଲାଙ୍ଗୀର ଅଫିସ୍, ୧୭।୯:** ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାରସ୍ଥିତ ପ୍ଲାଜ୍‌ମା ଭଣ୍ଡାରଠାରେ ପ୍ଲାଜ୍‌ମା ଦାନ କରି ବଲାଙ୍ଗୀରର ଦୁଇଜଣ ଯୁବକ ସମ୍ମାନିତ ହୋଇଛନ୍ତି। ଉଭୟଙ୍କୁ ବୁର୍ଲାଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାନପତ୍ର ପ୍ରଦାନ କରାଯାଇଛି। ସେମାନେ ହେଲେ ରାଧାରାଣୀ ପଡାର ରାହୁଲ ସାହୁ ଏବଂ ଠିକାଦାର ପଡାର ପ୍ରମୋଦ ମୁନି। ଉଭୟେ କରୋନାରେ ଆକ୍ରାନ୍ତ ହୋଇ ପରେ ସୁସ୍ଥ ହୋଇଥିଲେ। କରୋନାକୁ ପରାସ୍ତ କରି ଅବଶେଷରେ ଗୁରୁତର କରୋନା ରୋଗୀଙ୍କ ଜୀବନ ବଞ୍ଚାଇବା ସକାଶେ ସ୍ୱେଚ୍ଛାକୃତଭାବେ ପ୍ଲାଜ୍‌ମା ଦାନ କରିଥିବାରୁ ଜିଲା ପ୍ରଶାସନ ଓ ଜନସାଧାରଣ ପ୍ରଶଂସା କରିଛନ୍ତି।

## ମନ୍ଥର ଗତିରେ ଚାଲିଛି ଶଗଡ଼ା ନଦୀ ବ୍ରିଜ୍ ନିର୍ମାଣ

**ଭବାନୀପାଟଣା,୧୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକର ଲାବନସୁର ନିକଟସ୍ଥ ଶଗଡା ନଦୀ ଉପରେ ଏକ ବ୍ରିଜ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ରିଜ କାମ ବହୁ ଦିନ ହେଲା ଆରମ୍ଭ ହୋଇଥିଲେ ହେଁ ଏହା ଶେଷ କରିବା ପାଇଁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ମଝିରେ ମଝିରେ କାମ ଆରମ୍ଭ ହୋଇ ପୁଣି ବନ୍ଦ ରହୁଛି। ଫଳରେ ଶଗଡା ପଞ୍ଚାୟତର ଲାବନସୁର, କଟିଙ୍ଗକାନା, ଉଡରୁଙ୍ଗ, ଆମବାଲସା, ସର୍ଗିଛୁଆଁ, ଓଲବହାଲି, କାସିପଦର ଆଦି ଗାଁର ଲୋକ ବର୍ଷା ଦିନେ ଜଳବନ୍ଦୀ ଭାବେ ଜୀବନ କାଟୁଛନ୍ତି। ଶଗଡା ନଦୀର ବନ୍ୟାରେ ଅତୀତରେ ଅନେକ ଧନଜୀବନ ନଷ୍ଟ ହେବାର ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ରିଜ ନିର୍ମାଣ ହୋଇଥିଲେ ହେଁ ଏହା ଶେଷ ହେବାରେ ଅଯଥା ବିଳମ୍ବ କରାଯାଉଛି। ସ୍ଥାନୀୟ ଲୋକେ ବିପଦସଙ୍କୁଳ ଭାବେ ନଦୀ ପାର ହୋଇ ଯାଉଛନ୍ତି। ସବୁଦିନିଆ ରାସ୍ତା ନ ଥିବା ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଲେ ଏମାନେ ନାହିଁ ନ ଥିବା ଅସୁବିଧା ଭୋଗ କରିଥାନ୍ତି। ଏହାଛଡା ସ୍ଥାନୀୟ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ସମସ୍ୟା ଲାଗି ରହିଛି। ଯୁଦ୍ଧକାଳୀନ ଭିତ୍ତିରେ ବ୍ରିଜ ନିର୍ମାଣ କାମ ଶେଷ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ନିର୍ମାଣାଧୀନ ଶଗଡା ବ୍ରିଜ।

# ପନିପରିବା ଦର ଆକାଶଛୁଆଁ

**ବିନିକା,୧୭।୯(ଡି.ଏନ୍.ଏ.)**

**ଅଢେଇ ଶହ ଗ୍ରାମରେ ଅଟକୁଛି ବଟକରା**

ଛୁଇଁ ହେଉନି ଟଟକା ପନିପରିବା। ଦରଦାମ ଏମିତି ଉପରମୁହାଁ ହୋଇଛି ଯେ ଆଉ କିଲୋ ନୁହେଁ, ଅଢେଇ ଶହ ଗ୍ରାମରେ ଅଟକୁଛି ବଟକରା। ଅଧିକାଂଶ ପରିବା ଦର ୫୦ ଟଙ୍କା ଉପରେ। ହାଟ, ବଜାରରେ ଦୋକାନୀ କିଲୋ ବଦଳରେ ଅଢେଇଶ ଓଜନର ଦର ଡାକୁଥିବା ବେଳେ ଖାଉଟି ମଧ ସେତିକି ପରିବା କିଣୁଥିବା ଦେଖିବାକୁ ମିଳୁଛି। ଏବେ ସୁବର୍ଣ୍ଣପୁର ଜିଲାର ବିନିକା ଅଞ୍ଚଳରେ ବାଇଗଣ କିଲୋ ପ୍ରତି ୫୦, ଭେଣ୍ଡି ୬୦, କାକୁଡି ୪୦, ଆଳୁ ୩୫, ପିଆଜ ୩୦ରୁ ୪୦, ଦେଶୀ କାଙ୍କଡ ୧୫୦, କଖାରୁ ୩୦, ଅମୃତଭଣ୍ଡା ୩୦, ଗୋଟା ବନ୍ଧାକୋବି ୪୦, ଫୁଲକୋବି ୫୦ , କଲରା ୫୦ , ଅଦା ୨୨୦ ,ରସୁଣ ୧୫୦, କଞ୍ଚାଲଙ୍କା ୨ଶହ, ଜହ୍ନି ୪୦ ଓ ବିନସ୍ ୬୦ ଟଙ୍କାରେ ବିକ୍ରି ହେଉଛି। ବିନିକା ଅଞ୍ଚଳକୁ ବରଗଡ ଜିଲାରୁ କମ୍ ପରିମାଣର ପନିପରିବା ଆସୁଛି। ବନ୍ୟା ଯୋଗୁ ବର୍ତ୍ତମାନ ଆଉ ଆଗଭଳି ଅନ୍ୟ ସ୍ଥାନରୁ ପରିବା ବିନିକା ଅଞ୍ଚଳକୁ ଆସୁ ନ ଥିବା ପରିବା ଚାଷୀ ଅଷାଢୁ ନାଇକ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ ପରିବା ବିନିକା ବଜାରକୁ ଆସି ବିକ୍ରି ହେଉଛି। ତେବେ ଚାହିଦା ମୁତାବକ ପନିପରିବା ବଜାରକୁ ଆସୁ ନ ଥିବାରୁ ଦର ଖସୁନାହିଁ। ଅଧିକାଂଶ ଖାଉଟି ଅଧ କିଲୋ ଓ ଅଢେଇ ଶହ ଗ୍ରାମ ଲେଖାଏଁ ପରିବା କିଣୁଛନ୍ତି। ୩ ଶହ ଟଙ୍କାରେ ମଧ ବ୍ୟାଗ ପୁରୁନାହିଁ। ଏହି ଦରଦାମ ଆଗକୁ ମଧ ଏହିଭଳି ରହିବ ବୋଲି ପରିବା ଦୋକାନୀ ଅଶୋକ ବଗର୍ତୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମ ରାଜ୍ୟ ଆଳୁ ଓ ପିଆଜ ଉତ୍ପାଦନରେ ଆଜି ଯାଏଁ ସ୍ୱାବଲମ୍ବୀ ହୋଇ ପାରିନାହିଁ। ସବୁବେଳେ ଆମେ ଆଳୁ ଓ ପିଆଜ ପାଇଁ ପଶ୍ଚିମବଙ୍ଗ ଉପରେ ନିର୍ଭର କରୁଛୁ। ଏହାର କାରଣ ଚାଷୀଙ୍କୁ ଆଳୁ ଓ ପିଆଜ ଚାଷ ସମ୍ପର୍କରେ ଠିକ୍ ମାର୍ଗଦର୍ଶନ ମିଳୁନାହିଁ। ଏହାଛଡା ବିନିକା ଅଞ୍ଚଳରେ ଶୀତଳଭଣ୍ଡାର ନାହିଁ। ଫଳରେ ସ୍ଥାନୀୟ ଚାଷୀମାନେ ନିଜ ଉତ୍ପାଦିତ ପନିପରିବାକୁ ଅଧିକ ଦିନ ରଖି ନ ପାରି ଅମଳ ସମୟରେ ବହୁ କମ ଦାମରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଆସନ୍ତା ୨୦ ତାରିଖରେ ଲଘୁଚାପଜନିତ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ୧୦ ଦିନ ଆଗରୁ ବିନିକାରେ ୭ଦିନ ଧରି ଲଘୁଚାପ ଜନିତ ବର୍ଷା ହେଲା। ଯଦ୍ୱାରା ପନିପରିବା ବର୍ଷା ପାଣିରେ ବୁଡି ରହି ପଚି ସଢି ବ୍ୟାପକ ମାତ୍ରାରେ ନଷ୍ଟ ହୋଇଗଲା। ଯାହା ବଞ୍ଚିଥିଲା ଚାଷୀ ତାକୁ ବେପାରୀଙ୍କୁ ବିକିବା ପରେ ପନିପରିବା ଦର ଆକାଶଛୁଆଁ ହୋଇଛି।



ବିନିକା ସିଂଘିଯୁବା ଛକରେ ବିକ୍ରି ହେଉଥିବା ପନିପରିବା।

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି । ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି । ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି । ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ । କିନ୍ତୁ ସେମାନେ ଖୋଲନ୍ତି ନାହିଁ । —ଶ୍ରୀମା

# ପ୍ରଥମେ ସୁରକ୍ଷା

କୋଭିଡ୍-୧୯ ମହାମାରୀ ସଂକ୍ରମଣ ବ୍ୟାପିବା ପରେ ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟ ସରକାର ଦେଶର ସବୁଅଞ୍ଚଳରୁ ପ୍ରବାସୀ ଶ୍ରମିକମାନଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରିଥିଲେ । ରେଲୱେ ତା'ତରଫରୁ ଖୁବ୍ ଶୀଘ୍ର ସ୍ୱତନ୍ତ୍ର ରେଳ ଚଳାଇବାର ବ୍ୟବସ୍ଥା କରିଥିଲା ଓ ଲକ୍ଷ ଲକ୍ଷ ଶ୍ରମିକଙ୍କୁ ଗୁଜରାଟ, କେରଳ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡ଼ିକରୁ ଓଡ଼ିଶାକୁ ଆଣିଥିଲା । ଅନ୍ୟ ରାଜ୍ୟଗୁଡ଼ିକରେ ଅଟକି ରହିଥିବା ଶ୍ରମିକମାନଙ୍କୁ ରାଜ୍ୟ ସରକାର ବସ୍‌ରେ ଆଣିବାର ବ୍ୟବସ୍ଥା ବି କରିଥିଲେ ଓ ଏବେ ବି ଆଣୁଛନ୍ତି । ଏହାକୁ ଏକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ବିବେଚନା କରାଗଲା, ଗମ୍ଭୀରତାର ସହ ନିଆଗଲା ଓ ଏହା ଉପରେ ଅଧିକ ଗୁରୁତ୍ୱ ମଧ୍ୟ ପ୍ରଦାନ କରାଗଲା । ପ୍ରବାସୀ ଶ୍ରମିକମାନଙ୍କୁ ସଂକ୍ରମଣରୁ ଦୂରେଇ ରଖିବା ଲାଗି ହଜାର ହଜାର କ୍ୱାରାଣ୍ଟାଇନ୍ ସେଣ୍ଟର୍ ଖୋଲାଗଲା ଓ ସ୍ଥାନୀୟ ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରାଗଲା । ତୃଣମୂଳ ସ୍ତରରେ ଏହି ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ସେମାନଙ୍କୁ ଏଭଳି କ୍ଷମତା ଦିଆଗଲା । ପ୍ରବାସୀ ଶ୍ରମିକମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ମଧ୍ୟ ପ୍ରୋତ୍ସାହନର ବ୍ୟବସ୍ଥା କରିବା ସହ କ୍ୱାରାଣ୍ଟାଇନ ସେଣ୍ଟରଗୁଡ଼ିକରେ ସେମାନଙ୍କର ଆବଶ୍ୟକତା ପୂରଣ କରିଛନ୍ତି । ଶ୍ରମିକମାନଙ୍କୁ ସେଠାକୁ ସହଜରେ ସୁରକ୍ଷିତ ଭାବେ ଆସିବା ଲାଗି ଉଭୟ ଟଙ୍କା ଓ ଦ୍ରବ୍ୟର ପ୍ରୋତ୍ସାହନ ଘୋଷଣା କରାଯାଇଥିଲା । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏହି ଲୋକମାନଙ୍କ ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସହ ଅନ୍ୟ ରାଜ୍ୟ ଓ କେନ୍ଦ୍ର ଯୋଜନାରେ କାମ ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା । କେବଳ ଏତିକି ନୁହେଁ, ଫେରିଆସିଥିବା ଶ୍ରମିକମାନଙ୍କ କର୍ମ କୌଶଳକୁ ଚିହ୍ନଟ କରି ସେହି ଅନୁସାରେ ସେମାନଙ୍କୁ କାମ ଯୋଗାଇ ଦେବା ପାଇଁ ବି ଜିଲା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମେ'ରୁ ଜୁଲାଇ ମଧ୍ୟରେ ଓଡ଼ିଶାକୁ ୫ ଲକ୍ଷରୁ ଅଧିକ ଶ୍ରମିକ ଫେରିଥିଲେ ।

ଏବେ କିନ୍ତୁ ଏହିସବୁ ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି । ପ୍ରବାସୀ ଶ୍ରମିକମାନେ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ଉପରେ ଆଶା ହରାଇଛନ୍ତି । ବିଭିନ୍ନ ପ୍ରକାର କୁଶଳୀ ଶ୍ରମିକମାନଙ୍କୁ ଶୀଘ୍ର କାମ ଯୋଗାଇଦେବା ଯୋଜନାର ନିଶ୍ଚିତତା ନ ଥିବାରୁ ସେମାନେ ପୁଣି ସେମାନଙ୍କ କାର୍ଯ୍ୟସ୍ଥଳୀକୁ ଫେରିଯିବା ଦେଖିବାକୁ ପାଉଛେ । ଅନ୍‌ଲକ୍ ୪.୦ରେ କେନ୍ଦ୍ର ସରକାର ମଧ୍ୟ ଶିଳ୍ପ କାର୍ଯ୍ୟକଳାପ ଆରମ୍ଭ କରିବାକୁ ଅନୁମତି ଦେଇଛନ୍ତି । ଏହାର ସୁଯୋଗ ନେଇ ବଲାଙ୍ଗୀର, ସୋନପୁର, ନୂଆପଡ଼ା, ଗଞ୍ଜାମ, କୋରାପୁଟ, ରାୟଗଡ଼ା ଏବଂ ସମ୍ବଲପୁର ଜିଲାର ପ୍ରବାସୀ ଶ୍ରମିକମାନେ ଯେଉଁଠୁ ଆସିଥିଲେ ସେଠାକୁ ଫେରିଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ନୂଆଖାଇ ପର୍ବ ଶେଷ ହୋଇଯାଇଥିବାରୁ ସେମାନେ କାର୍ଯ୍ୟସ୍ଥଳୀକୁ ଫେରିଯିବାକୁ ଚାହୁଁଛନ୍ତି । ସୂତ୍ରରୁ ଜଣାପଡିଛି ଯେ,ଗୁଜରାଟ ଓ ତାମିଲନାଡୁରେ ଫାର୍ମ ମାଲିକମାନେ କାମ ଆରମ୍ଭ କରିବାକୁ ସ୍ଥିର କରିଥିବାରୁ ଶ୍ରମିକମାନଙ୍କୁ ପ୍ରଲୋଭନ ଦେଖାଇ ନେବାକୁ ଚାହୁଁଛନ୍ତି । ଏଥିଲାଗି ସେମାନେ ମଧ୍ୟସ୍ଥ ଓ ଠିକାଦାରମାନଙ୍କୁ ଏହି କାମରେ ଲଗାଇଦେଇଛନ୍ତି । ଶ୍ରମିକମାନେ ମଧ୍ୟ ସେମାନଙ୍କ ତରଫରୁ ଫେରିଯିବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି ଓ ସେମାନେ ମଧ୍ୟସ୍ଥମାନଙ୍କଠାରୁ ଅଗ୍ରିମ ଟଙ୍କା ନେଉଥିବା ଜଣାପଡିଛି । ମହାମାରୀ ସଂକ୍ରମଣ ବ୍ୟାପକ ହେଉଥିବାବେଳେ ଦୂର ସ୍ଥାନକୁ ଶ୍ରମିକମାନେ ବସ୍‌ରେ ଫେରିଯିବାକୁ ଚାହୁଁଥିବା ଘଟଣା ହିଁ ଚିନ୍ତାର କାରଣ । ଗତ ସପ୍ତାହରେ ପ୍ରବାସୀ ଶ୍ରମିକମାନଙ୍କୁ ନେଇ ଗଞ୍ଜାମରୁ ଗୁଜରାଟ ଅଭିମୁଖେ ଯାଉଥିବା ଏକ ବସ ଛତିଶଗଡ଼ ରାୟପୁର ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଦୁର୍ଘଟଣାସ୍ଥଳରେ ୮ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ । ଆଉ ଏକ ବସ୍ ଶ୍ରମିକମାନଙ୍କୁ ନେଇ ତାମିଲନାଡୁ ଯାଉଥିବାବେଳେ ରାୟଗଡା ନିକଟରେ ଓଲଟି ପଡିବାରୁ ୮ ଜଣ ଗୁରୁତର ଆହତ ହୋଇଥିଲେ । ମାସ ମାସ ଧରି କାମ ନ ପାଇ ନିରାଶ ହୋଇ ସେମାନଙ୍କ କାର୍ଯ୍ୟସ୍ଥଳୀକୁ ଫେରିବା ସମୟରେ ଏଭଳି ଦୁର୍ଘଟଣା ଘଟିବା ଦୁର୍ଭାଗ୍ୟଜନକ । ପ୍ରଥମେ ପ୍ରଶାସନ ସେମାନଙ୍କୁ କାମ ଯୋଗାଇ ଦେବାରେ ଅକ୍ଷମ ହେଲା । ଏବେ ବାହାରକୁ ଯାଉଥିବା ଏହି ଲୋକମାନଙ୍କର ଜୀବନ ବଞ୍ଚାଇବା ଓ ସୁରକ୍ଷାକୁ ସୁନିଶ୍ଚିତ ନ କରି ଆଉ ଏକ ଆପରାଧିକ ଅବହେଳା ପ୍ରଦର୍ଶନ କରୁଛି । ରାଜ୍ୟ ସରକାର ସେମାନଙ୍କୁ ଏଠାକୁ ଆଣିଥିବାରୁ ତାଙ୍କ ତରଫରୁ ସେମାନଙ୍କୁ ଲାଭଦାୟକ ରୋଜଗାର ଯୋଗାଇ ଦେବା ଆବଶ୍ୟକ ଥିଲା, କିନ୍ତୁ ତାହା ହୋଇପାରିଲା ନାହିଁ । ଯେଉଁଥିପାଇଁ ଏବେ ସେମାନେ ନିଜ ଜୀବନ ବଞ୍ଚାଇବା ପାଇଁ ରାଜ୍ୟ ଛାଡୁଛନ୍ତି ଓ ନିଜ ଖର୍ଚ୍ଚରେ ଫେରିଯିବାର ବନ୍ଦୋବସ୍ତ କରୁଛନ୍ତି । ଏହି ପରିସ୍ଥିତିରେ ପ୍ରଶାସନ ସେମାନଙ୍କ ସୁରକ୍ଷିତ ଯାତ୍ରା ଲାଗି ବ୍ୟବସ୍ଥା କରିବା ଦରକାର । ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରମିକମାନଙ୍କୁ କର୍ମସ୍ଥଳୀକୁ ନେବା ଲାଗି ଶ୍ରମିକ ସ୍ପେଶାଲ ଟ୍ରେନ ଚଳାଇବାକୁ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଅନୁରୋଧ କରିଥିଲେ । ଏହା ସ୍ୱାଗତଯୋଗ୍ୟ । ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ବସ୍ ଠାରୁ ରେଳଯାତ୍ରା ନିଶ୍ଚିତ ସୁରକ୍ଷିତ । ଲଗାତର ଲକ୍‌ଡାଉନ ଓ ଶଟ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକମାନେ ଭଲ ରୋଜଗାର ପାଇବାରେ ଅସଫଳ ହୋଇଛନ୍ତି । ଏହା ଯୋଗୁ ସେମାନଙ୍କ ମନରେ ବିଷାଦ ଓ ନିରାଶା ଭରିଯାଇଛି । ମହାମାରୀ ବ୍ୟାପକ ହେଉଥିବା ସତ୍ତ୍ୱେ ସୁଧୁରୁଥିବା ଆମ ଅର୍ଥ ବ୍ୟବସ୍ଥା ଶ୍ରମିକମାନଙ୍କୁ ସେମାନଙ୍କ କର୍ମସ୍ଥଳୀକୁ ଫେରିଯିବାକୁ ଉସୁକାଉଛି । ଏ କ୍ଷେତ୍ରରେ ପ୍ରଶାସନ ଆଗକୁ ବାହାରି ପ୍ରବାସୀ ଶ୍ରମିକମାନେ କିଭଳି ସେମାନଙ୍କ ଲକ୍ଷ୍ୟସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚିପାରିବେ ତାହା ନିଶ୍ଚିତ କରିବା ଉଚିତ ।

## ଆଜିର ଅର୍ଥନୀତି

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | 1 | | | | B | 3 | A | | | | | |
| | | | 0 | | 9 | | C | | 5 | 7 | | | D | |
| | 0 | 1 | 4 | 3 | D | 6 | 5 | | | | | | | |
| D | | | | B | | | | | | E | | | 3 | 9 |
| | | 9 | | 7 | | 4 | | | | | | B | | A |
| 9 | E | | | | 0 | | 4 | D | | | 7 | 1 | 8 | |
| | | 4 | | | | | 3 | 8 | 6 | B | | | | C |
| | | | E | | | | | | 9 | | | | 4 | 3 |
| 8 | 6 | | | A | | C | | 5 | | 2 | | | | 7 |
| | | A | | | | | | | | | | | 2 | |
| E | | | | 9 | 1 | B | | | | | | | | 0 |
| B | | | 6 | | | | D | | | | | C | 9 | |
| | | | 5 | | 4 | | 9 | C | | | D | 2 | | |
| | 5 | D | | | E | | 0 | | | | | | | |
| 4 | | | 8 | | | | | A | | C | E | | B | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 8 | 6 | 2 | D | 4 | 9 | 1 | 7 | A | 3 | C | E | B | 0 |
| A | 4 | B | C | 0 | 3 | 2 | E | D | 6 | 8 | 9 | 1 | 7 | 5 |
| C | 7 | 9 | 5 | E | 8 | B | 3 | 0 | 4 | 2 | 1 | 6 | A | D |
| 1 | E | 2 | A | B | 6 | C | 8 | 5 | 0 | D | 7 | 3 | 4 | 9 |
| 0 | D | 3 | 9 | 1 | 7 | A | 6 | 4 | 5 | E | B | 2 | C | 8 |
| B | C | 5 | 6 | 9 | 0 | 7 | D | 2 | 8 | 1 | 3 | A | E | 4 |
| D | 2 | E | 8 | A | 1 | 4 | C | 3 | B | 7 | 5 | 9 | 0 | 6 |
| 7 | 1 | 4 | B | 3 | D | 0 | 9 | 8 | E | A | 6 | C | 5 | 2 |
| 3 | A | 0 | E | 7 | C | 1 | 5 | 6 | 2 | 9 | 4 | D | 8 | B |
| 9 | 6 | 8 | 4 | 2 | 5 | E | B | A | C | 0 | D | 7 | 3 | 1 |
| E | 5 | 1 | D | 6 | 2 | 8 | A | C | 3 | 4 | 0 | B | 9 | 7 |
| 8 | 3 | C | 1 | 4 | 9 | D | 2 | B | 7 | 5 | E | 0 | 6 | A |
| 6 | 0 | A | 7 | C | E | 5 | 4 | 9 | 1 | B | 2 | 8 | D | 3 |
| 4 | 9 | 7 | 3 | 8 | B | 6 | 0 | 1 | D | C | A | 5 | 2 | E |
| 2 | B | D | 0 | 5 | A | 3 | 7 | E | 9 | 6 | 8 | 4 | 1 | C |

ଗତକାଲିର ଉତ୍ତର

# କରୋନା କାଳରେ ପୁଷ୍ଟି ବଗିଚା



ବିଚିତ୍ର ବିଶ୍ୱାଳ

କରୋନା ଭୂତାଣୁ ସଂକ୍ରମଣଜନିତ ଲକ୍‌ଡାଉନ୍ ବା ତାଲାବନ୍ଦ ଯୋଗୁ ସାରା ରାଜ୍ୟର ଲୋକମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି, ସେଥିମଧ୍ୟରୁ ଦୈନିକ ଉପଯୁକ୍ତ ପରିମାଣର ଓ ପ୍ରକାରର ଖାଦ୍ୟର ଅଭାବ ତଥା ଖାଦ୍ୟରେ ବିବିଧତାର ଅଭାବ ଅନ୍ୟତମ । ଏଠାରେ ସୂଚନାଯୋଗ୍ୟ ଯେ, ତାଲା ବନ୍ଦ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସିନା ଲୋକମାନଙ୍କୁ ସୁଲଭ ମୂଲ୍ୟରେ ଚାଉଳ ଓ ଗହମ ଯୋଗାଇ ଦିଆଯାଉଥିଲା, ହେଲେ ଦୋକାନ ବଜାର ଓ ସାପ୍ତାହିକ ହାଟ ଆଦି ବନ୍ଦ ଥିବା ଯୋଗୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଲୋକମାନଙ୍କୁ ନିୟମିତ ଭାବେ ପନିପରିବା ଖାଇବାକୁ ମିଳୁ ନ ଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ପରିବାର ସ୍ତରରେ ଖାଦ୍ୟରେ ନିୟମିତ ଭାବେ ବିବିଧତାର ଅଭାବ ଅପପୁଷ୍ଟିର ଏକ ପ୍ରମୁଖ କାରଣ । କିନ୍ତୁ ଏହି ତାଲାବନ୍ଦ ସମୟରେ କଳାହାଣ୍ଡି ଜିଲାର ମଦନପୁର ରାମପୁର ବ୍ଲକ୍‌ର ମୋଟଗଣ୍ଡା ଗ୍ରାମର ୩୮ ବର୍ଷୀୟ ଟିକେଦେଇ ହାତୀ ଓ ତାଙ୍କ ପରିବାର ପାଇଁ ଖାଦ୍ୟରେ ବିବିଧତାର ଅଭାବ ସମସ୍ୟା ଦେଖାଦେଇ ନ ଥିଲା । ଅନ୍ତତଃପକ୍ଷେ ଏହି ସମୟରେ ତାଙ୍କ ଖାଦ୍ୟରେ ନିୟମିତ ଭାବେ ପନିପରିବାର କେବେ ଅଭାବ ହୋଇ ନ ଥିଲା । କାରଣ ତାଙ୍କ ପାଖରେ ଥିଲା 'ଓଡ଼ିଶା ଜୀବିକା ମିଶନ୍' ଦ୍ୱାରା 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମ ଅଧୀନରେ ପ୍ରସ୍ତୁତ କରାଯାଉଥିବା ପୁଷ୍ଟି ବଗିଚା । ଏହା ଏକପ୍ରକାର ପନିପରିବା ବଗିଚା, ଯାହାକୁ ପରିବାରର ପୁଷ୍ଟିର ଆବଶ୍ୟକ ଅନୁଯାୟୀ ତିଆରି କରାଯାଇଥାଏ । ଯଥା ପୁଷ୍ଟିର ଆବଶ୍ୟକତା ଅନୁସାରେ ଭିନ୍ନ ଭିନ୍ନ ପ୍ରକାର ଦେଶୀ ପନିପରିବା ବିହନ (୧୪ରୁ ୧୭ ପ୍ରକାରର) ଏଥିରେ ଲଗାଯାଇଥାଏ ଓ ଏଥିରେ ଆଦୌ ବି ରାସାୟନିକ ସାର ଓ ବିଷ ପ୍ରୟୋଗ ହୋଇ ନ ଥାଏ । ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ବିଭିନ୍ନ ପ୍ରକାର ପତ୍ର, ଗୋବର, ଗୋମୂତ୍ର ଆଦି ଦ୍ୱାରା ଜୈବିକ ଖତ ଓ କୀଟନାଶକ ତିଆରି କରି ଏହି ପୁଷ୍ଟି ବଗିଚାରେ ପ୍ରୟୋଗ କରାଯାଏ । ତାଲାବନ୍ଦ ସମୟରେ ଟିକେ ଦେଈ ପ୍ରତିଦିନ ପ୍ରାୟ ୫ରୁ ୭ ପ୍ରକାରର ପନିପରିବା ତାଙ୍କ ପୁଷ୍ଟି ବଗିଚାରୁ ଅମଳ କରୁଥିଲେ ଓ ଲୋକମାନେ ଯେତେବେଳେ କିଛି ବି ପରିବା ଖାଇବାକୁ ପାଉ ନ ଥିଲେ, ସେ ତାଙ୍କ ପିଲାମାନଙ୍କୁ ଯଥେଷ୍ଟ ପରିମାଣର ପରିବା ଖୁଆଇ ପାରୁଥିବାରୁ ଅଶେଷ ସନ୍ତୋଷ ଲାଭ କରୁଥିଲେ ବୋଲି ନିଜ କଥାରେ କୁହନ୍ତି । ସେ କୁହନ୍ତି, ଛୁଆମାନଙ୍କ ପାଇଁ ଆବଶ୍ୟକୀୟ ଖାଦ୍ୟ ଯୋଗାଇ ପାରିବାଠାରୁ ଗୋଟେ ମା' ପାଇଁ ଆଉ ଅଧିକ କ'ଣଟା ଗୁରୁତ୍ୱପୂର୍ଣ୍ଣ ଯେ ! ମୋଟଗଣ୍ଡା ଗାଁର କେବଳ ଟିକେ ଦେଈ ନୁହନ୍ତି, ଆହୁରି ଚଉଦ ପରିବାର ଏହିପରି ପୁଷ୍ଟି ବଗିଚା କରି ପନିପରିବା ଅମଳ କରି ତାଲାବନ୍ଦ ସମୟରେ ଖାଦ୍ୟ ବିବିଧତାର ଅଭାବକୁ କମ୍ କରିପାରିଛନ୍ତି । ସମୁଦାୟ ମଦନପୁର ରାମପୁର ବ୍ଲକ୍‌ରେ ୨୪୦୦ଟି ପୁଷ୍ଟି ବଗିଚା ହୋଇଥିବାର କଥା ଅଧିକାରୀ ପ୍ରକାଶ କରନ୍ତି । ସାମଗ୍ରିକ ଭାବେ ଦେଖିଲେ, ଓଡ଼ିଶାର କେବଳ ମଦନପୁର ରାମପୁର ବ୍ଲକ୍‌ରେ ଏ କାହାଣୀ ସୀମିତ ନାହିଁ । ରାୟଗଡ଼ା ଜିଲାର ମୁନିଗୁଡ଼ା ବ୍ଲକ୍‌ର ଶିବପଦର ଗ୍ରାମର ଧନଷ୍ଟି ବାଡ଼ିଗା, କାଶୀପୁର ବ୍ଲକ୍‌ର ଚାରଜୋଡ଼ି ଗ୍ରାମର ରୁକ୍ମିଣୀ ଝୋଡ଼ିଆ, ଗଜପତି ଜିଲାର ରା.ଉଦୟଗିରି ବ୍ଲକ୍‌ର ଅନୁକମ୍ପା ଗ୍ରାମର ଲକ୍ଷ୍ମୀ ରଇତ ଓ ସମ୍ବଲପୁର ଜିଲାର ଜୁଜୁମୁରା ବ୍ଲକ୍‌ର ବାରିବନ୍ଧ ଗ୍ରାମର ଜୟନ୍ତୀ ବାରିକ ପ୍ରମୁଖ ଏହିପରି ପୁଷ୍ଟି ବଗିଚା ତିଆରି କରି ତାଲାବନ୍ଦ ସମୟରେ ନିଜ ଛୁଆମାନଙ୍କର ଖାଦ୍ୟ ବିବିଧତାର ଅଭାବକୁ ଦୂର କରିପାରିଛନ୍ତି । ଏହାବ୍ୟତୀତ କନ୍ଧମାଳ, ସୁନ୍ଦରଗଡ଼, ଜଗତ୍‌ସିଂହପୁର, ମାଲ୍‌କାନଗିରି, କେଉଁଝର ଆଦି ଜିଲାରେ ଅନେକ ଚାଷୀ ତାଲାବନ୍ଦ ସମୟରେ ପୁଷ୍ଟି ବଗିଚା ମାଧ୍ୟମରେ ନିଜ ପରିବାରର ଖାଦ୍ୟ ବିବିଧତାକୁ ନିଶ୍ଚିତ କରିପାରିଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ, ଓଡ଼ିଶାରୁ ଅପପୁଷ୍ଟି ଦୂର କରିବାର ଲକ୍ଷ୍ୟ ରଖିଥିବା 'ଅଜିମ୍ ପ୍ରେମ୍‌ଜୀ ଫିଲାନ୍ଥ୍ରୋପିକ୍ ଇନିସିଏଟିଭ୍' (ଏପିପିଆଇ) ସହାୟତାରେ ଓଡ଼ିଶା ଜୀବିକା ମିଶନ୍ ମାଧ୍ୟମରେ ସାରା ରାଜ୍ୟରେ ଖାଦ୍ୟର ବିବିଧତା ବୃଦ୍ଧି କରି ଅପପୁଷ୍ଟି ଦୂର କରିବା ପାଇଁ ୨୦୧୯ ମସିହାରୁ 'ମୋ ଉପକାରୀ ବଗିଚା' ନାମରେ ଏକ କାର୍ଯ୍ୟକ୍ରମ ଚାଲୁଛି । ତିନୋଟି ସ୍ୱେଚ୍ଛାସେବୀ ସଂସ୍ଥା 'ଲିଭିଙ୍ଗ୍ ଫାର୍ମସ', 'ହର୍ଷ ଟ୍ରଷ୍ଟ' ଓ 'ପ୍ରଦାନ' ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନ୍‌କୁ ବୈଷୟିକ ସହାୟତା ପ୍ରଦାନ କରୁଛନ୍ତି । ମୁଖ୍ୟତଃ ଗାଁ ସ୍ତରରେ ଥିବା ସ୍ୱୟଂ ସହାୟକ ଦଳଙ୍କ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ତୃଣମୂଳ ସ୍ତରକୁ ଯାଉଛି । କାର୍ଯ୍ୟକ୍ରମ ଆରମ୍ଭରେ ସମୁଦାୟ ୭୫ହଜାର ସ୍ୱୟଂ ସହାୟକ ଦଳଙ୍କ ସହ କାମ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହା ସଂପ୍ରତି ଲକ୍ଷାଧିକ ସ୍ୱୟଂ ସହାୟକ ଦଳଙ୍କ ସହ କାମ କରୁଛି । ପୂର୍ବରୁ କେବଳ ଜୀବନ ଜୀବିକାର ବିକାଶ ପାଇଁ କାମ କରୁଥିବା ଓଡ଼ିଶା ଜୀବିକା ମିଶନ 'ମୋ ଉପକାରୀ ବଗିଚା' ମାଧ୍ୟମରେ ଅପପୁଷ୍ଟି ଦୂର କରିବା ପାଇଁ ଅଣ୍ଟା ଭିଡ଼ିବା ଏକ ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ ପଦକ୍ଷେପ । 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାଙ୍କ ମଧ୍ୟରେ ପୁଷ୍ଟି ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ବୃଦ୍ଧି କରି ସେ ବିଷୟରେ ଗ୍ରାମ ସ୍ତରରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସ୍ୱୟଂ ସହାୟକ ଦଳଗୁଡ଼ିକ ମଧ୍ୟରେ 'ସହଭାଗୀ ଶିକ୍ଷା ଓ କାର୍ଯ୍ୟ' (ପି.ଏଲ.ଏ.) ବୈଠକ ଆୟୋଜନ କରାଯାଉଛି । ଏହି ବୈଠକଗୁଡ଼ିକ ଏପରି ଭାବେ କରାଯାଉଛି ଯେପରି ମହିଳାମାନେ କେବଳ ସୂଚନା ପାଇବାରେ ସୀମିତ ନ ରହି ନିଜେ ସମସ୍ୟାକୁ ହୃଦୟଙ୍ଗମ କରି ତା'ର ସମାଧାନ ପାଇଁ ନିଜେ ଯୋଜନା କରିବେ ଓ ପଦକ୍ଷେପ ନେବେ । ଏହି ଅଭିନବ ଉପାୟରେ ବୈଠକ କରି ମହିଳାମାନେ ନିଜ ପରିବାରର ଖାଦ୍ୟରେ ବିବିଧତା ବୃଦ୍ଧି କରିବା ପାଇଁ ନିଜ ବାଡ଼ିରେ ପୁଷ୍ଟି ବଗିଚା ତିଆରି କରୁଛନ୍ତି, ଯାହା କି ମୋ ଉପକାରୀ ବଗିଚା କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପୁଷ୍ଟି ବଗିଚାରେ ପରିବାରର ପୁଷ୍ଟିର ଆବଶ୍ୟକତା ଅନୁସାରେ ପନିପରିବା ଲଗାଯିବାର ବ୍ୟବସ୍ଥା ହୋଇଛି ଓ ପ୍ରତ୍ୟେକ ପୁଷ୍ଟି ବଗିଚାରେ ଅମୃତଭଣ୍ଡା, ସଜନା, ଲେମ୍ବୁ ଓ କଦଳୀ ଗଛ ମଧ୍ୟ ଲଗାଯାଉଛି । ଫଳରେ ଲୋକମାନେ ପନିପରିବା ସହିତ ଆବଶ୍ୟକୀୟ ଫଳ ବି ପାଇପାରିବେ । ଏହା ସହିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ଉନ୍ନତ ପ୍ରଣାଳୀରେ କୁକୁଡ଼ା ଓ ଛେଳି ପାଳନ କରିବା ପାଇଁ ବି ପ୍ରୋତ୍ସାହିତ କରାଯାଉଛି, ଯାହାଦ୍ୱାରା ସେମାନେ ପନିପରିବା ସହିତ କୁକୁଡ଼ା, ଅଣ୍ଡା ଓ ମାଂସ ବି ଖାଇପାରିବେ ଓ ନିଜ ପୁଷ୍ଟିର ବିକାଶ କରିପାରିବେ । ଗତ ବର୍ଷ ସାରା ରାଜ୍ୟରେ ୯୦ ହଜାର ପୁଷ୍ଟି ବଗିଚା ପ୍ରସ୍ତୁତ ହୋଇଥିବା ବେଳେ, ଚଳିତବର୍ଷ ୫ ଲକ୍ଷ ପୁଷ୍ଟି ବଗିଚା ପ୍ରସ୍ତୁତ କରିବାର ଲକ୍ଷ୍ୟ ରହିଛି, ଯେଉଁଥି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୫୦୦ କୋଟି ଟଙ୍କାର ବଜେଟ ବି ବ୍ୟବସ୍ଥା ହୋଇଛି । ଚଳିତବର୍ଷ ପୁଷ୍ଟି ବଗିଚାକୁ ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଆଇନ୍ ସହିତ ବି ସାମିଲ୍ କରାଯାଇଛି । ପୁଷ୍ଟି ବଗିଚା ପ୍ରସ୍ତୁତ କରୁଥିବା ହିତାଧିକାରୀଙ୍କୁ ଏହି ଯୋଜନା ମାଧ୍ୟମରେ ଶ୍ରମ ବାବଦକୁ ମଜୁରି ଓ କେତେକ ଜରୁରୀ ସାମଗ୍ରୀ ବାବଦକୁ ଟଙ୍କା ଦିଆଯିବାର ବ୍ୟବସ୍ଥା ବି ହୋଇଛି । ତୃଣମୂଳ ସ୍ତରରେ ଓଡ଼ିଶା ଜୀବିକା ମିଶନ୍‌ର କୃଷିମିତ୍ର, ପ୍ରାଣୀମିତ୍ର ଓ ସି.ଆର.ପି. ମାନେ ଅତ୍ୟନ୍ତ ନିଷ୍ଠାର ସହିତ ଏହି କାର୍ଯ୍ୟକ୍ରମକୁ ଆଗକୁ ନେଉଛନ୍ତି । ଏପରି କି କରୋନାର ସଂକ୍ରମଣର ବିପଦ ଓ ତାଲାବନ୍ଦ ସମୟରେ ବି ଏହି ତୃଣମୂଳ ସ୍ତରୀୟ କର୍ମୀମାନେ ନିଷ୍ଠାପର ଭାବେ ପୁଷ୍ଟି ବଗିଚା ପ୍ରସ୍ତୁତି ଓ ଅନ୍ୟାନ୍ୟ କାମରେ ସହାୟତା କରି ସାରା ରାଜ୍ୟରେ ଉଦାହରଣ ସୃଷ୍ଟି କରିଛନ୍ତି ।

ସଂପ୍ରତି ଅପପୁଷ୍ଟି ଦୂର କରିବା ପାଇଁ ଖାଦ୍ୟ ବିବିଧତା ବୃଦ୍ଧି କରିବା ଏକ ଅମୋଘ ଅସ୍ତ୍ର ଭାବେ ଉଭା ହେଉଥିବା ବେଳେ 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମରୁ ଗ୍ରାମାଞ୍ଚଳର ହିତାଧିକାରୀମାନେ 'ଖାଦ୍ୟ ଓ କୃଷି ସଂଗଠନ' ଧାର୍ଯ୍ୟ କରିଥିବା ୧୦ ପ୍ରକାର ଖାଦ୍ୟ ବର୍ଗ ମଧ୍ୟରୁ ମୋଟ୍ ୬ ପ୍ରକାର ଖାଦ୍ୟ ବର୍ଗ ଯଥା ଶାଗ ଜାତୀୟ ପନିପରିବା, ଭିଟାମିନ୍-ଏ ଯୁକ୍ତ ପନିପରିବା ଓ ଫଳ, ଅନ୍ୟାନ୍ୟ ପନିପରିବା, ଅନ୍ୟାନ୍ୟ ଫଳ, ଅଣ୍ଡା ଜାତୀୟ ଖାଦ୍ୟ, ମାଛ ଓ ମାଂସ ଜାତୀୟ ଖାଦ୍ୟ ଆଦି ପାଇବାକୁ ସକ୍ଷମ ହୋଇପାରୁଛନ୍ତି । ଯଦିଓ ପୁଷ୍ଟି ବଗିଚାରେ ଲାଗିଥିବା ଫଳ ଗଛଗୁଡ଼ିକ ଏପର୍ଯ୍ୟନ୍ତ ଅମଳ ଦେଇନାହାନ୍ତି, କିନ୍ତୁ ଆଗାମୀ ଏକ ବର୍ଷ ମଧ୍ୟରେ ଏହାର ଉତ୍ପାଦନ ଲୋକମାନଙ୍କ ପାଖକୁ ଆସିବାକୁ ଆରମ୍ଭ କରିବ । କିନ୍ତୁ ୧୦ଟି ଖାଦ୍ୟ ବର୍ଗ ମଧ୍ୟରୁ ୫ ପ୍ରକାର ଖାଦ୍ୟ ବର୍ଗ ସଂପ୍ରତି ଲୋକମାନେ 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମରୁ ପାଉଛନ୍ତି । ଏହା ସାରା ରାଜ୍ୟ ପାଇଁ ପୁଷ୍ଟି କ୍ଷେତ୍ରରେ ଏକ ଆଶ୍ୱସ୍ତିର ବିଷୟ ଭାବେ ଉଭା ହୋଇଛି । ଓଡ଼ିଶାର ଏହି କାର୍ଯ୍ୟକ୍ରମରୁ ସଂପ୍ରତି ଅନ୍ୟ ରାଜ୍ୟମାନେ ବି ଶିକ୍ଷା ନେବାକୁ ଆରମ୍ଭ କଲେଣି । ତାଲାବନ୍ଦ ସମୟରେ ଯେତେବେଳେ ଅର୍ଥନୀତି ଏକ ପ୍ରକାର ଠପ୍ ହୋଇଯାଇଛି, ଲୋକମାନଙ୍କ ହାତରେ କାମ ନାହିଁ, ପ୍ରବାସୀ ଶ୍ରମିକମାନେ ଘରକୁ ଫେରି ବେକାରି ଅବସ୍ଥାରେ ବସିଛନ୍ତି, ସେତେବେଳେ ଏହି 'ମୋ ଉପକାରୀ ବଗିଚା' ଅନ୍ତତଃ ଲୋକମାନଙ୍କ ପାଇଁ ପୁଷ୍ଟି କ୍ଷେତ୍ରରେ ଏକ ଆଶାର ସଞ୍ଚାର କରିଛି ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

# ସ୍ମାର୍ଟ ଫୋନ୍‌ରେ ଜୀବନ ବନ୍ଧା



ଡ. ନରେନ୍ଦ୍ର କୁମାର ସେଠୀ

ସ୍ମାର୍ଟ ଫୋନ୍ ବିନା ଆମ ଜୀବନ ଅଟକିଯାଉଛି । ଆମେ ପାଦେ ଆଗକୁ ଯାଇପାରୁନେ । ଫେସ୍‌ବୁକ୍, ଟୁଇଟର ଓ ହ୍ୱାଟ୍ସଆପ ଇତ୍ୟାଦି ବିନା ଯେମିତି ବଞ୍ଚିବା ଅସମ୍ଭବ । ଭାରତର ଶିଳ୍ପାୟନ ଓ ଶିକ୍ଷା ବ୍ୟବସ୍ଥାର ମାନ ବଢ଼ିଛି । ଭାରତରେ ମୋବାଇଲ ଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି । ଟ୍ରେନ୍ ଟିକେଟ, ସିନେମା ଟିକେଟ, ଅନ୍‌ଲାଇନ କିଣାବିକା, ଖବରକାଗଜ ଓ ଟେଲିଭିଜନ ପରି ସବୁ ଜିନିଷ ଆବଦ୍ଧ ହୋଇଛି ସ୍ମାର୍ଟ ଫୋନ୍‌ରେ । ସ୍ମାର୍ଟ ଫୋନ୍ ଚଳିତ ଶତାବ୍ଦୀର ସବୁଠୁ ଚମତ୍କାରୀ ଉଦ୍ଭାବନ ଭାବରେ ବିବେଚିତ କରାଯାଉଛି । ସ୍ମାର୍ଟ ଫୋନ୍‌ର ଚକ୍ରବ୍ୟୂହରେ ଆମେ ବଡ଼ମାନେ ଯେତିକି ଛନ୍ଦି ହେଲେଣି ତାଠୁ ଅଧିକ ଯୋଡ଼ି ହେଇଛନ୍ତି ଆମ ପିଲା । ଛୋଟ ପିଲାମାନେ ସକାଳୁ ଉଠି ଆଗ ଫୋନ୍‌ରେ ୟୁଟ୍ୟୁବ୍‌ରେ ନିଜ ପସନ୍ଦର ଭିଡିଓ ନ ଦେଖିବା ପର୍ଯ୍ୟନ୍ତ ଦାନ୍ତ ଘଷୁ ନାହାନ୍ତି । ପିଲାର ସ୍ମାର୍ଟ ଫୋନ୍ ପାରଙ୍ଗମ ଓ କୌଶଳ ଦେଖି ଆମେ ଖୁସି ହେଉଛେ । ମୋବାଇଲ ଫୋନ୍‌ରେ ଥିବା ଆଣ୍ଟିନା ଅନବରତ ବେତାର ତରଙ୍ଗ ନିକଟସ୍ଥ ଟାୱାରରୁ ଗ୍ରହଣ କରେ ଓ ପଠାଇଥାଏ । ଯଦି ଟାୱାରର ସଂକେତ କମ୍ ଅଛି ମୋବାଇଲର ଆଣ୍ଟିନାରୁ ଅଧିକ ମାତ୍ରାରେ ବେତାର ତରଙ୍ଗ ବାହାରି ଟାୱାର ସହ ସଂଯୋଗ ସ୍ଥାପନ କରିବାକୁ ଲାଗେ । ଧରନ୍ତୁ ଜଣେ ଲୋକ ଭୁବନେଶ୍ୱରରୁ ମୁମ୍ବାଇରେ ଥିବା ସମ୍ପର୍କୀୟଙ୍କୁ ନିଜ ମୋବାଇଲରୁ ଫୋନ୍ କଲେ । ଭୁବନେଶ୍ୱରରୁ ଯାଇଥିବା ଫୋନ୍‌ର ସଂକେତ ପ୍ରଥମେ ନିକଟସ୍ଥ ଟାୱାର ଗ୍ରହଣ କରି ତର୍ଜମା କରେ । ସେ ସଂକେତକୁ ଉପଗ୍ରହକୁ ପଠାଏ । ଉପଗ୍ରହରୁ ସେ ସଂକେତ ମୁମ୍ବାଇରେ ଥିବା ଟାୱାର ଗ୍ରହଣ କରେ ଓ ନିର୍ଦ୍ଦିଷ୍ଟ ଡାଏଲ ହେଇଥିବା ନମ୍ବରକୁ ପଠାଏ । ଏତେସବୁ କାମ ଆଖି ପିଛୁଳାକ ମଧ୍ୟରେ ଶେଷ ହୁଏ । ଅର୍ଥାତ ବେତାର ତରଙ୍ଗ ହେଉଛି ମୋବାଇଲ ବ୍ୟବସ୍ଥାର ଆଧାର । ସବୁ ମୋବାଇଲ ଫୋନ୍ ଲଗାତର ବେତାର ତରଙ୍ଗର ସମ୍ପର୍କରେ ରହି ଆମକୁ ସେବା ଯୋଗାଇ ଦିଏ ।

ମୋବାଇଲ ଫୋନ୍ ବିଷୟରେ ସବୁଠୁ ଜାଣିବା କଥା ହେଲା ଏହାର ବେତାର ତରଙ୍ଗର ନିର୍ଦ୍ଦିଷ୍ଟ ଆଶୋଷଣ ମାତ୍ରା (specific absorption rate (SAR) । ପ୍ରତ୍ୟକ ମୋବାଇଲ ଫୋନ୍ ପଛପଟ ଷ୍ଟିକର କିମ୍ବା ଉପର କାଗଜଖୋଳ ପଛପଟେ ଲେଖାଥାଏ । ଆମେ ନୂଆ ମଡେଲ ମୋବାଇଲ ଫୋନ୍ କିଣିବା ପୂର୍ବରୁ ଆଗ ତା'ର କ୍ୟାମେରା, ସ୍କ୍ରିନ ସାଇଜ, ଇତ୍ୟାଦି ଉପରେ ନଜର ଦେଇଥାଉ । ଅସଲ କଥା ଉପରେ କେହି ନଜର ଦେଇ ନ ଥାନ୍ତି । ଆମେରିକା ଓ ୟୁରୋପୀୟ ଦେଶରେ SAR ମାତ୍ରା ୧.୬ ୱାଟ୍/କେଜି ସ୍ଥିର କରାଯାଇଛି । ଅର୍ଥାତ ମୋବାଇଲ ବ୍ୟବହାର କରୁଥିବା ସମୟରେ ଶରୀରରେ ୧.୬ ୱାଟ୍‌ରୁ ଅଧିକ ଶକ୍ତି ଏକ କିଗ୍ରା ମାଂସରେ ଆଶୋଷିତ ହବା ଉଚିତ ନୁହେଁ । ଭାରତ ସରକାର ୨୦୧୨ ମସିହାରେ ଏକ ନିର୍ଦ୍ଦେଶ ଜାରି କରିଛନ୍ତି । ଏହି ନିର୍ଦ୍ଦେଶ ଅନୁଯାୟୀ ସବୁ ମୋବାଇଲ ଉତ୍ପାଦନକାରୀ ନିଜର SAR ମାତ୍ରାକୁ ଗ୍ରାହକଙ୍କୁ ସ୍ପଷ୍ଟ କରିବା ପାଇଁ ନିର୍ଦ୍ଦେଶ ଅଛି । ନୂଆ ମୋବାଇଲର ଖୋଳ କିମ୍ବା ମୋବାଇଲ ସେଟର ପଛ ପଟେ ଏହା ଉଲ୍ଲେଖ ରହିଥାଏ । ଆମ ଦେଶରେ ଏବେ ୧.୬ ୱାଟ୍/କେଜିରୁ ଅଧିକ SAR ଥିବା ଫୋନ୍ ବିକ୍ରି ନିଷେଧ ।

ଯେହେତୁ ଆମେ ଫୋନ୍‌କୁ କାନରେ ଲଗାଇ କଥା ହୋଇଥାଉ ବେତାର ତରଙ୍ଗ ଆମ ମସ୍ତିଷ୍କ ସଂସ୍ପର୍ଶରେ ଆସିଥାଏ । ସାଧାରଣତଃ ପିଲାମାନଙ୍କ ମସ୍ତିଷ୍କର ଖପୁରି ଅପରିପକ୍ୱ ଅବସ୍ଥାରେ ଥିବାରୁ ବେତାର ତରଙ୍ଗ ଏହାକୁ ଭେଦକରି ମସ୍ତିଷ୍କ ଭିତରର କୋଷିକା ପର୍ଯ୍ୟନ୍ତ ଯାଇପାରେ । ଶିଶୁମାନଙ୍କ ମସ୍ତିଷ୍କର ଖପୁରି ଜଣେ ବୟସ୍କ ଲୋକର ଖପୁରିଠାରୁ ପତଳା ଓ ଶରୀରର କୋଷ ବଢ଼ିଲା ଅବସ୍ଥାରେ ଥିବାରୁ ଏହା ବେତାର ତରଙ୍ଗ ଦ୍ୱାରା ଅଧିକ ପ୍ରଭାବିତ ହୁଏ । ଅର୍ଥାତ ଶିଶୁମାନଙ୍କୁ ମୋବାଇଲ ବ୍ୟବହାର ଦ୍ୱାରା ଅଧିକ କ୍ଷତିର ସମ୍ଭାବନା ଅଛି । ମୋବାଇଲ ବିକିରଣ ଯୋଗୁ ହେଉଥିବା ସମ୍ଭାବିତ ଲକ୍ଷଣ ମଧ୍ୟରେ ଚିଡ଼ିଚିଡ଼ା ହେବା, ରାଗିବା, ରାତିରେ ନିଦ ନ ହେବା, ଅନ୍ୟମନସ୍କ ରହିବା ତଥା ବିଶେଷକରି କର୍କଟ ରୋଗ ହେବାର ସମ୍ଭାବନା ବ୍ୟକ୍ତ କରାଯାଇଛି । ତେବେ ଏ ସମ୍ପର୍କରେ ଅଧିକ ଗବେଷଣା ଚାଲିଛି । ଏପର୍ଯ୍ୟନ୍ତ କିଛି ଠିକ୍ ପ୍ରମାଣ ମିଳିନି । ୨୦୧୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନ୍ତର୍ଗତ ଆନ୍ତର୍ଜାତିକ କର୍କଟ ରୋଗ ଗବେଷଣା ସଂସ୍ଥା ମୋବାଇଲ ବେତାର ତରଙ୍ଗକୁ ଏକ ସମ୍ଭାବିତ କର୍କଟ ରୋଗର କାରଣ ଭାବରେ ତାଲିକାଭୁକ୍ତ କରିଛି । ଅତ୍ୟଧିକ ମୋବାଇଲ ଫୋନ୍ ବ୍ୟବହାର ଯୋଗୁ ମାନସିକ ବିକାର ଯେମିତି ଚିଡ଼ିଚିଡ଼ା ହେବା, ରାଗିବା ଇତ୍ୟାଦି ଗୁଣ ପିଲାମାନଙ୍କଠାରେ ଦେଖାଦିଏ । ଏହା ବ୍ୟତୀତ ଆଖିର ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପଡ଼ିବାର ଯଥେଷ୍ଟ ସମ୍ଭାବନା ଅଛି । ଏଇଟା ନିରାଟ ସତ କଥା ଯେ, ଆମ ଜୀବନରେ ବଢୁଥିବା ଅତ୍ୟାଧୁନିକ ଡିଜିଟାଲ ଓ ଯାନ୍ତ୍ରିକଶୈଳୀ ଆମକୁ ମୋବାଇଲ ଫୋନ୍‌ରୁ ଅଲଗା କରିବା ଅସମ୍ଭବ କରିଛି । ମୋବାଇଲ ଫୋନ୍‌କୁ ଛାଡ଼ି ରହିବା କାଠିକରପାଠ । ପରିବାରରେ ଯେତେ ଲୋକ ସେତେଟା ଫୋନ୍ । ଅର୍ଥାତ ଘର ଭିତରେ ବେତାର ତରଙ୍ଗର ଅଦୃଶ୍ୟ ଜାଲ ବିଛେଇ ହୋଇଅଛି । କେତୋଟି ଉପାୟକୁ ଅବଲମ୍ବନ କଲେ ଆମେ ଏହାର ପ୍ରଭାବ କମ୍ କରିପାରିବା । ଯଥାସମ୍ଭବ ଫୋନ୍‌କୁ ନିଜଠୁ ଦୂରରେ ରଖନ୍ତୁ । ଫୋନ୍ ଚାଲୁ ଅବସ୍ଥାରେ ଛାତି କି ପ୍ୟାଣ୍ଟ ପକେଟରେ ରଖନ୍ତୁ ନାହିଁ । ଯେ ପର୍ଯ୍ୟନ୍ତ ଫୋନ୍ ନ ଲାଗିଛି ସେ ପର୍ଯ୍ୟନ୍ତ ଫୋନ୍‌କୁ କାନରେ ଲଗାନ୍ତୁ ନାହିଁ । ପ୍ରଥମେ ଫୋନ୍ ଅଧିକମାତ୍ରାରେ ବେତାର ତରଙ୍ଗ ପଠାଏ । ଫୋନ୍ ଲାଗିଲା ପରେ ବେତାର ତରଙ୍ଗର ମାତ୍ରା କମିଯାଏ । କଥାହେବା ବେଳେ ହେଡ୍‌ଫୋନ୍ କିମ୍ବା ବ୍ଲୁଟୁଥ୍ ବ୍ୟବହାର କରିବା ଉଚିତ । ଫୋନ୍‌କୁ ଚାଲିବା ଅବସ୍ଥାରେ ନିଜ ମୁଣ୍ଡ ପାଖରେ ରଖି ଶୁଅନ୍ତୁ ନାହିଁ । ଅତି କମ୍‌ରେ ପାଞ୍ଚ ମିଟର ଦୂରରେ ରଖନ୍ତୁ । ନଚେତ ରାତିରେ ଫ୍ଲାଇଟ ମୋଡ଼ରେ ରଖିବା ଭଲ । ସ୍ପିକର ଅନ ରଖି କଥା ହବା ଭଲ । ଫୋନ୍ କରିବା ଅପେକ୍ଷା ମେସେଜ କରିବା ନିରାପଦ । ଯଦି ଫୋନ୍ କରିବା ନିହାତି ଦରକାର ତା'ହେଲେ ଲମ୍ବା ସମୟ କଥା ହୁଅନ୍ତୁ ନାହିଁ । ପିଲାମାନଙ୍କୁ ମୋବାଇଲ ଫୋନ୍‌ଠୁ ଦୂରରେ ରଖନ୍ତୁ । ପିଲାକୁ ନିଜେ ସମୟ ଦେଇ ବାହାରେ ଶାରୀରିକ ଖେଳରେ ବ୍ୟସ୍ତ ରଖନ୍ତୁ ।

ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର
ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଝାଡ଼ଖଣ୍ଡ
ମୋ- ୯୪୭୧୩୮୦୮୧୦
E-mail:sethybarc@rediffmail.com

## ଏଇ ଭାରତରେ

ମହାମାରୀ ସମୟରେ ବାୟୁ ପ୍ରଦୂଷଣ କମ୍ ହୋଇଛି, ନଦୀ ଜଳ ବି ସ୍ୱଚ୍ଛ ହୋଇଯାଇଛି ; କିନ୍ତୁ ଏବେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ବ୍ୟବହାର ବଢ଼ିଯାଇଛି । ୨୦୨୨ ସୁଦ୍ଧା ଉକ୍ତ ପ୍ଲାଷ୍ଟିକ୍‌କୁ ଦେଶରୁ ପର୍ଯ୍ୟାୟକ୍ରମେ ଦୂର କରିବା ଲାଗି ପ୍ରତିଶ୍ରୁତିବଦ୍ଧ ଥିବାବେଳେ ଏହାର ବହୁଳ ବ୍ୟବହାର ମୁଣ୍ଡବିନ୍ଧାର କାରଣ ହୋଇଥିଲେ ବି ଏହି ସମସ୍ୟା ଦୂର କରିବା ଲାଗି ମୁମ୍ବାଇ ପ୍ରୋଜେକ୍ଟ ନାମକ ବେସରକାରୀ ସଂସ୍ଥା ଆଗକୁ ଆସିଛି । ପ୍ରୋଜେକ୍ଟ ମୁମ୍ବାଇର ସ୍ୱେଚ୍ଛାସେବୀମାନେ ଲୋକମାନଙ୍କଠାରୁ ପ୍ଲାଷ୍ଟିକ୍ ସଂଗ୍ରହ କରି ସେମାନଙ୍କୁ ତା' ବଦଳରେ ଚାଉଳ, ଅଟା, ଡାଲି, ତେଲ, ଲୁଣ ଆଦି ଦେଉଛନ୍ତି । ପ୍ରତି ୧ କେ.ଜି. ବର୍ଜ୍ୟ ପ୍ଲାଷ୍ଟିକ୍ ବଦଳରେ ୧ କେ.ଜି. ରାଶନ ଦିଆଯାଉଛି । ଯିଏ ଯେତେ କେ.ଜି. ପ୍ଲାଷ୍ଟିକ୍ ବର୍ଜ୍ୟ ଦେଉଛନ୍ତି ସେମାନେ ସେହି ଅନୁସାରେ ରାଶନ ସାମଗ୍ରୀ ପାଉଛନ୍ତି । ୨୦୧୮ରେ ଏହି ପ୍ରୋଜେକ୍ଟ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଥିଲା । ବର୍ଜ୍ୟ ସଂଗ୍ରହ କରାଯିବା ପରେ ତାହାକୁ ରିସାଇକ୍ଲିଂ ପ୍ରୋସେସରେ ବ୍ୟବହାର ଉପଯୋଗୀ ଫର୍ନିଚର ତିଆରି କରାଯାଉଛି । ଏଥିରେ ସେମାନେ ମୁମ୍ବାଇ ମ୍ୟୁନିସିପାଲର ଖୋଲା ଜାଗାରେ ବେଞ୍ଚ୍ ନିର୍ମାଣ କରୁଛନ୍ତି । ପିଲାମାନଙ୍କ ପାଇଁ ପେନ୍‌ସିଲ୍ ବକ୍ସ ତିଆରି କରି ବାଣ୍ଟୁଛନ୍ତି । ଚଳିତବର୍ଷ ଅକ୍ଟୋବର ସୁଦ୍ଧା ୨.୫ରୁ ୩ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରାଯିବା ଲକ୍ଷ୍ୟ ରହିଛି ବୋଲି କହନ୍ତି ମୁମ୍ବାଇ ପ୍ରୋଜେକ୍ଟର ସିଇଓ ଶିଶିର ଜୋଷୀ ।

## ଚିରନ୍ତନୀ

ଆଖିର ଧରମ ହେବାକୁ ଚିର
ଛଳନାମୟ
ସହଜ ଗତିରେ ଚାହିଁବା ତା'ର
ଲାଗଇ ଭୟ ।
(ପ୍ରାଚୀନ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଡାହାଣୀ ଓ ଗୁଣିଆ ନୀତି

ମହାଶୟ,

ସ୍ୱାଧୀନତାର ଦୀର୍ଘ ୭୩ ବର୍ଷ ପରେ ମଧ୍ୟ ଆମ ଦେଶବାସୀ ସୁଖ ଓ ଶାନ୍ତିରେ ରହିପାରିଲେ ନାହିଁ । ଏହାର ଏକମାତ୍ର କାରଣ ହେଉଛି ସରକାରଙ୍କ ଡାହାଣୀ ଓ ଗୁଣିଆ ନୀତି । ମଦ, ଗଞ୍ଜେଇ, ଅଫିମ ଓ ସିଗାରେଟ ଭଳି ଅନେକ ନିଶାଦ୍ରବ୍ୟ ବିକ୍ରି ପାଇଁ ସରକାର ଅନୁମତି ଦେଇ ସରଳ, ନିରୀହ ଲୋକଙ୍କୁ ନିଶାସେବନ କରାଇ ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ କରାଉଛନ୍ତି । ରାଜ୍ୟ ତଥା ଦେଶରେ ଆପରାଧିକ ଘଟଣା ଘଟୁଛି । ଆଇନ ଓ ଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଛି । ପରବର୍ତ୍ତୀ ଅବସ୍ଥାରେ ବିଭିନ୍ନ ପ୍ରକାର ଚିକିତ୍ସା ସହାୟତା ଯୋଜନା ଓ ରିଲିଫ ଫଣ୍ଡ ଜରିଆରେ ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ ଏବଂ ଅକାଳ ମୃତ୍ୟୁ ଲଭିଥିବା ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି ସରକାର । ଏହା ସରକାରଙ୍କ 'ଡାହାଣୀ ହୋଇ ଗ୍ରାସ କରିବା ଓ ଗୁଣିଆ ହୋଇ ଭଲ କରିବା ନୀତି ' ନୁହେଁ କି ? ବର୍ତ୍ତମାନ କେତେକ ନେତା ପ୍ରତିପକ୍ଷ ଦଳର ସରଳ, ନିରୀହ ଲୋକଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି । ମିଥ୍ୟା କେସ୍‌ରେ ଫସାଇ ତଥା ବିଭିନ୍ନ ପ୍ରକାର ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ କରୁଛନ୍ତି । ଏଭଳି ହେଲେ ଦେଶବାସୀ ଶାନ୍ତିରେ ବଞ୍ଚିପାରିବେ ନାହିଁ ଏବଂ ଦେଶର ବିକାଶ ମଧ୍ୟ ହୋଇପାରିବ ନାହିଁ ।

ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୦,୧୬୯,୩୭୩ | ୯,୪୭,୩୦୩ | ୨୧,୯୦୪,୬୬୨ |
| ଭାରତ | ୫୧,୬୯,୯୮୧ | ୮୩,୭୩୫ | ୪୦,୬୮,୨୬୦ |
| ଓଡ଼ିଶା | ୧,୬୭,୧୬୧ | ୬୬୯(+୫୩) | ୧,୩୩,୪୬୬ |

ଗୁରୁବାର ରାତି ୯ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମା'ଙ୍କୁ ହତ୍ୟାକଲେ ଦୁଇ ନାବାଳକ ପୁଅ

## ରାଜଧାନୀରେ ଚାଞ୍ଚଲ୍ୟ: କୋମଳ ହାତରେ ବୀଭତ୍ସ କାଣ୍ଡ

- ମଦ ପିଇ ମା' ଦେଉଥିଲେ ନିର୍ଯାତନା
- ୨ ଅଭିଯୁକ୍ତ ପୁଅ ଥାନାରେ ଅଟକ
- ମଦ ବୋତଲ, ସିଗାରେଟ, ଶାବଳ ଜବତ

**ଭୁବନେଶ୍ୱର,୧୭।୯(ବ୍ୟୁରୋ) ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.)**

ସ୍ନେହ ବଦଳରେ ମା' ନିର୍ଯାତନା ଦେଉଥିଲେ। ମଦ ଓ ନିଶାରେ ବୁଡ଼ି ରହୁଥିବା ମା'ର ଅତ୍ୟାଚାର ଅସହ୍ୟ ହେବାରୁ ଦୁଇ ନାବାଳକ ପୁଅ ନିଷ୍ଠୁର ହୋଇପଡ଼ିଥିଲେ। ଶେଷରେ ଘର ଭିତରେ ଶାବଳରେ ପିଟି ମା'ଙ୍କୁ ମାରିଦେଲେ। ଭୁବନେଶ୍ୱର ଏୟାରଫିଲ୍ଡ ଥାନା ସୁନ୍ଦରପଦାସ୍ଥିତ ଅର୍କିଡ୍ ରେସିଡେନ୍ସ ଆପାର୍ଟମେଣ୍ଟରେ ବୁଧବାର ରାତିରେ ଘଟିଛି ଏଭଳି ଏକ ଲୋମଟାଙ୍କୁରା ଘଟଣା। ମୃତା ମହିଳା ଜଣକ ହେଲେ ପୁରୀର ବିନୋଦିନୀ ମିଶ୍ର (୪୦)। ପୋଲିସ ବାଥ୍‌ରୁମ୍‌ରୁ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୋନ୍ ଏସିପି ବିଷ୍ଣୁ ପାତ୍ର, ଥାନାଧିକାରୀ ଦୀପକ ମିଶ୍ର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ଘରୁ ସିଗାରେଟ, ମଦ ବୋତଲ ଓ ହତ୍ୟାରେ ବ୍ୟବହୃତ ଶାବଳ ଜବତ ହୋଇଛି। ସାଇଣ୍ଟିଫିକ୍ ଟିମ୍ ଏକାଧିକ ନମୁନା ସଂଗ୍ରହ କରି ନେଇଛି। ଅନ୍ୟପକ୍ଷରେ ପୋଲିସ ଆଇପିସି ଦଫା ୩୦୨ରେ ମାମଲା (ନଂ.୧୮୨/୨୦) ରୁଜୁ କରି ଅଭିଯୁକ୍ତ ଦୁଇ ନାବାଳକ ପୁଅଙ୍କୁ ଧରି ଥାନାରେ ରଖିଛି। ବଡ଼ପୁଅ ଦଶମରେ ପଢୁଥିବାବେଳେ ସାନ ଅଷ୍ଟମ ଶ୍ରେଣୀର ଛାତ୍ର। ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯିବା ପରେ ବ୍ରହ୍ମପୁରସ୍ଥିତ ବାଳ ସୁଧାରଗୃହକୁ ଶୁକ୍ରବାର ପଠାଯିବ। ଏହାସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସିପି ପାତ୍ର କହିଛନ୍ତି। ମୃତ ବିନୋଦିନୀଙ୍କ ବାପ ଘର ପୁରୀରେ ହୋଇଥିବାବେଳେ ସେ ବିବାହ କରିବା ପରେ ପୁରୁଣା ଭୁବନେଶ୍ୱରରେ ରହୁଥିଲେ। ତାଙ୍କ ସ୍ୱାମୀ ରାଉରକେଲାରେ ଚାକିରି କରନ୍ତି। ଦୁଇମାସ ତଳେ ବିନୋଦିନୀ ଶାଶୁ ଘରୁ ଦୁଇପୁଅ ସହ ଚାଲିଆସି ସୁନ୍ଦରପଦାସ୍ଥିତ ଅର୍କିଡ୍ ଆପାର୍ଟମେଣ୍ଟର ଫ୍ଲାଟ୍ ନଂ.୧୦୯ରେ ଭଡ଼ାରେ ରହୁଥିଲେ। ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନାନୁସାରେ, ବିନୋଦିନୀ ସବୁ ରାତିରେ ମଦ୍ୟପାନ କରିବା ସହ ସିଗାରେଟ୍ ସେବନ କରୁଥିଲେ ଓ ଦୁଇପୁଅଙ୍କୁ ନିର୍ଯାତନା ଦେଉଥିଲେ। ବୁଧବାର ରାତି ପ୍ରାୟ ୧୦ଟାରେ ବିନୋଦିନୀ ମଦ ପିଉଥିବାବେଳେ ଦୁଇପୁଅ ବାରଣ କରିବାରୁ ସେ ଉଭୟଙ୍କୁ ମାଡ଼ ମାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବଡ଼ ପୁଅ ଏକ ଶାବଳ ଆଣି ମା' ବିନୋଦିନୀଙ୍କ ମୁଣ୍ଡରେ ପିଟି ଦେଇଥିଲେ। ସେ ବେହୋସ ହୋଇ ତଳେ ପଡ଼ିଯାଇଥିବାବେଳେ ସାନ ପୁଅ ମଧ୍ୟ ପିଟିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯାଇ ପ୍ରବଳ ରକ୍ତସ୍ରାବ ହେବାରୁ ଦୁଇପୁଅ ରକ୍ତ ବନ୍ଦ କରିବାକୁ କପଡା ଓ ଜରି ବାନ୍ଧିଥିଲେ। କିନ୍ତୁ ରକ୍ତ ବନ୍ଦ ହୋଇ ନ ଥିଲା କି ମା'ଙ୍କ ଚେତା ଫେରି ନ ଥିଲା। ମା' ମରିଗଲା ବୋଲି ଭାବି ସେମାନେ ଭୟରେ ତାଙ୍କୁ ଘୋଷାଡ଼ି ନେଇ ବାଥ୍‌ରୁମ୍‌ରେ ପକାଇ ଦେଇଥିଲେ। ଏହାପରେ ଦୁଇ ପୁଅ ଘରେ ତାଲା ପକାଇ ପାଳୁଥିବା କୁକୁରକୁ ଧରି ସ୍କୁଟିରେ ଫେରାର ହୋଇଯାଇଥିଲେ। କିଛି ସମୟ ପରେ ସେମାନେ ପଡୋଶୀଙ୍କୁ ଫୋନ୍ କରି ଜଣାଇଥିଲେ ଯେ, କେହି ଦୁର୍ବୃତ୍ତ ତାଙ୍କ ମା'ଙ୍କୁ ମାଡ଼ମାରି ଗୁରୁତର କରି ବାଥ୍‌ରୁମ୍‌ରେ ଫିଙ୍ଗି ଦେଇଛନ୍ତି। ତାଙ୍କୁ ତୁରନ୍ତ ଉଦ୍ଧାର କରି ହସ୍ପିଟାଲ ନେଇଯାଆନ୍ତୁ। ପଡୋଶୀ ଜଣକ ଏକଥା ଶୁଣି ଆପାର୍ଟମେଣ୍ଟର ଅନ୍ୟ ଲୋକଙ୍କୁ ଡାକିବା ସହ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଲକ୍ ତାଡ଼ି ଘର ଭିତରକୁ ପଶିବା ପରେ ବାଥ୍‌ରୁମ୍‌ରୁ ବିନୋଦିନୀଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲା। ଏଥିସହ ପୋଲିସ ଦୁଇ ପୁଅଙ୍କୁ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରୁ ଧରି ଥାନାକୁ ଆଣି ପଚରାଉଚରା କରିବା ପରେ ପୂରା ଘଟଣା ପଦାକୁ ଆସିଥିଲା।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଘର ଭିତରେ ଅଧିକାଂଶ ସମୟରେ ପାଟି ହେଉଥାଏ। ଜଣେ ବ୍ୟକ୍ତି ମଧ୍ୟ ତାଙ୍କ ଘରକୁ ଯିବା ଆସିବା କରୁଥିଲେ। ଖୁବ୍ କମ୍ ଦିନ ହେବ ରହୁଥିବାରୁ ସେମାନଙ୍କ ସହ ଆପାର୍ଟମେଣ୍ଟରେ କାହାର ସେପରି ମିଳାମିଶା ନ ଥିଲା। ତେବେ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହାର ପ୍ରକୃତ କାରଣ ଜଣାପଡିନି। ଡିସିପି ଉମାଶଙ୍କର ଦାଶ କହିଛନ୍ତି, ପାରିବାରିକ କଳହରୁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି। ତଦନ୍ତ ସରିବା ପରେ ସବୁକିଛି ସ୍ପଷ୍ଟ ହେବ।



ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।



ଜବତ ଶାବଳ ଓ ସଂଗ୍ରହ କରାଯାଇଥିବା ରକ୍ତ ନମୁନା ।

## ଭାଜପା ନେତା ଅଶୋକ ସାହୁଙ୍କ ପରଲୋକ



କଟକ ଅଫିସ,୧୭।୯: ଅବସରପ୍ରାପ୍ତ ଆଇପିଏସ୍ ଅଫିସର ତଥା ବରିଷ୍ଠ ଭାଜପା ନେତା ଅଶୋକ ସାହୁ(୬୮)ଙ୍କର ଗୁରୁବାର ପରଲୋକ ଘଟିଛି। ଗତ ଏକ ସପ୍ତାହ ହେବ ସେ ଅସୁସ୍ଥ ହୋଇ କଟକର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ପୂର୍ବାହ୍ନରେ ତାଙ୍କର ପରଲୋକ ଘଟିଥିଲା। ପରେ ତାଙ୍କ ମରଶରୀରକୁ ପିଠାପୁରସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଅଶୋକଙ୍କ ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ଲୋକ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

ସ୍ପଷ୍ଟବାଦୀ ଓ ନିର୍ଭୀକ ବ୍ୟକ୍ତିତ୍ୱ ଭାବେ ଅଶୋକ ସାଧାରଣରେ ପରିଚିତ ଥିଲେ। ସେ ଆସାମର ଅତିରିକ୍ତ ପୋଲିସ ଡିଜି ପଦବୀରୁ ସ୍ୱେଚ୍ଛାକୃତ ଅବସର ନେଇ ରାଜନୀତିରେ ପାଦ ଥାପିଥିଲେ। ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଭଳି ବହୁ ସଂଗଠନ ସହ ଜଡ଼ିତ ଥିଲେ। ୨୦୦୯ ସାଧାରଣ ନିର୍ବାଚନରେ ଅଶୋକ ଭାଜପାର ପ୍ରାର୍ଥୀ ହୋଇ କନ୍ଧମାଳ ଲୋକ ସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିଥିଲେ। ସେହିପରି ୨୦୧୪ ନିର୍ବାଚନରେ ଅଶୋକ ପୁରୀ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିଲେ। ଏଥିସହ ଅଶୋକ ଭାଜପାର ବିଭିନ୍ନ ସାଙ୍ଗଠନିକ ପଦବୀରେ ରହିବା ସହ ରାଜ୍ୟ ଉପସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ।

## ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କୁ କରୋନା



ଅଫିସ,୧୭।୯: ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କରୋନା ସଂକ୍ରମିତ ହୋଇଛନ୍ତି। ଏହା ଜଣାପଡିବା ପରେ ସେ ସଙ୍ଗରୋଧରେ ରହିଛନ୍ତି। ଗୁରୁବାର ଏ ସମ୍ପର୍କରେ ବିଧାୟକ ଷଡ଼ଙ୍ଗୀ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରି ଜଣାଇଛନ୍ତି। ଯେଉଁମାନେ ଗତ କିଛିଦିନ ଧରି ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ କୋଭିଡ୍ ଟେଷ୍ଟ କରାଇନେବା ସହ ସଙ୍ଗରୋଧରେ ରହିବାକୁ ବିଧାୟକ ଅନୁରୋଧ କରିଛନ୍ତି। ବିଧାୟକ ଷଡ଼ଙ୍ଗୀଙ୍କ ପରିବାରର କେତେଜଣ ସଦସ୍ୟ ମଧ୍ୟ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି।

## ରାଷ୍ଟ୍ରୀୟ ବେରୋଜଗାର ଦିବସ ପାଳିଲା କଂଗ୍ରେସ

### ମୋଦିଙ୍କ ଜନ୍ମଦିନରେ ଅଭିନବ ପ୍ରତିବାଦ

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସକୁ 'ରାଷ୍ଟ୍ରୀୟ ବେରୋଜଗାର ଦିବସ' ଭାବେ ପାଳନ କରିଛି ଅଖିଳ ଭାରତ ଯୁବ କଂଗ୍ରେସ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ମାଷ୍ଟର କ୍ୟାଣ୍ଟିନ୍ ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ଅଭିନବ ପ୍ରତିବାଦ କରିଥିଲେ ଦଳୀୟ କର୍ମକର୍ତ୍ତା। ଏହି ଅବସରରେ ଯୁବ କଂଗ୍ରେସ କର୍ମୀମାନେ ପ୍ରତୀକାତ୍ମକ ଭାବେ ପକୁଡ଼ି ଛାଣି ବିକ୍ରି କରିଥିଲେ। ପ୍ରଧାନମନ୍ତ୍ରୀଙ୍କ 'ପକୁଡ଼ି ବିକ୍ରି ନିଯୁକ୍ତି' ମନ୍ତବ୍ୟକୁ ମନେପକାଇ ଯୁବ କଂଗ୍ରେସ ପକ୍ଷରୁ ପ୍ରତିବାଦ ସ୍ୱରୂପ ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସ୍ମୃତିରଞ୍ଜନ କହିଲେ, ପ୍ରଧାନମନ୍ତ୍ରୀ ସମଗ୍ର ଯୁବବର୍ଗଙ୍କୁ ପ୍ରତାରଣା କରିଛନ୍ତି। ବେରୋଜଗାର ୪୫ ବର୍ଷର ରେକର୍ଡ ଭାଙ୍ଗିଛି। ଅଟୋମୋବାଇଲ୍ କ୍ଷେତ୍ରରେ ବ୍ୟାପକ ଛଟେଇ ଯୁବ ସମାଜକୁ ରାଜରାସ୍ତାରେ ଠିଆ କରାଇଦେଇଛି। ଦେଶକୁ ୫ ଟ୍ରିଲିୟନ ଇକୋନୋମିର ସ୍ୱପ୍ନ ଦେଖାଉଥିବା ମୋଦିଙ୍କ ଶାସନରେ ଜିଡିପି −୨୩.୯%ରେ ପହଞ୍ଚିଛି। କରୋନା ପରିସ୍ଥିତିରେ ଜୀବିକା ହରାଇ ସଂଘର୍ଷ କରୁଥିବା ଯୁବବର୍ଗଙ୍କ ଲାଗି କୌଣସି ନିର୍ଦ୍ଦିଷ୍ଟ ପ୍ୟାକେଜ ଘୋଷଣା କରାଯାଉନାହିଁ। ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭରଶୀଳ ପ୍ୟାକେଜରେ ନିଯୁକ୍ତି ସମ୍ପର୍କରେ କୌଣସି ସୂଚନା ନାହିଁ।

# ମା' ସମଲେଇଙ୍କ ଧବଳମୁଖୀ ବେଶ

**ସମ୍ବଲପୁର, ୧୭।୯ (ବ୍ୟୁରୋ)**

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ଧବଳମୁଖୀ ବେଶ ତଥା ଗଙ୍ଗା ଦର୍ଶନ ଗୁରୁବାର ଆଶ୍ୱିନ ମହାଳୟା ତିଥିରେ ରୀତିନୀତି ଓ ପରମ୍ପରାରେ ସମ୍ପନ୍ନ ହୋଇଛି । ବୁଧବାର ରାତି ସାଢ଼େ ୧୦ଟାରୁ ମଧ୍ୟରାତ୍ରି ୨ଟା ପର୍ଯ୍ୟନ୍ତ ପୂଜକମାନେ ଶଙ୍ଖ ଓ ଗୋପୀଚନ୍ଦନ ମିଶ୍ରଣରେ ଦେବୀଙ୍କ ଧବଳମୁଖୀ ବେଶ କରିଥିଲେ। ରାତି ୩ଟାରେ ମହାନଦୀ ସମଲେଶ୍ୱରୀ ଘାଟରୁ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଜଳ ଆଣି ଗମ୍ଭିରା ଭିତରେ ସ୍ଥାପନ କରିଥିଲେ । ପରେ ଦେବୀଙ୍କ ଗଙ୍ଗାସ୍ନାନ ଓ ଶ୍ୱେତ ବସ୍ତ୍ର ପରିଧାନ ନୀତି ହୋଇଥିଲା । ଗୁରୁବାର ପ୍ରାତଃ ସାଢ଼େ ୪ଟାରେ ଆଳତି ପରେ ମୁଗ ଓ ଗୁଡରେ ପ୍ରସ୍ତୁତ ସ୍ୱତନ୍ତ୍ର ମୁଗବରା ଭୋଗ ଅର୍ପଣ କରାଯାଇଥିଲା । ମଧ୍ୟାହ୍ନ ୧୨ଟାରେ ଅନ୍ନଭୋଗ, ସନ୍ଧ୍ୟା ୮ଟାରେ ଆଳତି, ୯ଟାରେ ଭୋଗ ଓ ୧୦ଟାରେ ମନ୍ଦିର ବନ୍ଦ ହୋଇଥିଲା । ମୁଖ୍ୟପୂଜକଙ୍କ ସମେତ ପ୍ରଶାନ୍ତ ରାୟ, ଯକ୍ଷ ରାୟ, ପ୍ରକାଶ ରାୟ, ଅକ୍ଷୟ ରାୟ, ଦେବେନ୍ଦ୍ର ରାୟ, ଗଜୀନ୍ଦ୍ର ରାୟ ପ୍ରମୁଖ ସମଲେଇଙ୍କ ବେଶ କରିଥିଲେ । ତେବେ ଚଳିତ ବର୍ଷ କରୋନା କଟକଣା ଯୋଗୁ ମନ୍ଦିର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି । ଏହାଦ୍ୱାରା ଭକ୍ତମାନେ ସମଲେଇଙ୍କ ଧବଳମୁଖୀ ତଥା ଗଙ୍ଗା ବେଶ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ହେଲେ ଭକ୍ତଙ୍କ ଭାବାବେଗକୁ ହୃଦୟଙ୍ଗମ କରି ସମଲେଇ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଫେସ୍‌ବୁକ ଲାଇଭରେ ମା'ଙ୍କ ଏହି ଧବଳମୁଖୀ ବେଶର ସିଧାପ୍ରସାରଣ କରାଯାଇଥିଲା । ଫଳରେ ଭକ୍ତମାନେ ଘରେ ରହି ଦେବୀଙ୍କ ଦର୍ଶନ କରି ପାରିଛନ୍ତି।



# ରାସ୍ତାରେ ନବଜାତକର କଟାମୁଣ୍ଡ

- ଗୁଣିଗାରେଡିରୁ ହତ୍ୟା ସନ୍ଦେହ
- ପୋଲିସର ଛାନ୍‌ଭିନ୍ ଆରମ୍ଭ
- ଘଟଣାସ୍ଥଳରେ ପହଞ୍ଚିଲେ ଡିସିପିଓ

**ଅନୁଗୋଳ ଅଫିସ, ୧୭।୯**

ଅନୁଗୋଳ ସହର ମିଶ୍ରପଡ଼ା ନିକଟ ରାସ୍ତା ମଝିରୁ ଗୁରୁବାର ଜଣେ ନବଜାତ ଶିଶୁର କଟାମୁଣ୍ଡ ଉଦ୍ଧାର କରାଯାଇଛି। ଘଟଣା ଜଣାପଡିବା ପରେ ସାରା ସହରରେ ଆଲୋଡ଼ନ ସୃଷ୍ଟି ହୋଇଛି। କେଉଁ ଅବସ୍ଥାରେ ଏବଂ କିଭଳି ଶିଶୁଟିର କଟାମୁଣ୍ଡ ରାସ୍ତାକୁ ଆସିଲା ତାହା ଜଣାପଡିନାହିଁ। ଘଟଣାସ୍ଥଳରେ ପୋଲିସ, ଅନୁଗୋଳ ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରାତଃ ଭ୍ରମଣ ସାରି ଫେରୁଥିବା ବେଳେ କେତେଜଣ ବ୍ୟକ୍ତି ରାସ୍ତାରେ ଶିଶୁର କଟାମୁଣ୍ଡ ପଡ଼ିଥିବା ଦେଖିଥିଲେ। ଖବର ଜଣାପଡ଼ିବା ପରେ ସେଠାରେ ବହୁ ସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥିଲା। ସୂଚନାପାଇ ଅନୁଗୋଳ ପୋଲିସ ପହଞ୍ଚିଥିଲା। ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ମଧ୍ୟ ଘଟଣାର ଅନୁଧ୍ୟାନ କରିଛନ୍ତି। ଗୁଣିଗାରେଡି ସନ୍ଦେହରେ କେହି ଶିଶୁକୁ ବଳି ପକାଇଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଧରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଅନ୍ୟପଟେ ପୋଲିସ କଟାମୁଣ୍ଡ ଜବତ ପରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ସେହିପରି ଡିସିପିଓ ବେହେରା କହିଛନ୍ତି, ଖବର ପାଇ ଘଟଣାସ୍ଥଳକୁ ଯାଇଥିଲୁ। ପୋଲିସ ତଦନ୍ତ ପରେ ଘଟଣା ବାବଦରେ ଜଣାପଡିବ।

# ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ତମ ଜନ୍ମଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ସହ ଦୀର୍ଘଜୀବନ କାମନା କରିଛନ୍ତି। ଅନୁରୂପ ଭାବେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ମହାପାତ୍ରଙ୍କ ସମେତ ରାଜ୍ୟର ବହୁ ରାଜନେତା ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ରାଜ୍ୟ ଭାଜପା ପକ୍ଷରୁ ଗତ ୧୪ ତାରିଖରୁ ସେବା ସପ୍ତାହ ଆରମ୍ଭ ହୋଇଛି। ଏହିକ୍ରମରେ ଗୁରୁବାର ଦଳର ଯୁବମୋର୍ଚ୍ଚା ପକ୍ଷରୁ ୭୦ ସ୍ଥାନରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା।


**UNIVERSITY LAW COLLEGE, UTKAL UNIVERSITY**
VANIVIHAR, BHUBANESWAR-751004 (ODISHA)
Tel : 0674- 2589507.
Website : www.universitylawcollegebbsr.org

No: ULC/204/2020 **CORRIGENDUM** Date: 16.09.2020

In continuation to this office advertisement no. ULC/185/2020 dated 19.08.2020 regarding inviting application for 5 year BALLB(H) course, the last date of sale and submission of form is extended upto 30.09.2020 by 2 PM. The merit list will be declared on 14.10.2020.

Sd/-
PRINCIPAL


# ୨୧, ୨୨ରେ ଅତି ପ୍ରବଳ ବର୍ଷା

- ରେଡ୍ ୱାର୍ନିଂ ଜାରିକଲା ପାଣିପାଗ ବିଭାଗ
- ସତର୍କ ରହିବାକୁ ଜିଲାପାଳଙ୍କୁ ଜାରି ହେଲା ନିର୍ଦ୍ଦେଶନାମା

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ୨୦ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୨୧ ଓ ୨୨ ତାରିଖରେ ପ୍ରବଳ ବର୍ଷା ହେବ । ୨୧ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଗଞ୍ଜାମ ଏବଂ ପୁରୀ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ ଏବଂ ଖୋର୍ଦ୍ଧା ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୨ତାରିଖରେ ସୁବର୍ଣ୍ଣପୁର, ସମ୍ବଲପୁର, ଅନୁଗୋଳ, ଦେବଗଡ଼, ବରଗଡ଼, ବୌଦ୍ଧ, ଯାଜପୁର, ଭଦ୍ରକ ଏବଂ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲାପାଇଁ ପାଣିପାଗ ବିଭାଗ ରେଡ୍ ୱାର୍ନିଂ ଜାରି କରିଛି। ଏହି ସମୟରେ ମାଲକାନଗିରି, କୋରାପୁଟ, କନ୍ଧମାଳ, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ସବୁ ଜିଲାପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ପରିସ୍ଥିତି ଉପରେ ନଜର ରଖିବା ସହ ସତର୍କ ରହିବାକୁ ଗୁରୁବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ଆଉ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୫୦ରୁ ୫୫ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ଆସନ୍ତା ୨୦ ତାରିଖରୁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଯେଉଁମାନେ ସମୁଦ୍ର ମଧ୍ୟକୁ ଯାଇଛନ୍ତି ସେମାନେ ୨୦ ତାରିଖ ପୂର୍ବରୁ ଫେରିଆସିବାକୁ କୁହାଯାଇଛି।




**ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟ, ଦେବଗଡ଼**

ପତ୍ର ସଂଖ୍ୟା: ୧୬୨୨ **ବିଜ୍ଞପ୍ତି** ତାରିଖ: ୧୫।୦୯।୨୦୨୦

ଏତଦ୍ୱାରା ଦେବଗଡ଼ ପୌର ପରିଷଦର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଦେବଗଡ଼ ପୌର ପରିଷଦ ଅଞ୍ଚଳକୁ ବାହ୍ୟ ଶୌଚ ମଳମୁକ୍ତ-ଯୁକ୍ତ ଯୁକ୍ତ (ODF ++) ସହର ଘୋଷଣା କରାଯାଇଛି। ଏଥିରେ ଯଦି କାହାର ଅଭିଯୋଗ କିମ୍ବା କିଛି ମତାମତ ଦେବାକୁ ଚାହୁଁଥାନ୍ତି, ତେବେ ଆଗାମୀ ୧୫ଦିନ ମଧ୍ୟରେ କାର୍ଯ୍ୟଦିବସ ଦିନ ୧୦.୦୦ଟା ସମୟରୁ ସନ୍ଧ୍ୟା ୫.୦୦ଟା ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ଦେବଗଡ଼ଙ୍କ ନିକଟରେ ଦାଖଲ କରିପାରିବେ।

ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ଦେବଗଡ଼



**TENDER CALL NOTICE**

No. 17189 Dt.16.09.2020

**Bid Identification No. Superintendent, SCB MCH, Gas/2020-21 (For Medicinal Gases)**

No. E-252: Sealed tenders in single bid system are invited from registered manufacturers/authorized agents/dealers for refilling of medicinal gases (Oxygen only) for urgent need of COVID patients at SCB MCH, Cuttack in various types of cylinders and repair of defective cylinders.

The bidders should furnish their technical and financial proposal in a single envelope superscribed with **"TENDER FOR REFILLING OF MEDICINAL GASES"**.

The tender should reach at the office of the undersigned through Registered Post/Speed Post or personally within 3 days of publication in the Newspaper.

Sd./- Superintendent
SCB Medical College & Hospital, Cuttack
OIPR-10011/11/0019/2021



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡ଼ା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**Galaxy Tower**
(Regd. Company)
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ
ଡିଜିଟାଲ ଟାୱାର ଲଗାନ୍ତୁ ଓ ପାଆନ୍ତୁ
ଅଗ୍ରିମ - 90 ଲକ୍ଷ
ଭଡ଼ା - 45 ହଜାର
ମାସିକ 25,000 ଟଙ୍କାର ସୁବିଧା +
ମାଗଣା ଇଣ୍ଟରନେଟ୍ + (20 ବର୍ଷର କୋର୍ଟ ଏଗ୍ରିମେଣ୍ଟ)
9451783485
H.No. 412, Subhash Nagar Jind, Haryana

**MUDRA FINANCE**
(Govt. Registered.)
ମାର୍କସିଟ, ପର୍ସନାଲ, ସମ୍ପତି, BPL, ଭଡ଼ା, କୁକୁଡା ପାଳନ, ଇତ୍ୟାଦି ସମସ୍ତ ଋଣ ଓ CBIL କମ ଥିବା ଲୋକ ସ୍କିମରେ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
0% ସୁଧ ଏବଂ 50% ଛାଡ
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7428959168
9311834637

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ମୋନା ମିନାକ୍ଷୀଙ୍କୁ ସମ୍ବର୍ଦ୍ଧିତ କଲା ନଗର ବିଜେଡି


ଦେବଗଡ଼,(ଡି.ଏନ.ଏ.): ଜର୍ମାନୀର ଜୋହାନ୍ସ ଗୁଟେନବର୍ଗ ବିଶ୍ୱ ବିଦ୍ୟାଳୟରେ ନାନୋମାଗ୍ନେଟିଜିମ ଏବଂ ସ୍ପିନଟ୍ରୋନିକ୍ସ କ୍ଷେତ୍ରରେ ଯୁବ ଅନୁସନ୍ଧାନ ସହଯୋଗୀ ଭାବେ ମନୋନୀତ ହୋଇଛନ୍ତି ଦେବଗଡ କରେରୀ ସାହିର ମୋନା ମିନାକ୍ଷୀମରୀ ଭୁକ୍ତା। ଗୁରୁବାର ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜଙ୍କ ନେତୃତ୍ୱରେ ଭୁବନେଶ୍ୱରୀ ଗଙ୍ଗଦେବ, ଶରତ ମେହେର, ରୂପକ ମାଝୀ, ପୁପୁନ ଦେବ, ଗନି ଦେବ, ପ୍ରତାପ ଦେବ ଓ ସୌମ୍ୟ ରଞ୍ଜନ ବେହେରା ମୋନା ମୋନାକ୍ଷୀଙ୍କ ବାସଭବନକୁ ଯାଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ପିତା ପ୍ରଦ୍ୟୁମ୍ନ ଭୁକ୍ତା ଓ ମାତା ନୟନୀ ମରୀ ଭୁକ୍ତା ଉପସ୍ଥିତ ଥିଲେ।

# ଧବଳମୁଖୀ ବେଶରେ ମା’


ବରଗଡ଼ର ମା’ ସମଲେଶ୍ୱରୀ।


ସମ୍ବଲପୁରର ମା’ ପାଟଣେଶ୍ୱରୀ।


ସୁବର୍ଣ୍ଣପୁରର ମା’ ସୁରେଶ୍ୱରୀ।


ସମ୍ବଲପୁର ଚାଉଁରପୁରର ମା’ ସମଲେଇ।


ସମ୍ବଲପୁର ମୁଦିପଡାର ମା’ ଭୁବନେଶ୍ୱରୀ।

## ସଂକ୍ଷେପରେ

### ଶ୍ମଶାନ ଘାଟ ନଳକୂପ ଅଚଳ

**ଲୋଇସିଂହା, ୧୭।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ଶ୍ମଶାନ ଘାଟରେ ଥିବା ନଳକୂପ ଦୀର୍ଘଦିନ ହେଲା ଅଚଳ ହୋଇପଡିଛି। ଫଳରେ ଶବଦାହ ବେଳେ ଲୋକ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୋଗୀସର୍ଡା ପଞ୍ଚାୟତ ପକ୍ଷରୁ ଯୋଗୀସର୍ଡା-ବାଦିବାହାଲ ରାସ୍ତାର ଗୌରଘର ମୁଣ୍ଡାଠାରେ ଶ୍ମଶାନ ନିର୍ମାଣ ହୋଇଛି। ନିକଟରେ ଗ୍ରାମର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ନଳକୂପ ଅଚଳ ଥିବାରୁ ଶବଦାହ ବେଳେ ମୃତକଙ୍କ ପରିବାର ଓ ବନ୍ଧୁ ପରିଜନ ପାଣି ପାଇଁ ଅସୁବିଧାରେ ପଡିଥିଲେ। ନଳକୂପ ମରାମତି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଭିସୁଟ୍‌ରେ କର୍ମଶାଳା

**ସମ୍ବଲପୁର, ୧୭।୯ (ବ୍ୟୁରୋ):** ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଏକ କର୍ମଶାଳା ଅନ୍‌ଲାଇନ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ କୁଳପତି ପ୍ରଫେସର ଅଟଳ ଚୌଧୁରୀ, ପ୍ରଫେସର ଅମରନାଥ ନାୟକ, ପ୍ରଫେସର ଉମା ରଞ୍ଜନ ଜେନା, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ପ୍ରକାଶ କୁମାର ହୋତା ଯୋଗ ଦେଇଥିଲେ। ଡ. ମାନସରଞ୍ଜନ ସେନାପତି, ଡ. ହିମାଂଶୁ ଶେଖର ବେହେରା, ଡ. ସତ୍ୟବ୍ରତ ଦାସ, ଡ. ପ୍ରଦୀପ କୁମାର ସାହୁ, ସହକାରୀ ପ୍ରଫେସର ଡି. ଚନ୍ଦ୍ରଶେଖର ରାଓ, ଜ୍ଞାନରଞ୍ଜନ ଶିଆଳ, ସଞ୍ଜୀବ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଦେବୀପ୍ରସନ୍ନ କାନୁନଗୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଏମ୍‌ୟୁରେ ଶୋକସଭା

**ସମ୍ବଲପୁର, ୧୭।୯ (ବ୍ୟୁରୋ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଅବସରପ୍ରାପ୍ତ ଇଂରାଜୀ ପ୍ରାଧାପକ ସଞ୍ଜୟ କୁମାର ପାଣିଗ୍ରାହୀଙ୍କ ବିୟୋଗରେ ଅମୃତ ବିହାର ପରିସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଏମୟୁ କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ପରିଚାଳନାରେ ଶୋକସଭା ହୋଇଥିଲା। ୨୦୧୭ରେ ଜିଏମ୍‌ୟୁରୁ ସଞ୍ଜୟ ଅବସର ଗ୍ରହଣ କରିଥିଲେ। ସେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେହିପରି ଶିକ୍ଷାଦାନରେ ତାଙ୍କ ଉଲ୍ଲେଖନୀୟ ଭୂମିକା ରହିଥିବାରୁ ଉଚ୍ଚଶିକ୍ଷା ବିଭାଗ ତାଙ୍କୁ ଚିରକାଳ ସ୍ମରଣ ରଖିବ ବୋଲି ମତପ୍ରକାଶ ପାଇଥିଲା। କୁଳସଚିବ ଗିରିଶ ଚନ୍ଦ୍ର ସିଂ, ଉପକୁଳସଚିବ ଡ. ଉମାଚରଣ ପତି, ପିଜି କାଉନସିଲ ଅଧକ୍ଷ ପ୍ରଫେସର ସଚ୍ଚି ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ଡ. ହେମ କୁମାର ନାୟକ, ଅର୍ଥ ନିୟନ୍ତ୍ରକ ଡ. ଶ୍ୟାମାଚରଣ ଆଚାର୍ଯ୍ୟ, ଇଂରାଜୀ ବିଭାଗ ମୁଖ୍ୟ ଡ. ଅଞ୍ଜଳି ତ୍ରିପାଠୀ, ହିନ୍ଦୀ ବିଭାଗୀୟ ମୁଖ୍ୟ ଡ. ସଦନ କୁମାର ପଲ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକ

**ବରଗଡ଼ ଅଫିସ୍,୧୭।୯:** ବରଗଡ଼ର ଶିକ୍ଷାବିତ୍ ନରସିଂହ ବିଶି(୬୭)ଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ସ୍ୱର୍ଗତ ବିଶି ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ପରଲୋକରେ ଏଠାରେ ଗଭୀର ଶୋକପ୍ରକାଶ ପାଇଛି। ତାଙ୍କ ବିୟୋଗରେ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ ଗଭୀର ଶୋକପ୍ରକାଶ କରିଛନ୍ତି।

# ବାଟ ଓଗାଳୁଛି ଆଧାର ସଂଯୋଗ

**ସମ୍ବଲପୁର,୧୭।୯(ବ୍ୟୁରୋ)**

ସମ୍ବଲପୁର ଜିଲାରେ କରୋନା ମହାମାରୀ ସମୟରେ ମଧ୍ୟ ହିତାଧିକାରୀ ଠିକ୍ ଭାବେ ପିଡିଏସ୍ ସାମଗ୍ରୀ ପାଉନାହାନ୍ତି। ଏ ନେଇ ସେମାନେ ସ୍ଥାନୀୟ ଯୋଗାଣ ସହାୟକଙ୍କୁ ଅଭିଯୋଗ କଲେ ଆଧାର ସଂଯୋଗ ହୋଇ ନ ଥିବାରୁ ଏହି ସମସ୍ୟା ହେଉଥିବା କୁହାଯାଉଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ହେଉକି ବିଭିନ୍ନ ବ୍ଲକ୍ ଅଞ୍ଚଳ ସବୁଠାରେ ଏଭଳି ସମସ୍ୟା ଦେଖା ଦେଉଛି। କୋଭିଡ୍ କଟକଣା ଯୋଗୁ ବାୟୋମେଟ୍ରିକ ମେଶିନ ବ୍ୟବହାର ଉପରେ ରୋକ୍ ଲଗାଯାଇଛି। ଏଣୁ ପିଡିଏସ୍ ସାମଗ୍ରୀ ନେବା ପରେ ହିତାଧିକାରୀଙ୍କୁ ସବିଶେଷ ତଥ୍ୟ ଥିବା ଏକ ମାନୁଆଲ ରସିଦ ଦେବାକୁ ନିର୍ଦ୍ଦେଶ ରହିଛି। ଏହି ରସିଦ୍ କିନ୍ତୁ ପ୍ରଦାନ କରାଯାଉ ନାହିଁ। ଅପରପକ୍ଷରେ ହିତାଧିକାରୀମାନେ ତାଙ୍କ ପରିବାରର କେତେଜଣ ସଦସ୍ୟଙ୍କ ପାଇଁ ସାମଗ୍ରୀ ଆସିଛି, କେତେଜଣଙ୍କ ନାମ କଟିଯାଇଛି ସେ ନେଇ ସୂଚନା ପାଇ ପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ସମ୍ବଲପୁର ମହାନଗର ନିଗମ ଅଧୀନ ୪୦ ନଂ. ୱାର୍ଡରେ ହିତାଧିକାରୀମାନେ ଏହିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସନପୁର ଗ୍ରାମର ମଜନୁ ବାଗ ଅଭିଯୋଗ କରିଛନ୍ତି ଯେ, ତାଙ୍କ ପରିବାରର ୨ଝିଅଙ୍କୁ ରାଶନ ସାମଗ୍ରୀ ମିଳୁ ନାହିଁ। ସେହିପରି ପଡାର ରାଧାକାନ୍ତ ଦୀପଙ୍କ ପରିବାରର ମୋଟ ୬ଜଣ ସଦସ୍ୟ ଅଛନ୍ତି। ସମସ୍ତଙ୍କ ଆଧାର କାର୍ଡ ରହିଛି ଏବଂ ଯୋଗାଣ ସହାୟକଙ୍କ ପାଖରେ ଜମା କରାଯାଇଛି। ହେଲେ ୨ଜଣଙ୍କୁ ମିଳୁଛି ବାକି ୪ଜଣଙ୍କୁ ରାଶନ ସାମଗ୍ରୀ ମିଳୁନାହିଁ। ଜାନୁୟାରୀ ରୁ ଏଭଳି ସମସ୍ୟା ହୋଇଥିବା ରାଧାକାନ୍ତ କହିଛନ୍ତି। ଯେଉଁମାନଙ୍କ ନାମରେ ପିଡିଏସ ସାମଗ୍ରୀ ଆସୁନାହିଁ ତାହାର କାରଣ ତଥ୍ୟ ପ୍ରମାଣ ସହ ସୂଚନା ଦେବା କଥା। ଯୋଗାଣ ସହାୟକଙ୍କୁ ଏ ନେଇ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନ ଥିବା ସେ କହିଛନ୍ତି। ସେହିଭଳି ଗ୍ରାମର ସମାରୁ ଭୋଇ(୮୫) ପିଡିଏସ୍ ସାମଗ୍ରୀ ପାଉଥିଲେ। ହେଲେ ଗୁରୁବାର ମାନେଶ୍ୱର ଚାଉଳ ବଣ୍ଟନ କେନ୍ଦ୍ରରେ ଆଧାର ଲିଙ୍କ ହୋଇ ନ ଥିବା କହି ତାଙ୍କୁ ଫେରାଇ ଦିଆଯାଇଥିବା ସେ କହିଛନ୍ତି। ଫଟାମୁଣ୍ଡାର ହୀରାବତି ବାଗ ଅଭିଯୋଗ କରିଛନ୍ତି ଯେ, ତାଙ୍କ ପରିବାରର ୪ଜଣ ସଦସ୍ୟ। ପୂର୍ବରୁ ସମସ୍ତଙ୍କୁ ରାଶନ ସାମଗ୍ରୀ ମିଳୁଥିଲା। ହେଲେ ଏବେ ୨ଜଣଙ୍କ ନାମରେ ମିଳୁଛି। ତେବେ ହିତାଧିକାରୀଙ୍କ ଅଭିଯୋଗ ପରେ ଏହି ସମସ୍ୟା ନେଇ ମହାନଗର ନିଗମ ଯୋଗାଣ ନିରୀକ୍ଷକ (ଏମ୍‌ଆଇ) ପ୍ରଣତି ପୃଷ୍ଟିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରାୟ ଆଧାର କାର୍ଡ ସଂଯୋଗ ହୋଇଯାଇଛି। କେତେକ ଆଧାର କାର୍ଡରେ ନାମ ଓ ଠିକଣା ତାଳମେଳ ନାହିଁ। ଏଣୁ ଲିଙ୍କ୍‌ରେ ସମସ୍ୟା ହେଉଛି। ଯେଉଁମାନଙ୍କ ସମସ୍ୟା ରହିଛି ସେମାନେ ଆଧାର କାର୍ଡ ଦାଖଲ କଲେ ଲିଙ୍କ୍ କରାଯାଇ ରାଶନ ସାମଗ୍ରୀ ବଣ୍ଟନ କରାଯିବ।


ରାସନପୁର ଗ୍ରାମର ରାଧାକାନ୍ତ ଦୀପଙ୍କ ପରିବାର ସଦସ୍ୟ।

- ହିତାଧିକାରୀଙ୍କୁ ମିଳୁନି ପିଡିଏସ୍ ସାମଗ୍ରୀ
- ମାନୁଆଲ ରସିଦ ଦେଉନାହାନ୍ତି ଯୋଗାଣ ସହାୟକ

# ପାଣିରେ ପଡ଼ିଲା ୪୦ହଜାର ଟଙ୍କା

**ବଡଗାଁ, ୧୭।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ୍ ଇତମା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ଏକ ରାସ୍ତା କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରପଞ୍ଚ, ୱାର୍ଡମେମ୍ବର ଓ ଗାଁ ସାଥୀଙ୍କୁ ନ ଜଣାଇ ଜେଇ ରାଜେନ୍ଦ୍ର ବେହେରା ପ୍ରସ୍ତାବିତ ସ୍ଥାନ ବଦଳରେ ସଂରକ୍ଷିତ ଜଙ୍ଗଲରେ କାମ କରାଇଛନ୍ତି। ଏହାଦ୍ୱାରା ସରକାରଙ୍କ ୪୦ ହଜାର ଟଙ୍କା ପାଣିରେ ପଡ଼ିଛି ବୋଲି ଅଭିଯୋଗ ହୋଇଛି।

ଇତମା ନଡିଆପଡାଠାରୁ କାଜୁ ବଗିଚା ପର୍ଯ୍ୟନ୍ତ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା କାମ ହେବା କଥା। କିନ୍ତୁ ପ୍ରସ୍ତାବିତ ସ୍ଥାନରେ କାମ ନ କରି ସେଠାରୁ ୧ କିଲୋମିଟର ଦୂର ସଂରକ୍ଷିତ ଜଙ୍ଗଲ ଭିତରେ କାମ କରାଯାଇଥିଲା। ଜଙ୍ଗଲ ବିଭାଗ କର୍ମଚାରୀ ଏହା ଜାଣିବା ପରେ କାମ ବନ୍ଦ କରାଇଥିଲେ। ରାସ୍ତା କାମ ଲାଗି ପଡ଼ିଥିବା ମାଟି ୨ ଦିନ ପରେ ବର୍ଷାରେ ଧୋଇ ନେଇଥିଲା। ହେଲେ ୩୦ ଜଣ ଶ୍ରମିକ ମାଟି ପକାଇଛନ୍ତି। ଏଥିପାଇଁ ପାରିଶ୍ରମିକ ବାବଦକୁ ସେମାନଙ୍କ ୪୦ ହଜାର ଟଙ୍କା ଜମା କରାଯାଇଛି ବୋଲି ଦର୍ଶାଯାଇ ଆର୍ଥିକ ଅନିୟମିତତା କରାଯାଇଛି। ଘଟଣା ଉପରେ ଅନୁସନ୍ଧାନବେଳେ ୩୦ ଜଣ ଶ୍ରମିକଙ୍କ ମଧ୍ୟରୁ ୧୨ଜଣ କାମ କରି ନ ଥିବା କହିଥିଲେ। ସରପଞ୍ଚ ସୁରେଶ ବାଗ, ସମିତି ସଭ୍ୟା ପୁଷ୍ପଲତା ସା, ୱାର୍ଡମେମ୍ବର ସୁରେଶ କୁମାର ସଏ, ଗାଁ ସାଥୀ ଶାନ୍ତିପ୍ରଭା ସଏ ଓ ଗାଁ ଲୋକେ ସେମାନଙ୍କ ଅଗୋଚରରେ କାମ କରାଯାଇଥିବା କହିଛନ୍ତି। ତେବେ ଏ ସମ୍ପର୍କରେ ଜେଇ ରାଜେନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଅନ୍ୟପକ୍ଷେ ବିଡିଓ କ୍ଷମାନିଧି ଭୋଇ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କହିଛନ୍ତି।

# ଷ୍ଟାଡିୟମ, ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଉନ୍ନତି ଉପରେ ଗୁରୁତ୍ୱ


କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ସୁଇମିଂ ପୁଲ୍ ପରିଦର୍ଶନ କରୁଛନ୍ତି।

**ସୋନପୁର,୧୭।୯(ନି.ପ୍ର.)**

ସୂଚନା, କ୍ରୀଡା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ଜିଲାର କ୍ରୀଡା ଭିତ୍ତିଭୂମିର ସଦୃଢିକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ମନ୍ତ୍ରୀ ବେହେରା ସର୍କିଟ୍ ହାଉସଠାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଜିଲାର କ୍ରୀଡା ଭିତ୍ତିଭୂମିକୁ କିଭଳି ବିକଶିତ କରିହେବ ସେ ସମ୍ପର୍କରେ ଜିଲାପାଳ ମୋନିଷା ବାନାର୍ଜୀ ଓ ଅନ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ଓଡିଶାରୁ ଅଧିକ ଅଲମ୍ପିଆଡ ସୃଷ୍ଟି ଉପରେ ସମସ୍ତଙ୍କୁ ଦୃଷ୍ଟି ଦେବାକୁ ପଡିଛି। ଏଥିପାଇଁ ତୃଣମୂଳସ୍ତରରୁ କ୍ରୀଡା ପ୍ରତିଭାକୁ ଖୋଜି ବାହାର କରିବା ସହ ସେମାନଙ୍କୁ ଉପଯୁକ୍ତ ଖାଦ୍ୟପେୟ ଓ ତାଲିମ ଦେବାକୁ ପଡିବ ବୋଲି ମନ୍ତ୍ରୀ ବେହେରା କହିଥିଲେ। ଏହି ଅବସରରେ ମନ୍ତ୍ରୀ ବେହେରା ନବନିର୍ମିତ ସୁଇମିଂ ପୁଲ ଓ ଇନ୍‌ଡୋର ଷ୍ଟାଡିୟମ ବୁଲି ଦେଖିବା ସହ ଦୌଡକୁଦ, ଫୁଟବଲ, ବ୍ୟାଡମିଣ୍ଟନ, ସନ୍ତରଣ, କ୍ରିକେଟ୍, ଟେନିସ, ଭଲିବଲ, ଖୋ-ଖୋ, କବାଡି ଆଦି ସୁବିଧା ସହ କିପରି ଏହାକୁ ଏକ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଭାବେ ଗଢି ତୋଳିବା ସେ ବିଷୟରେ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଜିଲାରେ କ୍ରୀଡାର ଅଧିକ ବିକାଶ ପାଇଁ ଆଉ କ’ଣ ସବୁ ପଦକ୍ଷେପ ଗ୍ରହଣ କରାଯିବ ସେଥିନେଇ ମନ୍ତ୍ରୀ ବେହେରା ଏଠାରେ ବିଭିନ୍ନ କ୍ରୀଡା ସଂଘ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଜିଲାପାଳ ବାନାର୍ଜୀଙ୍କ ସମେତ, ଏସ୍‌ପି ଦେବୀପ୍ରସାଦ ଦାଶ, ପିଡି ଡୋଲାମଣି ପଟେଲ, ଉପଜିଲାପାଳ ନିହାର ରଞ୍ଜନ କହଁର, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍, ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଜଗାର ଦେବାରେ କେନ୍ଦ୍ର ବ୍ୟର୍ଥ


ବଲାଙ୍ଗୀର ଛାତ୍ର କଂଗ୍ରେସ ପକ୍ଷରୁ ବେରୋଜଗାର ଦିବସ ପାଳନ କରାଯାଉଛି।

**ବଲାଙ୍ଗୀର ଅଫିସ୍, ୧୭।୯**

ଦେଶରେ ବେକାରିଙ୍କ ସଂଖ୍ୟା ବଢି ଚାଲିଛି। ଯୁବଗୋଷ୍ଠୀ ହାତରେ କାମ ନାହିଁ। କେନ୍ଦ୍ରର ଏନ୍‌ଡିଏ ସରକାର ଲୋକଙ୍କୁ ରୋଜଗାର ଦେବାରେ ବ୍ୟର୍ଥ ହୋଇଛି। ଏହିକ୍ରମରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ କରାଯାଉଥିବା ବେଳେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ସୋନିଆ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଛାତ୍ର କଂଗ୍ରେସ ପକ୍ଷରୁ ରାଷ୍ଟ୍ର ବେରୋଜଗାର ଦିବସ ଭାବେ ପାଳନ କରାଯାଇଛି। ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଚା ଓ ପକୁଡି ଷ୍ଟଲ୍ କରି ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ। ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲା କଂଗ୍ରେସ କମିଟି ଉପସଭାପତି ମନିସ ମିଶ୍ର, ଜିଲା ସେବାଦଳ ମୁଖ୍ୟ ଅସିତ ମିଶ୍ର, ଚନ୍ଦ୍ରମଣି ତ୍ରିପାଠୀ, ଅବିନାଶ ପ୍ରସାଦ ସାଏ, ପ୍ରକାଶ ସାହୁ, ନାସିର ଖାଁ, ଛାତ୍ର ନେତା ଅଜିତ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ନାମଲେଖା ଫି’ କମାଇବାକୁ ଉପଜିଲାପାଳଙ୍କୁ ଦାବିପତ୍ର

**ଲାଠୋର, ୧୭।୯ (ଡି.ଏନ.ଏ.)**

ଯୁକ୍ତ ଦୁଇ ଓ ଯୁକ୍ତ ୩ ନାମଲେଖା ଫି’ କମାଇବାକୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ ପାଟଣାଗଡ ଉପଜିଲାପାଳଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଲାଠୋରରେ ଯୁକ୍ତଦୁଇ ଏବଂ ଯୁକ୍ତତିନି କଲେଜ ରହିଛି। ସରକାରୀ ନିୟମ ଅନୁଯାୟୀ ଚଳିତବର୍ଷ ଯୁକ୍ତଦୁଇରେ ନାମ ଲେଖାଇବା ପାଇଁ ନାମ ଲେଖା ଫି ’୧୩ଶହ ଏବଂ ଡେଭଲପମେଣ୍ଟ ଫି ୩୧ଶହ ଟଙ୍କା ଏହିପରି ମୋଟ ୪୪ଶହ ଟଙ୍କା ନେବାର ପ୍ରାବଧାନ ରହିଛି। ସେହିପରି ଯୁକ୍ତତିନିରେ ନାମଲେଖା ପାଇଁ ୩୨୬୫ ଟଙ୍କା ଧାର୍ଯ୍ୟ ରହିଛି। କରୋନା ମହାମାରୀ ପରେ ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ଏହି ଅଞ୍ଚଳର ପିଲାଙ୍କ ପକ୍ଷରେ ଏତେ ଟଙ୍କା ଦେଇ ନାମ ଲେଖାଇବା ସମ୍ଭବ ନୁହେଁ। ଉପଜିଲାପାଳ ପଧାନ କହିଛନ୍ତି ଯେ, ଫି’ କମ୍ କରିବା ଆମ ହାତରେ ନାହିଁ। ତେବେ ଏ ନେଇ ଆମେ ସରକାରଙ୍କୁ ଜଣାଇବୁ ବୋଲି ସେ କହିଛନ୍ତି।

# ମଦ କାରବାରର ପେଣ୍ଠସ୍ଥଳ ହୋଟେଲ, ଢାବା

**କୁଆଁରମୁଣ୍ଡା,୧୭।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ୍ ଯମୁନାନାକି ଶଙ୍ଖବ୍ରିଜଠାରୁ ୧୪୩ ନମ୍ବର ଜାତୀୟ ରାଜପଥର ବୀରମିତ୍ରପୁର ସୀମାନ୍ତ ଫାଟକ ପର୍ଯ୍ୟନ୍ତ ରାଜପଥ ପାର୍ଶ୍ୱରେ ଥିବା ହୋଟେଲ ଓ ଢାବାଗୁଡିକରେ ବେଧଡ଼କ ଭାବେ ମଦ କାରବାର ଚାଲିଛି। ହେଲେ ସବୁ ଜାଣି ମଧ୍ୟ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି ପାଉଛି। ଏଥିଯୋଗୁ କୁଆଁରମୁଣ୍ଡା, ବୀରମିତ୍ରପୁର ଓ ଏହାର ଆଖପାଖ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ମଦ ପିଇ ଲୋକେ ରାସ୍ତା, ବଜାରରେ ଦ୍ରୁତଗତିରେ ଗାଡି ଚଳାଉଛନ୍ତି। ଏହାଦ୍ୱାରା ଦୁର୍ଘଟଣା ଘଟୁଛି। ଲୋକଙ୍କ ଜୀବନ ଯାଉଛି। ବିଶେଷ କରି ଗାଡି ଚୋରି, ଜୁଆଖେଳ, ଅସଦାଚରଣ ଇତ୍ୟାଦି ବୃଦ୍ଧି ପଛରେ ମଦ କାରବାର ହିଁ ଦାୟି ରହୁଛି। ଏଣୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ତେବେ ଏ ବିଷୟରେ ବୀରମିତ୍ରପୁର ଥାନା ଆଇଆଇସି ସ୍ନିଗ୍ଧାରାଣୀ ସୁନାଙ୍କୁ ପଚାରିବାକୁ ତାଙ୍କ ମୋବାଇଲ (ନଂ.୯୪୩୭୩୩୧୦୭୭) ଯୋଗାଯୋଗ କରାଯାଇଥିଲା। ଫୋନ୍ ରିଙ୍ଗ୍ ହେଉଥିଲେ ମଧ୍ୟ ସେ ରିସଭ କରି ନ ଥିଲେ। ବୀରମିତ୍ରପୁର ଏସ୍‌ଡିପିଓ ନିବେଦିତା ସୋରେନଙ୍କୁ ଯୋଗଯୋଗ କରିବାରୁ ଦୁଇଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବିନା ଅନୁମତିରେ ରାସ୍ତା ଖୋଳି କେବୁଲ ପୋତାହେଉଛି

**କୋକସରା, ୧୭।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକର ଏକ ମୁଖ୍ୟ ରାସ୍ତା ହେଉଛି କାଉଡୋଲାରୁ ଲଡୁଗାଁକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା। ଏହି ରାସ୍ତା ମରାମତି ଅଭାବରୁ ଏବେ ଖାଲଖମା ସହ ଅଳ୍ପ ବର୍ଷା ହେଲେ ପାଣି କାଦୁଅରେ ଭର୍ତ୍ତି ହୋଇଯାଉଛି। କାଉଡୋଲାରୁ ଲଡୁଗାଁ ପ୍ରାୟ ୭ କି.ମି. ରାସ୍ତା ମରାମତି ପାଇଁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ଏବେ ଏହି ରାସ୍ତାରେ ଏକ ବେସରକାରୀ ଟେଲିକମ୍ କମ୍ପାନୀ ପକ୍ଷରୁ କେବୁଲ ପକା ଚାଲିଛି। ହେଲେ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର ବିନା ଅନୁମତିରେ ଏହି କାମ ଚାଲିଥିବା ଜଣା ପଡ଼ିଛି। ଏହି କେବୁଲ ବିଛାଉଥିବା ଠିକା ସଂସ୍ଥା ରାସ୍ତା କଡରେ ମନଇଚ୍ଛା ଗାତ ଖୋଳି ମେସିନ ସାହାଯ୍ୟରେ ଅଣ୍ଡର ଗ୍ରାଉଣ୍ଡ ପାଇପ ପକାଉଛି। ଠିକରେ କିନ୍ତୁ ଆଉ ପୋତୁ ନାହିଁ। ଫଳରେ ମାଟିଥିବା ମାଟି ରାସ୍ତାରେ କାଦୁଅ କରୁଛି। ଏହାଦ୍ୱାରା ଲୋକଙ୍କ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି। ଦୁର୍ଘଟଣା ମଧ ଘଟୁଛି। ଲୋକେ ଗାଡିରୁ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ଏ ନେଇ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଆଶିଷ କୁମାର ସେଠୀଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ସମ୍ପର୍କରେ କିଛି ଖବର ନାହିଁ। ଏହି କାମ ଲାଗି ବିଭାଗ କୌଣସି ଅନୁମତି ଦେଇନି। ବେଆଇନ ଭାବେ କାମ ହେଉଥିବା ସେ କହିଛନ୍ତି।


ମେଶିନ୍ ସାହାଯ୍ୟରେ ରାସ୍ତା ତଳେ କେବୁଲ ବିଛା ହେଉଛି।

## ନିବେଶକଙ୍କ ସମ୍ପତ୍ତି ଲକ୍ଷେ କୋଟି କମିଲା

ଗତ ୨ ଦିନ ଧରି କାରବାର ଉନ୍ନତ ରହିବା ପରେ ଗୁରୁବାର ଦେଶର ପୁଞ୍ଜି ବଜାର ଉପରେ ଚାପ ପଡ଼ିଥିବା ଜଣାପଡିଛି। ଫଳରେ ନିବେଶକଙ୍କ ସମ୍ପତ୍ତି ୧ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି। ଏହି ସମୟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ସୂଚକାଙ୍କ ୩୨୩ ପଏଣ୍ଟ ହ୍ରାସ ଘଟି ୩୮, ୯୭୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

## ସଂକ୍ଷେପରେ

### ଭିସ୍ତାରା ଦେବ ଅନ୍‌ବୋର୍ଡ ୱାଇଫାଇ ସେବା

ନୂଆଦିଲ୍ଲୀ,୧୭।୯: ପ୍ରଥମ ଭାରତୀୟ ବିମାନ ସେବା ଯୋଗାଣକାରୀ କମ୍ପାନୀ ଭାବେ ଭିସ୍ତାରା ଏହାର ବିମାନ ଯାତ୍ରୀଙ୍କୁ ଅନ୍‌ବୋର୍ଡ ୱାଇଫାଇ ସେବା ପ୍ରଦାନ କରିବ। ସେପ୍ଟେମ୍ବର ୧୮ଠାରୁ ବିମାନଯାତ୍ରୀ ଏହି ସେବା ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ଏହାର ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନରେ ପ୍ରଥମେ ଏହି ସେବା ଦେବାକୁ ଯାଉଛି। ଏହି ବିମାନ ସେବା ଦିଲ୍ଲୀରୁ ଲଣ୍ଡନ ମଧ୍ୟରେ ଉପଲବ୍ଧ ହେଉଛି। ନିର୍ଦ୍ଦିଷ୍ଟ ସମୟ ଲାଗି ଭିସ୍ତାରା ଗ୍ରାହକଙ୍କ ଲାଗି ଏହି ସେବାକୁ ମାଗଣା ରଖିଛି। ଉକ୍ତ ସେବାକୁ କମ୍ପାନୀ ଏୟାରବସ୍ ଏ ୩୨୧ ନିଓ ଏୟାରକ୍ରାଫ୍ଟରେ ଶୀଘ୍ର ଆରମ୍ଭ କରିବା ନେଇ ଲକ୍ଷ୍ୟ ରଖିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ମୁଖ୍ୟ କମର୍ସିଆଲ ଅଧିକାରୀ ବିନୋଦ କାନନ କହିଛନ୍ତି ଯେ, ଏଭଳି ସେବା ଆରମ୍ଭକରି ଅତ୍ୟନ୍ତ ଖୁସି। ବିମାନଯାତ୍ରୀଙ୍କୁ ବିଶ୍ୱସ୍ତରୀୟ ଅନ୍‌ବୋର୍ଡ ସେବା ଯୋଗାଣ ଲାଗି ପ୍ରୟାସ ଜାରି ରହିବ।

### ସାମ୍‌ସଙ୍ଗ୍ ସ୍ମାର୍ଟଫୋନ୍‌ର ନୂଆ ସୁରକ୍ଷା ଫିଚର

ନୂଆଦିଲ୍ଲୀ,୧୭।୯: ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ସାମ୍‌ସଙ୍ଗ୍ ପକ୍ଷରୁ ଫୋନ୍‌ର ପ୍ରିଭେସି ଓ ସୁରକ୍ଷା ବୃଦ୍ଧି ଲାଗି ଏକ ନୂଆ ଫିଚର ଆଲଟ୍‌ଜେଡ୍ ଲାଇଫ ପ୍ରାଇଭେଟ ମୋଡ୍‌ର ଶୁଭାରମ୍ଭ କରାଯାଇଛି। ଏହା ଜରିଆରେ ସ୍ମାର୍ଟଫୋନ୍‌ର ପ୍ରିଭେସି ସ୍ତର ବୃଦ୍ଧି ସହ ସୁରକ୍ଷା ମଧ୍ୟ ମିଳିପାରିବ। ସାମ୍‌ସଙ୍ଗ୍ ସ୍ମାର୍ଟଫୋନ ୟୁଜରମାନେ କେବଳ ପାୱାର କି ରେ ଡବଲ କ୍ଲିକ୍ କରି ନର୍ମାଲ ଓ ପ୍ରାଇଭେଟ ମୋଡ୍‌କୁ ସୁଇଚ କରିପାରିବେ। ଏହା ଫଳରେ ଅନ୍ ଡିଭାଇସ ଏଆଇ ଫଙ୍କସନ ଦକ୍ଷତା ସହିତ ପ୍ରାଇଭେଟ କଣ୍ଟେଣ୍ଟକୁ ମଧ୍ୟ ସୁରକ୍ଷିତ ଫୋଲ୍‌ଡରକୁ ସ୍ଥାନାନ୍ତରିତ କରିଥାଏ। ଆଲଟ୍‌ଜେଡ୍ ଲାଇଫ ଫିଚର ଜରିଆରେ ଗାଲାକ୍ସି ଏ-୫୧ର ନୂଆ ଓ ପୁରୁଣା ଗ୍ରାହକମାନଙ୍କ ପାଇଁ ଅଗଷ୍ଟରୁ ସଫ୍ଟୱେର ଅପ୍‌ଡେଟ ମାଧ୍ୟମରେ ଏହି ସୁବିଧା ଉପଲବ୍ଧ ହେଉଛି। ଏ ସମ୍ପର୍କରେ ସାମ୍‌ସଙ୍ଗ୍ ଇଣ୍ଡିଆର ମୋବାଇଲ ବିଜ୍‌ନେସ ବରିଷ୍ଠ ନିର୍ଦ୍ଦେଶକ ମାନୁ ଶର୍ମା କହିଛନ୍ତି, ଏହି ନୂତନ ଇଣ୍ଟେଲିଜେଣ୍ଟ ଫିଚରକୁ ଗ୍ରାହକମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଏଭଳି ଏକ ଫିଚରର ବିକାଶ କରାଯାଇଛି।

# ପୂର୍ବ ତୁଳନାରେ କାର୍ ଉପରେ କମିଛି ଜିଏସ୍‌ଟି

ନୂଆଦିଲ୍ଲୀ,୧୭।୯



**ରୟାଲଟି କମାଇ ଖର୍ଚ୍ଚ କମାନ୍ତୁ କମ୍ପାନୀ: ଅର୍ଥ ମନ୍ତ୍ରଣାଳୟ**

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗୁ ହେବା ପୂର୍ବରୁ କାର୍ ଉପରେ ଯେଉଁ ହାରରେ ଟିକସ ଲାଗୁ ଥିଲା ବର୍ତ୍ତମାନ ତାହା ଅପେକ୍ଷାକୃତ କମିଛି। ଅଟୋମୋବାଇଲ କମ୍ପାନୀଗୁଡିକ ବିଦେଶରେ ରହିଥିବା ସେମାନଙ୍କ ମୂଳ କମ୍ପାନୀକୁ ପ୍ରଦାନ କରୁଥିବା ରୟାଲଟି ପେମେଣ୍ଟ ହ୍ରାସ କରିବାର ଆବଶ୍ୟକତା ରହିଛି। ଏଭଳି କାର୍ଯ୍ୟ ଦ୍ୱାରା କମ୍ପାନୀଗୁଡିକ ସେମାନଙ୍କ ଖର୍ଚ୍ଚ କାଟ କରିପାରିବେ। ସରକାରଙ୍କୁ ଜିଏସ୍‌ଟି ହ୍ରାସ କରିବା ଲାଗି କହିବା ପରିବର୍ତ୍ତେ ଅଟୋ କମ୍ପାନୀଗୁଡିକ ରୟାଲଟି ପେମେଣ୍ଟ କାଟ କରନ୍ତୁ ବୋଲି ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ ନାମ ଗୋପନ ରଖି ଏହା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତରେ ଉଚ୍ଚ ପରିମାଣର ଜିଏସ୍‌ଟି ଲାଗୁ ହେଉଥିବାରୁ ଏହା ଅଟୋମୋବାଇଲ ଶିଳ୍ପର ସମ୍ପ୍ରସାରଣରେ ବାଧକ ବୋଲି ଟୟୋଟା ପକ୍ଷରୁ କୁହାଯାଇଥିଲା। ଏହାର ଉତ୍ତରରେ ଅଧିକାରୀ ଜଣକ ଏଭଳି କହିଥିବା ଜଣାପଡିଛି।

ଅଧିକାରୀ କହିଛନ୍ତି ଯେ, ବର୍ତ୍ତମାନର ଟିକସ ବ୍ୟବସ୍ଥା ଏବଂ ନିୟାମକ ଧାରାକୁ ନେଇ ଅଧିକାଂଶ କମ୍ପାନୀଙ୍କର ଆପତ୍ତି ରହିଛି। ଭାରତୀୟ ପାର୍ଟନର ଫାର୍ମଗୁଡିକ ଉଚ୍ଚ ହାରରେ ରୟାଲଟି ଦେଉଥିବାରୁ ଏଭଳି ସ୍ଥିତି ଉପୁଜିଛି। ଭାରତୀୟ ଅଟୋମୋବାଇଲ କ୍ଷେତ୍ରର ବିଭିନ୍ନ ନୀତି ଗତ ୩ ଦଶନ୍ଧି ହେବ ବେଶ୍ ଉନ୍ନତ ଏବଂ ସ୍ଥିତାବସ୍ଥା ବଜାୟ ରଖିଛି। ବର୍ତ୍ତମାନ ବିଦେଶୀ ନିବେଶକୁ ଉତ୍ସାହିତ କରାଯାଉଛି। ଏହାବାଦ ଘରୋଇ ବଜାରର ମାନୁଫାକଚରିଂକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି। ପୂର୍ବରୁ ଲାଗୁ ହେଉଥିବା ଭାଟ୍ ଏବଂ ଉତ୍ପାଦ ଟିକସ ତୁଳନାରେ ବର୍ତ୍ତମାନର ଜିଏସ୍‌ଟି ହାର ଅପେକ୍ଷାକୃତ କମ୍ ରହିଛି ବୋଲି ଅଧିକାରୀ ମତ ଦେଇଛନ୍ତି।

ମାତ୍ର ଗତ କିଛିଦିନ ଧରି ଅଟୋମୋବାଇଲ କମ୍ପାନୀଗୁଡିକ ଟିକସ ହାରକୁ ନେଇ ଆପତ୍ତି ଉଠାଇବା ଦେଖାଯାଉଛି। ଏଭଳି ସ୍ଥିତିରେ ସରକାରଙ୍କୁ ଜିଏସ୍‌ଟି କମାଇବାକୁ ନ କହି, ରୟାଲଟି ପେମେଣ୍ଟ ହ୍ରାସ କରି କମ୍ପାନୀଗୁଡିକ ସେମାନଙ୍କ ଖର୍ଚ୍ଚ କମ୍ କରିପାରିବେ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ସାରା ବିଶ୍ୱ ବଜାର କଥା ବିଚାର କଲେ ଅଟୋମୋବାଇଲ ଉଚ୍ଚ ଟିକସ ବାସ୍କେଟରେ ରହିଛି। ଜାପାନ ଅଟୋମୋବାଇଲ ଶିଳ୍ପ ଉପରେ ୩ ପ୍ରକାର ଟିକସ ଲାଗୁ କରୁଛି। କ୍ରୟ ସମୟ, ଏନର୍ଜି ସାଇଜ ନେଇ ବାର୍ଷିକ ଅଟୋମୋବାଇଲ ଟିକସ ଏବଂ ପ୍ରତି ୨ ବର୍ଷରେ ୱେଟ୍ ଟାକ୍ସ ଏହା ମଧ୍ୟରେ ସାମିଲ ରହିଛି। ଭାରତରେ ଜିଏସ୍‌ଟିକୁ କିନ୍ତୁ ଅଧିକ ହାରର ଟିକସ ବୋଲି କମ୍ପାନୀ କିଭଳି କହୁଥିବା ଅଧିକାରୀ ପ୍ରଶ୍ନ କରିଛନ୍ତି। ସେହିଭଳି ୟୁରୋପିଆନ ୟୁନିୟନରେ ଭାଟ୍, ଜିଏସ୍‌ଟିର ମୂଳ ହାର ଅଟୋମୋବାଇଲ ପାଇଁ ୨୦ରୁ ୨୫% ରହିଛି। ଇଂଲଣ୍ଡ ଏହି ବର୍ଗରେ କାର୍‌ର ନିର୍ଗମନ ନିୟମ ଅନୁସାରେ ହାର ଭିନ୍ନ ରହିଛି। ଏହି କ୍ଷେତ୍ରରେ ୧୪ଟି ହାରରେ ସ୍ଲାବ୍ ରହିଛି। ସେହିଭଳି ରୋଡ୍ ଚାର୍ଜ, ପାର୍କିଂ ଚାର୍ଜ ମଧ୍ୟ ଏଠାରେ ଲାଗୁ ହୋଇଥାଏ।

# ଟିଭିଏସ୍‌କୁ ଲକ୍ଷେ ମାସ୍କ ଦେଲା ଦକ୍ଷିଣ କୋରିଆ




ନୂଆଦିଲ୍ଲୀ,୧୭।୯

ଦକ୍ଷିଣ କୋରିଆର ଅଙ୍ଗୁକ ଜେନ ସେଣ୍ଟର ପକ୍ଷରୁ ଟିଭିଏସ୍ ମୋଟର କମ୍ପାନୀକୁ ୧ଲକ୍ଷ ମାସ୍କ ପ୍ରଦାନ କରାଯାଇଛି। ଏହି ମାସ୍କ ଭାରତରେ ମାଗଣା ବଣ୍ଟନ କରାଯିବ। ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ରହିଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ନିଦର୍ଶନ ସ୍ୱରୂପ ଭେନେରାବଲ ଆବଟ, ସୁବୁଲ ସୁନିମଙ୍କ ନେତୃତ୍ୱାଧୀନ ସୋସିଆଲ ୱେଲଫେୟାର କର୍ପୋରେଶନ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଦକ୍ଷିଣ କୋରିଆର କେ-ଆର୍ଟ ଇଣ୍ଟରନ୍ୟାଶନାଲ ଏକ୍ସଚେଞ୍ଜ ଆସୋସିଏସନ ଓ ଭାରତର ଇନ୍‌କୋ ସେଣ୍ଟର ଏହି ସହାୟତାର ସମନ୍ୱୟ ରକ୍ଷା କରିଥିଲେ। ଟିଭିଏସ୍ ମୋଟର କମ୍ପାନୀର ସାମାଜିକ ଦାୟିତ୍ୱ ନିର୍ବାହ କରୁଥିବା ସଂସ୍ଥା ଶ୍ରୀନିବାସନ ସର୍ଭିସେସ ଟ୍ରଷ୍ଟ ଜରିଆରେ ବିନା ମୂଲ୍ୟରେ ଏହା ବଣ୍ଟନ ପାଇଁ ପ୍ରାୟ ୧୫୦ ନିୟୁତ କୋରିଆନ ୱେନ ମୂଲ୍ୟରେ ଏହି ମାସ୍କକୁ ଟିଭିଏସ୍ ମୋଟରର ଅଧ୍ୟକ୍ଷ, ଶ୍ରୀନିବାସନ ସର୍ଭିସେସ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି, ଇନ୍‌କୋ ସେଣ୍ଟରର ଅଧ୍ୟକ୍ଷ ଓ କଲଚରାଲ ଆଣ୍ଡ ଡିପ୍ଲୋମାସି ଅଫ ଦି ରିପବ୍ଲିକ ଅଫ୍ କୋରିଆର ଗୁଡ୍‌ୱିଲ ଆମ୍ବାସାଡର ବେଣୁ ଶ୍ରୀନିବାସନଙ୍କୁ ଏହା ହସ୍ତାନ୍ତର କରାଯାଇଛି।

## ୱାଲ୍‌ମାର୍ଟ ପକ୍ଷରୁ କ୍ଷୁଦ୍ରଚାଷୀଙ୍କୁ ସହାୟତା

ନୂଆଦିଲ୍ଲୀ,୧୭।୯

ଭାରତ କୋଭିଡ୍ ମହାମାରୀ କାରଣରୁ ଅନେକ ସମସ୍ୟା ସାମ୍ନା କରୁଛି। ଏହି ମହାମାରୀ ସମୟରେ ଦେଶର କ୍ଷୁଦ୍ରଚାଷୀମାନଙ୍କର ବିକାଶ ଲାଗି ୱାଲ୍‌ମାର୍ଟ ଫାଉଣ୍ଡେଶନ ପକ୍ଷରୁ ୨ଟି ନୂତନ ଅନୁଦାନ ଘୋଷଣା କରାଯାଇଛି। ଭାରତର ଚାଷୀମାନଙ୍କର ଜୀବିକାରେ ଉନ୍ନତ ଲାଗି ପ୍ରାୟ ୧୮୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତିର ଏକ ଅଂଶବିଶେଷ ଭାବେ ନୂଆ ପଦକ୍ଷେପ ହାତକୁ ନିଆଯିବ। ୪.୫ ନିୟୁତ ଡଲାର ମୂଲ୍ୟରେ ଏହି ନୂତନ ଫଣ୍ଡିଂ ବ୍ୟବସ୍ଥା ସହ ଅଣ ଲାଭକାରୀ ଟ୍ୟାନେଜର ଆଣ୍ଡ ପ୍ରଦାନ ଚାଷୀଙ୍କୁ ଉନ୍ନତ ଫଳାଫଳ ଓ ନ୍ୟାୟ ଯୁକ୍ତ ବଜାର ଲାଭରୁ ଅଧିକ ରୋଜଗାର ହାସଲ କରିବାରେ ସାହାଯ୍ୟ କରିବ ବୋଲି ଅନୁଷ୍ଠାନ ଆଶାବାଦୀ ରହିଛି। ଉକ୍ତ ଅନୁଦାନ କୃଷି ଉତ୍ପାଦକ ସଂଗଠନ (ଏଫ୍‌ପିଓ)ଗୁଡିକ ଜରିଆରେ ମହିଳା ଚାଷୀମାନଙ୍କ ପାଇଁ ସୁଯୋଗ ବଢାଇବା ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଏହି ୨ଟି ନୂତନ ଅନୁଦାନ ସହିତ ୱାଲ୍‌ମାର୍ଟ ଫାଉଣ୍ଡେଶନ ଭାରତରେ ୮ଟି ବେସରକାରୀ ସଂଗଠନ (ଏନ୍‌ଜିଓ) ମାଧ୍ୟମରେ ମୋଟ ୧୫ ନିୟୁତ ଡଲାର ନିବେଶ ଉପରେ ଧ୍ୟାନ ରଖିଛି। ଏ ସମ୍ପର୍କରେ ପ୍ରେସିଡେଣ୍ଟ ଅଫ ୱାଲ୍‌ମାର୍ଟ ଫାଉଣ୍ଡେଶନ ଆଣ୍ଡ ଏକଜିକ୍ୟୁଟିଭ ଭାଇସ ପ୍ରେସିଡେଣ୍ଟ ଆଣ୍ଡ ଚିଫ୍ ସଷ୍ଟେନେବିଲିଟି ଅଫିସର ଅଫ ୱାଲମାର୍ଟ ଆଇଏନ୍‌ସି କ୍ୟାଥଲିନ ମ୍ୟାକଲାଫଲିନ କହିଛନ୍ତି ଯେ, ଏକ ଉନ୍ନତ ଭବିଷ୍ୟତ, ସ୍ଥାୟିତ୍ୱ ଓ ସ୍ଥିରତା ବୃଦ୍ଧି ଲାଗି ଚାଷୀମାନଙ୍କୁ ବିଭିନ୍ନ ସମର୍ଥନ କରିବା ଉପରେ ଅଧିକ ଧ୍ୟାନ ଦିଆଯାଉଛି।

# ଆର୍ଥିକ ପୁନରୁଦ୍ଧାର ପାଇଁ ଲାଗିପାରେ ୫ ବର୍ଷ

ନୂଆଦିଲ୍ଲୀ,୧୭।୯




**ବଜାରକୁ ନେଇ ୱାର୍ଲ୍ଡ ବ୍ୟାଙ୍କ ମୁଖ୍ୟ ଅର୍ଥନୀତିଜ୍ଞଙ୍କ ମତ**

କରୋନା ମହାମାରୀ ପ୍ରଭାବ ଯୋଗୁ ସାରା ବିଶ୍ୱ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଶ୍ୱବଜାରର ଆର୍ଥିକ ପୁନରୁଦ୍ଧାର ଲାଗି ଅନ୍ତତଃ ପକ୍ଷେ ୫ ବର୍ଷ ସମୟ ଲାଗିପାରେ ବୋଲି ବିଶ୍ୱ ବ୍ୟାଙ୍କ ମୁଖ୍ୟ ଅର୍ଥନୀତିଜ୍ଞ କାର୍ମେନ ରେନ୍‌ହାଟ ଗୁରୁବାର ମତ ରଖିଛନ୍ତି। କରୋନାକୁ ନିୟନ୍ତ୍ରଣ କରିବା ଲାଗି ସାରା ବିଶ୍ୱରେ କଟକଣା ଲାଗୁ ହୋଇଛି। ଏହାକୁ କିଛି ଦେଶ ପର୍ଯ୍ୟାୟ ଭିତ୍ତିରେ ଉଠାଣ କରୁଛନ୍ତି। ମାତ୍ର ବଜାରର ଭଲ ଅବସ୍ଥା ଫେରିବା ଲାଗି ୫ ବର୍ଷ ସମୟ ଲାଗିପାରେ ବୋଲି ସେ ମାଡ୍ରିଡ୍‌ରେ ଅନୁଷ୍ଠିତ ଏକ ଭର୍ଚୁଆଲ କନ୍‌ଫରେନ୍ସରେ ଏଭଳି ମତ ପ୍ରକାଶ କରିଛନ୍ତି।

ସେ ପୁଣି କହିଛନ୍ତି ଯେ, ମହାମାରୀ ଜନିତ ମାନ୍ଦାବସ୍ଥା ଯୋଗୁ ବିଶ୍ୱର ଅର୍ଥ ବ୍ୟବସ୍ଥାଗୁଡ଼ିକ ଅନେକ ଚାପର ସମ୍ମୁଖୀନ ହେବେ। କେତେକ ଦେଶରେ ଏହି ମାନ୍ଦାବସ୍ଥା ଅଧିକ ଉତ୍କଟ ହେବା ସହ ଅଧିକ ସମୟ ରହିବ। ଅନ୍ୟ କେତେକ ଦେଶ ଭିତରେ ଗରିବଙ୍କ ମଧ୍ୟରେ ଅସମାନତା ବଢ଼ିବ। ଏହାଦ୍ୱାରା ଗରିବ ଲୋକମାନେ ବେଶି ଅସୁବିଧା ସାମ୍ନା କରିବେ। ଉନ୍ନତ ଦେଶଗୁଡ଼ିକର ଗରିବ ଲୋକମାନେ ଏହି ସମସ୍ୟାରୁ ବର୍ତ୍ତିପାରିବେ ନାହିଁ। ଧନଶାଳୀ ଦେଶଗୁଡିକ ତୁଳନାରେ ଗରିବ ଦେଶଗୁଡିକର ସମସ୍ୟା ବଢ଼ିଯିବ। ସେହିଭଳି ଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଥର ଲାଗି ଗରିବୀ ହାର ବଢିବ ବୋଲି କାର୍ମେନ ସ୍ପଷ୍ଟ କରିଛନ୍ତି।

**ଭାରତର ଜିଡିପି ୮.୬% ଖସିବ**

ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ୮.୬% ଖସିବ ବୋଲି ସ୍ୱିସ୍ ବ୍ରୋକ୍‌ରେଜ ଫାର୍ମ ୟୁଏସ୍‌ବି ସିକ୍ୟୁରିଟି ପକ୍ଷରୁ ଗୁରୁବାର କୁହାଯାଇଛି। ଜିଡିପି ୫.୮% ଖସିବ ବୋଲି ଏହି ଏଜେନ୍ସି ପୂର୍ବରୁ ଆକଳନ କରିଥିଲା। ସେପ୍ଟେମ୍ବର ତ୍ରୈମାସ ପରେ ଚାହିଦାରେ ଉନ୍ନତି ପରିଲକ୍ଷିତ ହେବ ବୋଲି ୟୁବିଏସ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ତନ୍‌ଭୀ ଗୁପ୍ତା ଜୈନ ସୂଚନା ଦେଇଛନ୍ତି। ବର୍ତ୍ତମାନ ସଂକ୍ରମଣ ବଢୁଥିବାରୁ ଅର୍ଥବ୍ୟବସ୍ଥା ଶୀଘ୍ର ଟ୍ରାକ୍‌କୁ ଫେରିବା କଷ୍ଟକର ହେବ। ଏଭଳି ସ୍ଥିତିରେ ଲୋକମାନେ ଖର୍ଚ୍ଚ କରିବାକୁ ଆଗଭର ହେଉ ନ ଥିବା ସେ ମତ ରଖିଛନ୍ତି।

## ରାଜ୍ୟ ଖବର

### ସସ୍ମିତଙ୍କ ପ୍ରଶ୍ନର ଉତ୍ତର ରଖିଲା ଏମ୍‌ଇଏ ପାକିସ୍ତାନ ପ୍ରତି ବୈଦେଶିକ ନୀତି ପ୍ରସଙ୍ଗ

ଭୁବନେଶ୍ୱର, ୧୭।୯(ବ୍ୟୁରୋ):

ପାକିସ୍ତାନ ପ୍ରତି ଭାରତର ବୈଦେଶିକ ନୀତି ଏବଂ କେନ୍ଦ୍ର ସରକାର ଆତଙ୍କବାଦ ବିରୋଧରେ ଗ୍ରହଣ କରିଥିବା ରଣନୀତି ଉପରେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ପ୍ରଶ୍ନ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଜବାବ ରଖିଛି।

ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ୍ କହିଛନ୍ତି, ଭାରତ ସବୁବେଳେ ପାକିସ୍ତାନ ସହ ସାଧାରଣ ପଡ଼ୋଶୀ ସମ୍ପର୍କ ଚାହୁଁଛି। ଏହା ଭାରତର ସ୍ଥିର ନୀତି। ଦ୍ୱିପାକ୍ଷିକ ଏବଂ ଶାନ୍ତିପୂର୍ଣ୍ଣ ଭାବେ ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ବିବାଦର ସମାଧାନ ହେବା ଉଚିତ। ଭାରତ ବିରୋଧୀ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ଏହାର ନିୟନ୍ତ୍ରଣରେ ଥିବା କୌଣସି ଅଞ୍ଚଳକୁ ବ୍ୟବହାର ନ କରିବାକୁ ପଡୋଶୀ ଦେଶକୁ କୁହାଯାଉଛି। ଦ୍ୱିପାକ୍ଷିକ, ଆଞ୍ଚଳିକ ତଥା ବହୁପକ୍ଷୀୟ ଫୋରମ୍‌ରେ ସୀମାପାର ଆତଙ୍କବାଦ, ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ପାକିସ୍ତାନର ସମର୍ଥନ କଥା କେନ୍ଦ୍ର ସରକାର ବାରମ୍ବାର ଉଠାଉଛନ୍ତି। ଲଷ୍କର-ଇ-ତୋଇବା (ଏଲଇଟି), ଜୈଶ-ଇ-ମହମ୍ମଦ, ହିଜବୁଲ ମୁଜାହିଦ୍ଦିନ ଭଳି ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନର କାର୍ଯ୍ୟକଳାପ ଉପରେ ଲକ୍ଷ୍ୟ ରଖାଯାଉଛି। ପାକିସ୍ତାନରେ ଆଶ୍ରୟ ନେଇଥିବା ତଥା ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ ସଙ୍ଗଠନ ବିଷୟରେ ମିଳିତ ଜାତିସଂଘ, ୟୁରୋପୀୟନ ୟୁନିୟନ ନିକଟରେ ତଥ୍ୟ ରଖାଯାଇଥିବା ସେ ସୂଚନା ଦେଇଛନ୍ତି।

# ଜାତୀୟସ୍ତରରେ ସୋଆ ସମ୍ମାନିତ

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

କରୋନା ଲଢ଼େଇରେ ସ୍ୱତନ୍ତ୍ର ଅବଦାନ ପାଇଁ ଦେଶର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ସୋଆକୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି। ଗୁରୁବାର ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ପକ୍ଷରୁ 'ଉତ୍କୃଷ୍ଟ ସଂସ୍ଥାନ ବିଶ୍ୱକର୍ମା ପୁରସ୍କାର' ପ୍ରଦାନ କରାଯାଇଛି। କୋଭିଡ୍-୧୯ ମୁକାବିଲାରେ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ ଗ୍ରହଣ କରିଥିବା ପଦକ୍ଷେପକୁ ନେଇ ୧୨ଟି ବିଭିନ୍ନ କାଟେଗୋରୀରେ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ସଚେତନତା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବାରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ସୋଆକୁ ଏହି ପୁରସ୍କାର ମିଳିଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ୍ ଓ ଏଆଇସିଟିଇ ଅଧ୍ୟକ୍ଷ ପ୍ରଫେସର ଅନିଲ ସହସ୍ରବୁଦ୍ଧେ ଉପସ୍ଥିତ ଥିଲେ।

କରୋନା ମହାମାରୀକୁ ନେଇ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ସୋଆ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଡାକ୍ତର, ନର୍ସ ଓ ଫାକଲ୍ଟିମାନେ ଭୁବନେଶ୍ୱର ଓ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରେ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ଲୋକେ କିଭଳି ଠିକ୍ ଭାବେ ହାତ ଧୋଇବେ, ମାସ୍କ ପିନ୍ଧିବେ ଏବଂ ସାମାଜିକ ଦୂରତା ଅବଲମ୍ବନ କରିବେ ସେ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**କୋଭିଡ୍ ଲଢ଼େଇ**

ସଂକ୍ରମଣ ରୋକିବା ପାଇଁ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ମାସ୍କ, ଫେସ୍‌ସିଲ୍ଡ, ପିପିଇ ଏବଂ ସାନିଟାଇଜର ବିପୁଳ ଭାବେ ପ୍ରସ୍ତୁତ କରାଯାଇଥିଲା। ଲକ୍‌ଡାଉନ୍ ସମୟରେ ଶୁଖିଲା ଓ ରନ୍ଧା ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ସୋଆ ନିକଟବର୍ତ୍ତୀ ଅଞ୍ଚଳରେ ବଣ୍ଟନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା, ସୋଆ କମ୍ୟୁନିଟି ରେଡିଓ ଏବଂ ବିଭିନ୍ନ ଷ୍ଟୁଡେଣ୍ଟ କ୍ଲବ୍ ପକ୍ଷରୁ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା।

ସୂଚନାଯୋଗ୍ୟ, ରାଜ୍ୟର ବୃହତ୍ତମ କୋଭିଡ ହସ୍ପିଟାଲ ଭାବେ ସୋଆ ପକ୍ଷରୁ ଭୁବନେଶ୍ୱରଠାରେ ୭୨୫ ଶଯ୍ୟା ବିଶିଷ୍ଟ (ଆଇସିୟୁ ଏବଂ ହାଇ ଡିପେଣ୍ଡାନ୍ସ ୟୁନିଟ୍ ବେଡ୍ସ) ପ୍ରସ୍ତୁତ କରାଯାଇଥିବାବେଳେ ନୟାଗଡ଼ ଜିଲାର ଚାନ୍ଦପୁରଠାରେ ୩୬୬ ଶଯ୍ୟା, କେନ୍ଦ୍ରାପଡ଼ାଠାରେ ୧୭୦ ଶଯ୍ୟା ଏବଂ ତାଳଚେରଠାରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ୍ ପ୍ରସ୍ତୁତ କରାଯାଇ ରୋଗୀ ଚିକିତ୍ସା କରାଯାଉଛି। ସେହିପରି ସୋଆ ପକ୍ଷରୁ ଜାମୁଝରୀରେ ୫୦୦ ଶଯ୍ୟା ଓ ଜଟଣୀରେ ୩୦୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର ପରିଚାଳନା କରାଯାଉଛି।

## ଏସ୍‌ସିବି ଆଇସୋଲେଶନ ୱାର୍ଡରେ ଅବ୍ୟବସ୍ଥା

କଟକ ଅଫିସ, ୧୭।୯

**ଟୁଇଟରରେ ଭିଡିଓ ପୋଷ୍ଟ କଲେ କଂଗ୍ରେସ ନେତା**

ଏସ୍‌ସିବି ମେଡିକାଲର ଆଇସୋଲେଶନ ୱାର୍ଡରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଅସନ୍ତୁଷ୍ଟ ବ୍ୟକ୍ତ କରି କଂଗ୍ରେସ ନେତା ମାନସ ଚୌଧୁରୀ ଟୁଇଟରରେ ଗୁରୁବାର ଏକ ଭିଡିଓ ପୋଷ୍ଟ କରିଛନ୍ତି। ଉକ୍ତ ଭିଡିଓରେ ମାନସ ଲେଖିଛନ୍ତି, ଏସ୍‌ସିବି ମେଡିକାଲ ରାଜ୍ୟବାସୀଙ୍କ ଆଶାର କିରଣ। ଏପରି ନିର୍ଭରଯୋଗ୍ୟ ହସ୍ପିଟାଲ ଆଇସୋଲେଶନ ୱାର୍ଡର କିଛି ଦୃଶ୍ୟ ମୋତେ ବ୍ୟଥିତ କରିଛି। ୱାର୍ଡସାରା କୁଢ କୁଢ ଅଳିଆ, ସର୍ବସାଧାରଣ ଯାତାୟାତ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ମୃତଦେହ ପଡି ରହିବା, ବ୍ୟବହୃତ ସୁରକ୍ଷା କିଟ୍ ଏଣେତେଣେ ପଡିବା, ବିପଦସଙ୍କୁଳ ଅବସ୍ଥାରେ ଅକ୍ସିଜେନ ସିଲିଣ୍ଡର ଆଉଜେଇ ହୋଇପଡିଥିବା, ଅପରିଷ୍କାର ବେସିନ ଏବଂ ଚଟାଣରେ ରୋଗୀ ଚିକିତ୍ସିତ ହେଉଥିବା ଭଳି ଦୃଶ୍ୟ ରହିଛି। ଏସବୁ ଯେକେହି ଦେଖିଲେ କ୍ଷୁବ୍ଧ ହେବା ସ୍ୱାଭାବିକ। ରାଜ୍ୟର ଅନ୍ୟ କେଉଁଠି ଏପରି ଅବ୍ୟବସ୍ଥାର ଚିତ୍ର ନଜରକୁ ଆସିଲେ କଂଗ୍ରେସ ଏହାକୁ ଲୋକଲୋଚନକୁ ଆଣିବ। ଯଦି ସରକାର ନ ଶୁଣନ୍ତି, ତେବେ ଆବଶ୍ୟକ ହେଲେ ଦଳ ରାଜରାସ୍ତାକୁ ଓହ୍ଲାଇବ। ଏ ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକଙ୍କୁ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରି ନଥିଲା।

## ନରେନ୍ଦ୍ର ପୁଷ୍କରିଣୀରେ ଭାସୁଛନ୍ତି ମଲା ମାଛ

ପୁରୀ ଅଫିସ,୧୭।୯:



ନରେନ୍ଦ୍ର ପୁଷ୍କରିଣୀ। କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସର ପୁଷ୍କରିଣୀ। ଏହି ପବିତ୍ର ପୁଷ୍କରିଣୀରେ ମହାପ୍ରଭୁ ଜଳକ୍ରୀଡ଼ା କରନ୍ତି। ଶ୍ରଦ୍ଧାଳୁମାନେ ବୁଡ଼ ପକାଇଥାନ୍ତି। ହେଲେ ଏହାର ପାଣି ଏବେ ପ୍ରଦୂଷିତ ହୋଇଥିବା କୁହାଯାଉଛି। କାରଣ ନରେନ୍ଦ୍ର ପୁଷ୍କରିଣୀରେ ଭାସୁଛନ୍ତି ଶତାଧିକ ମଲା ମାଛ। ଗୁରୁବାର ପୋଖରୀ କଡ଼ରେ ବହୁ ସଂଖ୍ୟାରେ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ତେବେ କେଉଁ କାରଣ ପାଇଁ ମାଛଗୁଡ଼ିକ ମରିଛନ୍ତି ତାହାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେହି କେହି ପାଣି ଅଧିକ ମାତ୍ରାରେ ପ୍ରଦୂଷିତ ହୋଇଯାଇଥିବା କହୁଛନ୍ତି। ଏହି ଘଟଣା ଏକପ୍ରକାର ଚର୍ଚ୍ଚାର ବିଷୟ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ମଲା ମାଛ କଡ଼ରେ ଲାଗି ପଚୁଥିବାରୁ ଦୁର୍ଗନ୍ଧ ହେଉଛି। ଲୋକଙ୍କ ଆସ୍ଥା ଓ ଭାବାବେଗ ସହ ଜଡ଼ିତ ଥିବା ନରେନ୍ଦ୍ର ପୁଷ୍କରିଣୀର ଏ ଦୁରବସ୍ଥା ପ୍ରତି ଯେମିତି କାହାର ନିଘା ନାହିଁ।

ସୂଚନାଥାଉ କି, ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ ବଳରାମ ଏବଂ ପଞ୍ଚମହାଦେବ ପ୍ରତିବର୍ଷ ଚନ୍ଦନ ଯାତ୍ରାରେ ଏଠାକୁ ଚାପ ଖେଳିବାକୁ ଆସନ୍ତି। ଏହି ପବିତ୍ର ଜଳାଶୟରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ହେଉଥିବାରୁ ଏହା ଚନ୍ଦନ ସରୋବର ନାମରେ ଖ୍ୟାତ। ପିତୃପକ୍ଷ ଅବସରରେ ଏଠାରେ ତିଳତର୍ପଣ ଏବଂ ପିଣ୍ଡଦାନ କରାଯାଇଥାଏ।

# ହାତିଆ ପାହାଡ଼ରେ ପର୍ଯ୍ୟଟକ ଅସୁରକ୍ଷିତ

ଖୋର୍ଦ୍ଧା ଅଫିସ,୧୭।୯:



ହାତିଆ ପାହାଡରେ ସୃଷ୍ଟି ହୋଇଥିବା କୃତ୍ରିମ ହ୍ରଦ।

- ଯୁବପିଢ଼ିଙ୍କ ଭିଡ଼ ଜମୁଛି
- ସେଲ୍ଫି ନିଶା ବିପଦକୁ ଡାକୁଛି
- ପ୍ରଶାସନର ନିଘା ନାହିଁ

ଖୋର୍ଦ୍ଧା ୧୬ନଂ. ଜାତୀୟ ରାଜପଥ ନିଜଗଡ଼ ଡାପଙ୍ଗରେ ରହିଛି ହାତିଆ ପାହାଡ଼। ଏଠାରେ ସୃଷ୍ଟି ହୋଇଥିବା କୃତ୍ରିମ ହ୍ରଦ, ନୀଳ ଜଳରାଶିର ମନୋରମ ପ୍ରାକୃତିକ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ପରେ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ଏହି ସ୍ଥାନରେ ସିନେମା ଗୀତ, ଆଲବମ ଏବଂ ଫଟୋଗ୍ରାଫି ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲୋକେ ଆସୁଛନ୍ତି। ପୋଲିସ ପାଟ୍ରୋଲିଂ ନ ଥିବା ବେଳେ ବହୁ ପର୍ଯ୍ୟଟକ ଲୁଟ୍‌ର ଶିକାର ହେଉଛନ୍ତି। ଯୁବପିଢି ବିପଦସଙ୍କୁଳ ଅବସ୍ଥାରେ ଛିଡା ହୋଇ ସେଲ୍ଫି ନେବା ଯେପରି ପ୍ରତିଯୋଗିତା ଚାଲିଛି। ସେଲ୍ଫି ନିଶାରେ ବିପଦକୁ ଟାଣି ଆଣୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ସୂଚନାଥାଉ କି, ପାଇକ ବିଦ୍ରୋହର ଗଡ଼ଭାବେ ନିଜଗଡ଼ ଡାପଙ୍ଗ ପରିଚିତ। ବିଟ୍ରିଶ ସରକାର ସହ ଲଢେଇ ବେଳେ ପାଇକମାନେ ଏଠାରେ ରହୁଥିଲେ। ହସ୍ତେଶ୍ୱରୀ ଦେବୀଙ୍କ ଆଶୀର୍ବାଦରୁ ପାଇକ ବୀରମାନେ ବୀରତ୍ୱ ସହ ଲଢେଇ କରୁଥିଲେ। ଦେବୀଙ୍କ ନାମାନୁସାରେ ଏହାକୁ ହାତିଆ ପାହାଡ଼ ବୋଲି କୁହାଯାଏ। ତେବେ ଖଣି ମାଫିଆଙ୍କ ପଥର ବ୍ଲାଷ୍ଟିଂ ଯୋଗୁ ଏଠାରେ ସୃଷ୍ଟି ହୋଇଥିବା କୃତ୍ରିମ ହ୍ରଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ପଥର ଚାରିପଟେ ଶିଆଳି ଲଟା, ଗଛଲତା ମାଡି ଜଳରାଶିରେ ପଡି ନୀଳବର୍ଣ୍ଣ ଦେଖାଯାଉଛି। ଏଠାରେ ସକାଳର ସୂର୍ଯ୍ୟକିରଣ ପଡିବା ପରେ ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗଣିତ କରୁଛି। ଏହି ନୀଳ ଜଳରାଶି ଏବଂ ଚାରିପଟେ ପାହାଡର ଦୃଶ୍ୟ ଏହାର ପରିବେଶକୁ ଅତି ଆକର୍ଷଣୀୟ କରୁଛି। ଫଳରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଯୁବପିଢିଙ୍କ ଭିଡ଼ ଜମୁଛି। ଏହି ଅଘୋଷିତ ପର୍ଯ୍ୟଟନସ୍ଥଳି ପର୍ଯ୍ୟଟକଙ୍କ ଲାଗି ବିପଦ ଥିବା ବେଳେ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏନେଇ ଜିଲାପାଳଙ୍କ ମତାମତ ମିଳପାରିନାହିଁ।

## ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଖେଳାଳିଙ୍କ ପାଇଁ ୩୬ ଘଣ୍ଟିଆ କ୍ୱାରାଣ୍ଟାଇନ୍

ନୂଆଦିଲ୍ଲୀ, ୧୭।୯ (ପ.ଟି.)

ଇଂଲଣ୍ଡ ଓ ଅଷ୍ଟ୍ରେଲିଆ କ୍ରିକେଟ ଖେଳାଳିଙ୍କ ଅନୁରୋଧ ରକ୍ଷା କରାଯାଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ଲାଗି ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରୁ ଆସି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିବା ପରେ ସେମାନଙ୍କୁ ପୂର୍ବ ନିୟମ ଅନୁସାରେ ୬ଦିନ ପରିବର୍ତ୍ତେ ମାତ୍ର ୩୬ଘଣ୍ଟା କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ୟୁକେରେ ହ୍ୱାଇଟ୍ ବଲ୍ ସିରିଜ ଖେଳିସାରିବା ପରେ ଆଇପିଏଲ୍ ଖେଳିବା ଲାଗି ଅଷ୍ଟ୍ରେଲିଆ ଓ ଇଂଲଣ୍ଡର ୨୧ ଜଣ ଖେଳାଳି ୟୁଏଇ ମୁହାଁ ହୋଇଛନ୍ତି। ଖବର ଅନୁସାରେ ଅଷ୍ଟ୍ରେଲିଆର ଜଣେ ବରିଷ୍ଠ ଖେଳାଳି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଅନୁରୋଧ କରି ଏକ ଚିଠି ଲେଖିଥିଲେ। କ୍ୱାରାଣ୍ଟାଇନ୍ ପିରିୟଡ ୬ ଦିନ ପରିବର୍ତ୍ତେ ୩ ଦିନ କରାଗଲେ ସେମାନେ ଟୁର୍ନାମେଣ୍ଟ ଆରମ୍ଭରୁ ଖେଳିପାରିବେ ବୋଲି ସେ କହିଥିଲେ। ଖେଳାଳିମାନଙ୍କ ଯୁକ୍ତି ହେଲା ସେମାନେ ପ୍ରଥମେ ଅଷ୍ଟ୍ରେଲିଆ ଏବଂ ପରେ ୟୁକେରେ ଏକ ବାୟୋ-ବବଲ ମଧ୍ୟରେ ରହି ଆସିଛନ୍ତି। ସେମାନେ ବହୁଦିନ ହେଲା ବାହାର ସଂସ୍ପର୍ଶରେ ଆସି ନ ଥିବାରୁ ଗୋଟିଏ ବାୟୋ-ବବଲରୁ ଅନ୍ୟଟିରେ ପ୍ରବେଶ ପାଇଁ ଅନୁମତି ଦିଆଯିବା ଉଚିତ। ଗାଙ୍ଗୁଲି ୟୁଏଇରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ କଥାବାର୍ତ୍ତା ପରେ ସମସ୍ୟାର ସମାଧାନ ହୋଇ ପାରିଛି। କ୍ୱାରାଣ୍ଟାଇନ୍ ପିରିୟଡ ୩୬ ଘଣ୍ଟାକୁ ହ୍ରାସ କରାଯିବା ଦ୍ୱାରା ଚେନ୍ନାଇ ସୁପର କିଙ୍ଗ୍ସ (ଜୋସ୍ ହାଜଲେଉଡ ଓ ଟମ୍ କୁରାନ), ରାଜସ୍ଥାନ ରୟାଲ୍ସ (ଷ୍ଟିଭ୍ ସ୍ମିଥ୍, ଜୋସ୍ ବଟଲର, ଜ୍ରୋଫା ଆର୍ଚର) ଭଳି ଦଳ ସେମାନଙ୍କ ପ୍ରଥମ ଗେମ୍‌ରୁ ସମସ୍ତ ଖେଳାଳିଙ୍କୁ ପାଇ ପାରିବେ। ସେହିପରି କିଙ୍ଗ୍ସ ଇଲେଭେନ ପଞ୍ଜାବ ଏହାର ରୋଷ୍ଟରରେ ଗ୍ଲେନ ମାକ୍ସୱେଲ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ଆଲେକ୍ସ କାରେଙ୍କୁ ପାଇବ ବୋଲି ଫ୍ରାଞ୍ଚାଇଜର ଜଣେ ଅଫିସିଆଲ କହିଛନ୍ତି।


ଜନ୍ମଦିନ ଶୁଭେଚ୍ଛା
(ଆସ୍ଥା)
ପ୍ରୀତି ପ୍ରିୟଙ୍କା ସାହୁ
କୋଟସାହି, ଟାଙ୍ଗୀ, କଟକ
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
-:ଶୁଭେଚ୍ଛା ସହ:-
ଅଜା, ଆଈ, ବଡ଼ବାପା, ବଡ଼ବୋଉ, ମାମୁ, ମାଈଁ, ଭାଇ, ଦିଦି, ମଉସା, ମାଉସୀ, ବାପା: ଅମୂଲ୍ୟ, ମା: ପଦ୍ମିନୀ ।
ଧ-୧୮୨୭୮


ଜନ୍ମବାର୍ଷିକ ଶୁଭେଚ୍ଛା
ଆୟୁଷ ପ୍ରତୀକ୍ ମିଶ୍ର
ଜନ୍ମ ତା. ୧୮।୦୯।୨୦୦୩
(ବି.ଜେ.ବି. ନଗର, ଭୁବନେଶ୍ୱର)
ଆଜି ତୋର ଜନ୍ମଦିନରେ ଭଗବାନ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ:
ପାପା, ମାମା, ଅଜା, ବଡ଼ବାପା, ବଡ଼ବୋଉ, ମାମୁ, ମାଈଁ, ମଉସା, ମାଉସୀ, ଭାଇ ଓ ଭଉଣୀମାନେ।
ଧ-୬୯୪୩୮

# ନଜରରେ ଅଲରାଉଣ୍ଡର

**ଆଉ ଗୋଟିଏ ଦିନପରେ ୟୁଏଇରେ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣ। ଟି୨୦ରେ ସାଧାରଣତଃ ଅଲରାଉଣ୍ଡରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ ଏହି ହାଇ ପ୍ରୋଫାଇଲ ଲିଗ୍‌ରେ ଖେଳିବାକୁ ଯାଉଥିବା ୧୦ ଶ୍ରେଷ୍ଠ ଅଲରାଉଣ୍ଡରଙ୍କୁ ନେଇ ଏହି ଉପସ୍ଥାପନା..**

IPL 2020

### ଆନ୍ଦ୍ରେ ରସେଲ(କୋଲକାତା ନାଇଟ ରାଇଡର୍ସ)

ଟି୨୦ କ୍ରିକେଟରେ ଅନ୍ୟତମ ଶ୍ରେଷ୍ଠ ଫିନିଶର ଭାବେ ପରିଚିତ ୱେଷ୍ଟଇଣ୍ଡିଜର ଆନ୍ଦ୍ରେ ରସେଲ। ଆଇପିଏଲ୍‌ରେ ସେ ସର୍ବକାଳୀନ ସର୍ବାଧିକ ଷ୍ଟ୍ରାଇକ୍ ରେଟ୍(୧୮୬.୪୧)ର ଅଧିକାରୀ। ଗତ ସିଜନରେ କୋଲକାତା ନାଇଟ ରାଇଡର୍ସ ଅଳ୍ପକେ ପ୍ଲେ-ଅଫ୍ ସୁଯୋଗ ହାତଛଡ଼ା କରିଥିଲେ ହେଁ ସେ ୧୩ ଇନିଂସରେ ୫୬.୬୬ ଆଭରେଜରେ ୫୧୦ ରନ ଓ ୧୧ଟି ଉଇକେଟ ନେଇ ପ୍ଲେୟର ଅଫ ଦି ସିରିଜ ବିବେଚିତ ହୋଇଥିଲେ। ନାଇଟ ରାଇଡର୍ସ ମୁଖ୍ୟ ମେଣ୍ଟର ଡେଭିଡ ହସୀ ରସେଲଙ୍କ ପ୍ରଶଂସାରେ ଶତମୁଖ। ଏପରିକି ଏହି ୩୨ ବର୍ଷୀୟ ଜାମାଇକାନଙ୍କୁ ୩ ନମ୍ବରରେ ବ୍ୟାଟିଂ ପାଇଁ ପଠାଯାଇପାରେ ବୋଲି ସେ ମତପ୍ରକାଶ କରିଛନ୍ତି। ନିକଟରେ ଶେଷ ହୋଇଥିବା କାରିବିୟନ ପ୍ରିମିୟର ଲିଗ୍‌ରେ ମଧ୍ୟ ରସେଲ ଫର୍ମର ପରିଚୟ ଦେଇଥିଲେ। ସେ ଜାମାଇକା ଟଲ୍ୱାଜ୍ ପକ୍ଷରୁ ପ୍ରତିନିଧିତ୍ୱ କରି ୩ଟି ଅର୍ଦ୍ଧଶତକ ହାସଲ କରିବା ସହ ୩ଟି ଉଇକେଟ ନେଇଥିଲେ।


ଗ୍ଲେନ ମ୍ୟାକ୍ସୱେଲ

### ଗ୍ଲେନ୍ ମ୍ୟାକ୍ସୱେଲ (କିଙ୍ଗ୍ସ ଇଲେଭେନ ପଞ୍ଜାବ)

ଚଳିତ ଥର ଆଇପିଏଲ ୟୁଏଇରେ ହେବାକୁ ଯାଉଥିବାରୁ ଗ୍ଲେନ ମ୍ୟାକ୍ସୱେଲଙ୍କ ଉପରେ ବିଶେଷ ନଜର ରହିବ। କାରଣ ଶେଷଥରପାଇଁ ୨୦୧୪ରେ ୟୁଏଇ/ଭାରତରେ ଅନୁଷ୍ଠିତ ଆଇପିଏଲରେ ସେ କରିସ୍ମା ଦେଖାଇ ପ୍ଲେୟର ଅଫ ଦି ସିରିଜ ପୁରସ୍କାର ପାଇଥିଲେ। ଜଣେ ବିସ୍ଫୋରକ ବ୍ୟାଟ୍ସମ୍ୟାନଭାବେ ପରିଚିତ ଏହି ଅଷ୍ଟ୍ରେଲୀୟ ଖେଳାଳି ସେହି ସଂସ୍କରଣରେ ୧୬ ମ୍ୟାଚରୁ ୫୫୨ ରନ ସଂଗ୍ରହ କରିଥିଲେ। ଏହାପରେ ୨୦୧୮ ପର୍ଯ୍ୟନ୍ତ ପରବର୍ତ୍ତୀ ସିଜନ ଗୁଡ଼ିକରେ ସେ ମୋଟ ୮୦୩ ରନ କରିବା ସହ ୧୪ଟି ଉଇକେଟ ନେଇଛନ୍ତି। ୨୦୧୭ ପର୍ଯ୍ୟନ୍ତ ସେ ପଞ୍ଜାବ ପକ୍ଷରୁ ଖେଳିଥିବାବେଳେ ୨୦୧୮ରେ ଦିଲ୍ଲୀ ଡେୟାରଡେଭିଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ପ୍ରସ୍ତୁତି ପାଇଁ ସେ ୨୦୧୯ ଆଇପିଏଲରେ ଖେଳି ନ ଥିଲେ। ୧ ବର୍ଷ ବ୍ୟବଧାନରେ ସେ ପୁଣି ଆଇପିଏଲକୁ ଫେରିଛନ୍ତି। ଗତ ବିଗ୍‌ବାଶ୍ ଲିଗ୍‌ରେ ସେ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ୧୬ ଇନିଂସରୁ ୧୪୮.୫୧ ଷ୍ଟ୍ରାଇକ୍‌ରେଟ୍‌ରେ ୩୯୮ ରନ ସଂଗ୍ରହ କରିଥିଲେ। ସେ ୧୬ଟି ଉଇକେଟ ମଧ୍ୟ ନେଇଥିଲେ। ସଦ୍ୟସମାପ୍ତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚରେ ସେ ଶତକ ହାସଲ କରିବା ସହ ଅଷ୍ଟ୍ରେଲିଆକୁ ପରାଜୟ ମୁହଁରୁ ଆଣି ବିଜୟ ସ୍ୱାଦ ଦେଇଛନ୍ତି। ତେଣୁ ସେ ଆଗାମୀ ଆଇପିଏଲରେ କିଛି କରିସ୍ମା ଦେଖାଇବା ଆଶା ରହିଛି।

### ମାର୍କସ ଷ୍ଟୋଇନ୍ସ(ଦିଲ୍ଲୀ କ୍ୟାପିଟାଲ୍ସ)


ଟି୨୦ରେ ଚମତ୍କାର ରେକର୍ଡ ରଖିଥିବା ଆଉଜଣେ ଅଷ୍ଟ୍ରେଲୀୟ ହେଲେ ମର୍କସ ଷ୍ଟୋଇନ୍ସ। ଚଳିତ ବର୍ଷ ପ୍ରାରମ୍ଭରେ ବିଗ୍‌ବାଶ୍ ଲିଗ୍(ବିବିଏଲ୍)ରେ ସିଡ୍‌ନୀ ସିକ୍ସର୍ସ ବିପକ୍ଷରେ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ୭୯ ବଲ୍‌ରୁ ଅପରାଜିତ ୧୪୭ ରନ ସ୍କୋର କରି ସେ ଚର୍ଚ୍ଚାରେ ରହିଥିଲେ। ବିବିଏଲରେ ଏହା କେବଳ ସର୍ବାଧିକ ବ୍ୟକ୍ତିଗତ ସ୍କୋର ନ ଥିଲା। ହିଲଟନ କାର୍ଟରାଇଟଙ୍କ ସହ ସେ ଗଢ଼ିଥିବା ୨୦୭ ରନର ଭାଗୀଦାରି ମଧ୍ୟ ଟୁର୍ନାମେଣ୍ଟ ଇତିହାସରେ ଯେ କୌଣସି ଉଇକେଟ ପାଇଁ ଏକ ରେକର୍ଡ ଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସେ ଏକମାତ୍ର ବ୍ୟାଟିଂ ଅଲରାଉଣ୍ଡର। ତାଙ୍କ ଉପସ୍ଥିତିରେ ଦିଲ୍ଲୀ ଦଳର ବ୍ୟାଟିଂ ଲାଇନ୍‌ଅପ୍ ଶକ୍ତିଶାଳୀ ହୋଇଛି। ଷ୍ଟୋଇନ୍ସଙ୍କ ପ୍ରଦର୍ଶନ ଉପରେ ଦିଲ୍ଲୀର ସଫଳତା ଅନେକ ନିର୍ଭର କରିବ।

### କ୍ରିସ୍ ଗ୍ରୀନ୍ (କୋଲକାତା ନାଇଟ ରାଇଡର୍ସ)

ଦକ୍ଷିଣ ଆଫ୍ରିକା ଜନ୍ମିତ ଅଷ୍ଟ୍ରେଲିଆନ କ୍ରିସ୍ ଗ୍ରୀନ ଚଳିତ ସିଜନରେ କୋଲକାତା ନାଇଟ ରାଇଡର୍ସ ପାଇଁ ଅନ୍ୟତମ ପ୍ରମୁଖ ଖେଳାଳି ସାବ୍ୟସ୍ତ ହୋଇପାରନ୍ତି। ୨୦୧୪-୧୫ ୱାନ୍‌ଡେ କପ୍‌ରେ ନ୍ୟୁ ସାଉଥୱେଲ୍ସ ପକ୍ଷରୁ ପଦାର୍ପଣ କରିବାପରେ ବିବିଏଲ ଟିମ୍ ସିଡ୍‌ନୀ ଥଣ୍ଡର ନଜରକୁ ଆସିଥିଲେ। ୨୦୧୫-୧୬ ସିଜନରେ ସେ ବୋଲିଂରୁ କ୍ୟାରିୟର ଆରମ୍ଭ କରିଥିଲେ। ୮ ମ୍ୟାଚରୁ ସେ ୮ ଉଇକେଟ ନେଇଥିଲେ ଏବଂ ଶ୍ରେଷ୍ଠ ବୋଲିଂ ଫିଗର ଥିଲା ୩/୨୭। ଏହାପରେ ପାକିସ୍ତାନ ସୁପରଲିଗ୍‌ରେ ଲାହୋର କଲନ୍ଦର୍ସ ଓ କାରିବିୟନ ପ୍ରିମିୟର ଲିଗ୍(ସିପିଏଲ)ରେ ଗୁୟାନା ଆମାଜନ ୱାରିୟର୍ସ ପକ୍ଷରୁ ସୁଯୋଗ ପାଇଥିଲେ। ସେ ମୋଟ ୯୩ଟି ଟି୨୦ ଖେଳି ୭୪ଟି ଉଇକେଟ ନେଇଛନ୍ତି। ଆଇପିଏଲ ପ୍ରଦର୍ଶନ ମାଧ୍ୟମରେ ସେ ଅଷ୍ଟ୍ରେଲିଆ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ। ନିକଟରେ ଶେଷ ହୋଇଥିବା ସିପିଏଲରେ ସେ ୯ଟି ଉଇକେଟ ନେଇଥିଲେ।

### ଜିମି ନିଶାମ (କିଙ୍ଗ୍ସ ଇଲେଭେନ ପଞ୍ଜାବ)

୬ ବର୍ଷ ବ୍ୟବଧାନରେ ବ୍ୟୟବହୁଳ ଆଇପିଏଲ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ନ୍ୟୁଜିଲାଣ୍ଡର ଜିମି ନିଶାମ। ୨୦୧୪ରେ ସେ ଦିଲ୍ଲୀ ଡେୟାର ଡେଭିଲ୍ସ ପକ୍ଷରୁ ଖେଳି ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ସେ ମାତ୍ର ୧ ଉଇକେଟ ନେବାସହ ୪୨ ରନ କରିବାକୁ ସକ୍ଷମ ହୋଇଥିଲେ। ପରେ କ୍ରମାଗତ ଖରାପ ଫର୍ମ ରହିବାରୁ ଏକଦା ଅବସର ନେବାକୁ ଚିନ୍ତା କରିଥିବା ନିଶାମ ଗତବର୍ଷ ଆଇସିସି ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ କରି ପୁଣି ଚର୍ଚ୍ଚାକୁ ଆସିଥିଲେ। ସେ ୨୫୮ ରନ କରିବା ସହ ୧୫ଟି ଉଇକେଟ ନେଇ ନ୍ୟୁଜିଲାଣ୍ଡ ସଫଳତାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଦୁର୍ଭାଗ୍ୟଜନକଭାବେ ନ୍ୟୁଜିଲାଣ୍ଡ ଚାମ୍ପିୟନ ହେବାରୁ ବଞ୍ଚିତ ହୋଇଥିଲା। ମ୍ୟାକ୍ସୱେଲ ଓ କ୍ରିଷ୍ଣାପ୍ପା ଗୋଥାମ ଥିବାରୁ ନିଶାମ ପ୍ରାରମ୍ଭିକ ପର୍ଯ୍ୟାୟରେ ପଞ୍ଜାବ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନ ପାରନ୍ତି। ତେବେ ଟୁର୍ନାମେଣ୍ଟ ଆଗେଇବା ସହ ସେ ନିଶ୍ଚିତ ସୁଯୋଗର ସଦ୍‌ବ୍ୟବହାର କରିବେ।



କ୍ରିସ୍ ଗ୍ରୀନ୍



ଆନ୍ଦ୍ରେ ରସେଲ

### ଡାନିଏଲ ସାମ୍ସ (ଦିଲ୍ଲୀ କ୍ୟାପିଟାଲ୍ସ)

ଜାସନ ରୟଙ୍କ ବଦଳ ଖେଳାଳିଭାବେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସାମିଲ ହୋଇଥିବା ଅଷ୍ଟ୍ରେଲିଆର ବୋଲିଂ ଅଲରାଉଣ୍ଡର ଡାନିଏଲ ସାମ୍ସ ଗତ କିଛିବର୍ଷ ଧରି ବିଗ୍ ବାଶ୍ ଲିଗ୍‌ରେ ସ୍ଥିର ପ୍ରଦର୍ଶନ ଦେଇ ଆସୁଛନ୍ତି। ଅଷ୍ଟ୍ରେଲିଆର ର୍‌ୟାଣ୍ଡୱିକ୍-ପିଟରସାମ କ୍ଲବକୁ ଖେଳିଥିବା ସାମ୍ସ ସିଡ୍‌ନୀ ଥଣ୍ଡର୍ସ ଏକାଡେମୀର ସଦସ୍ୟ। ବିବିଏଲରେ ସେ ୩୭ ମ୍ୟାଚରୁ ୫୨ ଉଇକେଟ ନେଇଛନ୍ତି। ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲଙ୍କ ସହିତ ସେ ଦଳର ଅଲରାଉଣ୍ଡର ବିଭାଗ ସମ୍ଭାଳିବେ।

### ଫାବିଆନ ଆଲେନ (ସନ୍‌ରାଇଜର୍ସ ହାଇଦ୍ରାବାଦ)

ଖେଳାଳି ନିଲାମରେ ସନ୍‌ରାଇଜର୍ସ ଫାବିଆନ ଆଲେନଙ୍କୁ ୫୦ ଲକ୍ଷ ଟଙ୍କାରେ କିଣିଥିଲା। କ୍ୟାରିୟର ପ୍ରଥମ ଆଇପିଏଲ ଖେଳିବାକୁ ଏହି ୱେଷ୍ଟଇଣ୍ଡିଜ ଖେଳାଳି ବ୍ୟଗ୍ର। ୨୦୧୪ରେ ୱେଷ୍ଟଇଣ୍ଡିଜ ୧୯ ବର୍ଷରୁ କମ୍ ବିଶ୍ୱକପ ଦଳର ସଦସ୍ୟ ଥିବା ଆଲେନ ୨୦୧୮ରେ ଭାରତ ବିପକ୍ଷରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୭ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳି ମୋଟ ୧୫ଟି ଉଇକେଟ ନେଇଛନ୍ତି। ଆସନ୍ତା ବର୍ଷ ହେବାକୁଥିବା ଟି୨୦ ବିଶ୍ୱକପ ପାଇଁ ସେ ୱେଷ୍ଟଇଣ୍ଡିଜ ଦଳରେ ସ୍ଥାନ ପାଇବା ସମ୍ଭାବନା ରହିଛି। ଗତ କିଛି ବର୍ଷ ଧରି ସେ କ୍ରମାଗତ ଭାବେ ସିପିଏଲରେ ଖେଳି ଆସୁଛନ୍ତି।

### ଇସୁରୁ ଉଡାନା( ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର)

ଏକଦଶନ୍ଧିରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ ହେଁ ଶ୍ରୀଲଙ୍କାର ଇସୁରୁ ଉଡାନା ଚଳିତ ସିଜନରେ ଆଇପିଏଲ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କାରେ ଆରସିବି ତାଙ୍କୁ କିଣିଛି। ଟି୨୦ରେ ତାଙ୍କର ଅନେକ ଅଭିଜ୍ଞତା ରହିଛି। ୮୮ଟି ଟି୨୦ ମ୍ୟାଚରୁ ସେ ୯୦୫ ରନ ସଂଗ୍ରହ କରିବା ସହ ୧୪୫ଟି ଉଇକେଟ ନେଇ ସାରିଛନ୍ତି।

### କ୍ରିସ୍ ମୋରିସ (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର)

ଦକ୍ଷିଣ ଆଫ୍ରିକାର ୩ ଖେଳାଳି ଏବି ଡି'ଭିଲର୍ସ, ଡେଲ୍ ଷ୍ଟେଇନ୍ ଓ କ୍ରିସ୍ ମୋରିସ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳରେ ସାମିଲ ହୋଇଛନ୍ତି। ଆଇପିଏଲ ଖେଳାଳି ନିଲାମ ସମୟରେ କିଙ୍ଗ୍ସ ଇଲେଭେନ ପଞ୍ଜାବ, ମୁମ୍ବାଇ ଇଣ୍ଡିଆନ୍ସ ଓ ରାଜସ୍ଥାନ ରୟାଲ୍ସ ସହିତ ଲଢ଼େଇ ପରେ ଆରସିବି ୧୦ କୋଟି ଟଙ୍କାରେ ମୋରିସଙ୍କୁ କିଣିଥିଲା। ଟି୨୦ରେ ତାଙ୍କ ରେକର୍ଡ ଅତି ଚମତ୍କାର। ସେ ୨୦୯ଟି ଟି୨୦ ଖେଳି ୧୭୩୦ ରନ କରିଛନ୍ତି ଏବଂ ୨୫୯ ଉଇକେଟ ନେଇଛନ୍ତି। ଆଇପିଏଲ ୨୦୧୯ରେ ସେ ୧୩ଟି ଉଇକେଟ ନେଇଥିଲେ। ଗତ ବିଗ୍‌ବାଶ୍ ଲିଗ୍‌ରେ ସେ ସିଡ୍‌ନୀ ଥଣ୍ଡର ପକ୍ଷରୁ ୧୫ ମ୍ୟାଚରୁ ୨୨ଟି ଉଇକେଟ ନେଇଥିଲେ।

### ସାମ୍ କୁରାନ(ଚେନ୍ନାଇ ସୁପର କିଙ୍ଗ୍ସ)

ଆଇପିଏଲ ୨୦୧୯ରେ ସାମ୍ କୁରାନଙ୍କ ପ୍ରଦର୍ଶନ ଭଲ ରହିଥିଲା। ସେ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ଖେଳି ନିଜର ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ହ୍ୟାଟ୍ରିକ ଉଇକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୁଝାମଣା ଭିତ୍ତିରେ ଏଥର ଚେନ୍ନାଇ ଦଳକୁ ଆସିଥିବା କୁରାନ ଅଭିଜ୍ଞ ରବୀନ୍ଦ୍ର ଜାଡେଜା ଓ ଶେନ ୱାଟସନଙ୍କ ସହିତ ସଫଳତାର ସ୍ୱାଦ ଚାଖିବା ଆଶା ରହିଛି। ଆଇପିଏଲରେ ସେ ୯ ଗେମ୍‌ରୁ ୧୦ ଉଇକେଟ ନେଇଛନ୍ତି। ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ୪/୧୧ ରହିଛି।

## ରୟାଲ ଚ୍ୟାଲେଞ୍ଜର୍ସ ଜର୍ସି ଉନ୍ମୋଚିତ

ଦୁବାଇ, ୧୭।୯ (ପି.ଟି.)

କୋଭିଡ୍ ହିରୋଙ୍କୁ ସମ୍ମାନ ଜଣାଇ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ଖେଳାଳିମାନେ ଆଇପିଏଲ୍‌ରେ ସ୍ୱତନ୍ତ୍ର ଜର୍ସି ପରିଧାନ କରିବେ। ଜର୍ସିର ପଛ ପଟେ ଲେଖା ଥିବ 'ମାଇଁ କୋଭିଡ୍ ହିରୋଜ୍'। ଏହା ମାଧ୍ୟମରେ ମହାମାରୀ ବିରୋଧରେ ଲଢେଇ କରୁଥିବା ଫ୍ରଣ୍ଟ ଲାଇନ୍ ଯୋଦ୍ଧାମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ଚାହୁଁଛି ଆରସିବି। ସିଜନର ପ୍ରଥମ ମ୍ୟାଚ୍‌ରେ ଆରସିବିର ଖେଳାଳିମାନେ ଯେଉଁ ଜର୍ସି ବ୍ୟବହାର କରିବେ ଏହାକୁ ସେମାନେ ନିଲାମ ପାଇଁ ଚ୍ୟାରିଟି ସଂସ୍ଥା ଗିଭ୍ ଇଣ୍ଡିଆ ଫାଉଣ୍ଡେଶନକୁ ଦାନ କରିବେ। ଆରସିବି ଚେୟାରମ୍ୟାନ ସଞ୍ଜୀବ ଚୁରିୱାଲା, ଅଧିନାୟକ ବିରାଟ କୋହଲି, ପାର୍ଥିବ ପଟେଲ ଏବଂ ଯୁବ ଓପନର ଦେବଦତ୍ତ ପଡିକଲଙ୍କ ଉପସ୍ଥିତିରେ ଭର୍ଚୁଆଲ ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦଳ ଜର୍ସିରେ ବିଜ୍ଞାପନ ରହିଥାଏ। ମାତ୍ର ଜୀବନକୁ ବାଜି ଲଗାଇ ମହାମାରୀ ବିରୋଧ ଲଢେଇରେ ସାମିଲ ହୋଇଥିବା କୋଭିଡ୍ ହିରୋଙ୍କୁ ସମ୍ମାନ ଜଣାଇବା ଉଚିତ ବୋଲି ଚୁରିୱାଲା କହିଛନ୍ତି।



ଜର୍ସି ଉନ୍ମୋଚନ ଅବସରରେ ଦେବଦତ୍ତ ପଡିକାଲ, ବିରାଟ କୋହଲି ଓ ପାର୍ଥିବ ପଟେଲ।

## ଆଇପିଏଲ୍ ଫଳାଫଳ

| ସିଜନ | ଚାମ୍ପିୟନ | ରନର୍ସଅପ୍ | ବିଜୟ ବ୍ୟବଧାନ | ପ୍ଲେୟର ଅଫ ଦି ସିରିଜ |
|---|---|---|---|---|
| ୨୦୦୮ | ରାଜସ୍ଥାନ ରୟାଲ୍ସ | ଚେନ୍ନାଇ ସୁପରକିଙ୍ଗ୍ସ | ୩ ଉଇକେଟ | ଶେନ ୱାଟସନ(ରାଜସ୍ଥାନ) |
| ୨୦୦୯ | ଡେକାନ ଚାର୍ଜର୍ସ | ରୟାଲ ଚ୍ୟାଲେଞ୍ଜର୍ସ | ୬ ରନ | ଆଡାମ ଗିଲକ୍ରିଷ୍ଟ(ଡେକାନ) |
| ୨୦୧୦ | ଚେନ୍ନାଇ ସୁପରକିଙ୍ଗ୍ସ | ମୁମ୍ବାଇ ଇଣ୍ଡିଆନ୍ସ | ୨୨ ରନ | ସଚିନ ତେନ୍ଦୁଲକର(ମୁମ୍ବାଇ) |
| ୨୦୧୧ | ଚେନ୍ନାଇ ସୁପରକିଙ୍ଗ୍ସ | ରୟାଲ ଚ୍ୟାଲେଞ୍ଜର୍ସ | ୫୮ ରନ | କ୍ରିସ୍ ଗେଲ୍(ବାଙ୍ଗାଲୋର) |
| ୨୦୧୨ | ନାଇଟ ରାଇଡର୍ସ | ଚେନ୍ନାଇ ସୁପରକିଙ୍ଗ୍ସ | ୫ ଉଇକେଟ | ସୁନୀଲ ନାରିନ(କୋଲକାତା) |
| ୨୦୧୩ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପରକିଙ୍ଗ୍ସ | ୨୩ ରନ | ଶେନ ୱାଟସନ(ରାଜସ୍ଥାନ) |
| ୨୦୧୪ | ନାଇଟ ରାଇଡର୍ସ | କିଙ୍ଗ୍ସ ଇଲେଭେନ | ୩ ଉଇକେଟ | ଗ୍ଲେନ ମ୍ୟାକ୍ସୱେଲ(ପଞ୍ଜାବ) |
| ୨୦୧୫ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପରକିଙ୍ଗ୍ସ | ୪୧ ରନ | ଆନ୍ଦ୍ରେ ରସେଲ(କୋଲକାତା) |
| ୨୦୧୬ | ସନ୍‌ରାଇଜର୍ସ | ରୟାଲ ଚ୍ୟାଲେଞ୍ଜର୍ସ | ୮ ରନ | ବିରାଟ କୋହଲି(ବାଙ୍ଗାଲୋର) |
| ୨୦୧୭ | ମୁମ୍ବାଇ ଇଣ୍ଡିଆନ୍ସ | ରାଇଜିଂ ପୁଣେ ସୁପରଜ୍ୟାଣ୍ଟ | ୧ ରନ | ବେନ୍ ଷ୍ଟୋକ୍ସ(ପୁଣେ) |
| ୨୦୧୮ | ଚେନ୍ନାଇ ସୁପରକିଙ୍ଗ୍ସ | ସନ୍‌ରାଇଜର୍ସ | ୮ ଉଇକେଟ | ସୁନୀଲ ନାରିନ(କୋଲକାତା) |
| ୨୦୧୯ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପରକିଙ୍ଗ୍ସ | ୧ ରନ | ଆନ୍ଦ୍ରେ ରସେଲ(କୋଲକାତା) |


## ଦୁର୍ନୀତି ରୋକିବାକୁ ଫ୍ରଡ୍ ଡିଟେକ୍ସନ ସର୍ଭିସ୍

**ନୂଆଦିଲ୍ଲୀ,୧୭।୯(ପି.ଟି.):** ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦୁର୍ନୀତ ରୋକିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଦୁର୍ନୀତି ନିବାରଣ ବିଭାଗ (ଏସିୟୁ) ଏକ ନୂଆ ପଦକ୍ଷେପ ଗ୍ରହଣ କରିବ। ଏସିୟୁ ଫ୍ରଡ୍ ଡିଟେକ୍ସନ ସର୍ଭିସ (ଏଫ୍‌ଡିଏସ୍)ର ସାହାଯ୍ୟ ନେବ। ଏହା ଦ୍ୱାରା ବେଟିଂ ତଥା ଅନ୍ୟ ଦୁର୍ନୀତ ରୋକିବାକୁ ପ୍ରୟାସ କରାଯିବ ବୋଲି ବୋର୍ଡ ତରଫରୁ କୁହାଯାଇଛି। ଏଥର ଫାଙ୍କା ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ୍ ସବୁ ଖେଳାଯିବ। ଦୁର୍ନୀତି ରୋକିବା ପାଇଁ ଏସିୟୁ ମୁଖ୍ୟ ଅଜିତ ସିଂଙ୍କ ସମ୍ମୁଖରେ ବଡ଼ ଚ୍ୟାଲେଞ୍ଜ ରହିଛି। ଏଥିପାଇଁ ବିସିସିଆଇ ୟୁନାଇଟେଡ କିଙ୍ଗଡମ (ୟୁକେ)ର କମ୍ପାନୀ ସ୍ପୋର୍ଟରାଡାର ସହ ଏକ ଚୁକ୍ତିରେ ସ୍ୱାକ୍ଷର କରିଛି। ଏସିୟୁ ସହିତ ଏହି କମ୍ପାନୀ ମିଳିତ ଭାବେ କାର୍ଯ୍ୟ କରିବ। ଏଥିପାଇଁ କମ୍ପାନୀ ତା'ର ଇଣ୍ଟିଗ୍ରିଟି ସର୍ଭିସ ଦେବ ବୋଲି ବୋର୍ଡ କହିଛି। ଏହାପୂର୍ବରୁ ସ୍ପୋର୍ଟରାଡାର ଫିକ୍ସିଂ ଦ୍ୱାରା ପ୍ରଭାବିତ ହୋଇଥିବା ଗୋଆ ଫୁଟବଲ ଲିଗ୍‌ରେ କାର୍ଯ୍ୟ କରିଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବସନ୍ତ କୁମାର ନାୟକ
(ବରିଷ୍ଠ ଓକିଲ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ)
ଆବିର୍ଭାବ:୧୧।୦୪।୧୯୫୭
ତିରୋଧାନ: ୦୮।୦୯।୨୦୨୦
ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ଅଶେଷ ଅଶେଷ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଶିବଦତ୍ତ, ସୁବ୍ରତ, ମୋହନ, ଭବାନୀ, ସନ୍ତୋଷ, ଗୀତା, ସବିତା, ମମତା, ସଂଯୁକ୍ତା, ଇତିଶ୍ରୀ, ଶ୍ୟାମାପ୍ରସାଦ, ଦୁର୍ଗାପ୍ରସାଦ, ମମତା, ଶୈଳଜା, ଝିଅ, ଝିଆରୀ, ପୁତୁରା, ନାତି, ନାତୁଣୀ ଏବଂ ଅନ୍ୟ ଆତ୍ମୀୟ ପରିଜନମାନେ।
ଧ-୬୯୪୩୯

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୬୯୬୨୩

# ନୂଆ ଚାମ୍ପିୟନ

କରୋନା ମହାମାରୀ ସତ୍ତ୍ୱେ ବର୍ଷର ଶେଷ ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ସଫଳତାର ସହ ଅନୁଷ୍ଠିତ ହୋଇଛି। ପୁରୁଷ ବିଭାଗରେ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ଓ ମହିଳାରେ ଜାପାନର ନାଓମି ଓସାକା ଚାମ୍ପିୟନ ହୋଇ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ପ୍ରଥମ ୨ଟି ସେଟ୍‌ରେ ପଛରେ ଥାଇ ମଧ୍ୟ ଥିମ୍ ପ୍ରତ୍ୟାବର୍ତ୍ତନ ସହ ରେକର୍ଡ କରି ପ୍ରଥମ ଗ୍ରାଣ୍ଡସ୍ଲାମ୍ ଜିତିଛନ୍ତି...



**ନିର୍ମଳ କୁମାର ମିଶ୍ର**

ଚଳିତବର୍ଷର ଶେଷ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍‌ର ରୋମାଞ୍ଚକର ପରିସମାପ୍ତି ଘଟିଛି। ପୁରୁଷ ବିଭାଗର ଫାଇନାଲ ମ୍ୟାଚରେ ସ୍ମରଣୀୟ ବିଜୟ ହାସଲ କରିଛନ୍ତି ଅଷ୍ଟ୍ରିଆର ଡୋମିନିକ୍ ଥିମ୍। କରୋନା ସମୟରେ ପ୍ରଥମ ଗ୍ରାଣ୍ଡସ୍ଲାମ୍ ରୂପେ ବେଶ୍ ଚର୍ଚ୍ଚାରେ ରହିଥିଲା ଏହି ମେଜର ଟେନିସ୍ ଟୁର୍ନାମେଣ୍ଟ। ଅଗଷ୍ଟ ୩୧ ତାରିଖରୁ ସେପ୍ଟେମ୍ବର ୧୩ତାରିଖ ପର୍ଯ୍ୟନ୍ତ ବିନା ଦର୍ଶକ ଏବଂ ବାୟୋ ବବଲ୍ ପରିବେଶ ମଧ୍ୟରେ ଖେଳାଯାଇଥିବା ଏହି ୧୪୦ତମ ସଂସ୍କରଣ ଏକାଧିକ ବିବାଦ ପାଇଁ ଚର୍ଚ୍ଚାର ବିଷୟ ହୋଇଥିଲା। ବାସ୍ତବରେ ଏହା ବର୍ଷର ଚତୁର୍ଥ ଏବଂ ଶେଷ ଗ୍ରାଣ୍ଡସ୍ଲାମ୍ । ସମସ୍ତ ନାମୀଦାମୀ ଖେଳାଳିଙ୍କର ଏହା ସ୍ୱପ୍ନର ଟୁର୍ଣ୍ଣାମେଣ୍ଟ ରହିଆସିଛି। ନାମୀଦାମୀ ଖେଳାଳିଙ୍କ ସମାଗମ, ଗ୍ଲାମର, ଆୟୋଜନ ଏବଂ ପୁରସ୍କାର ରାଶି ଯୋଗୁ ଏହି ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟ ସର୍ବଶ୍ରେଷ୍ଠ । କୋଭିଡ-୧୯ର ନିୟମ ନ ମାନିବା, କ୍ୱାରାଣ୍ଟାଇନରେ ରହିବାକୁ ନେଇ ବିବାଦ ଏବଂ ସିଧାସଳଖ କୋଭିଡ ଟେଷ୍ଟ ଦେବାକୁ ଅରାଜି ହେବା, ଟୁର୍ନାମେଣ୍ଟର ଶୃଙ୍ଖଳା ଭଙ୍ଗ କରିବା ଏପରି କି ମ୍ୟାଚ ସମୟରେ ଜୋକୋଭିଚଙ୍କ ପରି ସୁନାମଧନ୍ୟ ଖେଳାଳି ଲାଇନ୍ ଜଜ୍ ବୟଙ୍କୁ ବଲ୍ ହିଟ୍ କରିବା ଓ ଏଥିପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟକୁ ବେଶ୍ ବିବାଦୀୟ କରିଥିଲା। ଏପରି କି କୌଣସି କାରଣ ନ ଥାଇ ଗତବର୍ଷର ପୁରୁଷ ଏବଂ ମହିଳା ବିଭାଗର ଦୁଇ ଚାମ୍ପିୟନ ରାଫେଲ୍ ନାଡାଲ୍ ଏବଂ ବାୟାଙ୍କା ଆଣ୍ଡ୍ରେସ୍କୁ ଟୁର୍ନାମେଣ୍ଟରେ ଭାଗ ନ ନେବା ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟି ଥିଲା। ପୂର୍ବରୁ ୟୁଏସ୍ ଓପନ୍ ଇତିହାସରେ ବିନା ଦର୍ଶକରେ କେବେ ଖେଳାଯାଇ ନ ଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଟୁର୍ନାମେଣ୍ଟରେ ଭାଗ ନେଉଥିବା ସମସ୍ତ ଖେଳାଳି କ୍ୱାରାଣ୍ଟାଇନରେ ନ ରହି ସିଧାସଳଖ କୋଭିଡ ଟେଷ୍ଟ ଦେଇଥିଲେ। ସର୍ତ୍ତ ରହିଥିଲା କୌଣସି ଖେଳାଳି ପଜିଟିଭ୍ ହେଲେ ଟୁର୍ନାମେଣ୍ଟରେ ଭାଗ ନେଇପାରିବେ ନାହିଁ। ଟୁର୍ନାମେଣ୍ଟର ଆରମ୍ଭରୁ ଅନେକ ପ୍ରାରମ୍ଭିକ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା, ଯାହା କି ଟୁର୍ନାମେଣ୍ଟର ଗ୍ଲାମର ବହୁମାତ୍ରାରେ କମାଇ ଦେଇଥିଲା। ଏହି ମେଗା ଇଭେଣ୍ଟରୁ ଓହରି ଯାଇଥିବା ଖେଳାଳିମାନଙ୍କ ମଧ୍ୟରୁ ଆଇଟିଏଫ୍ (ଇଣ୍ଟରନାଶନାଲ ଟେନିସ୍ ଫେଡେରେଶନ୍) ର୍ୟାକିଙ୍ଗ୍ ପ୍ଲେୟର ରାଫାଲ୍ ନାଡାଲ, ରୋଜର ଫେଡେରର, ଫାବିଓ ଫୋଗନିନ୍, ଷ୍ଟାନିସଲାସ ୱାରିଙ୍କା ରହିଥିଲେ। ସେହିପରି ମହିଳା ବିଭାଗରେ କାରୋଲିନା ପ୍ଲିସ୍କୋଭା, ପେରି ହବର୍ଟ, ସିମୋନା ହାଲେପ, ଆଣ୍ଡ୍ରେସ୍କୁ, ଫିଓନା ପେରୋ, ଜୁଲିଆ ଜର୍ଜେସ୍, ଆସଲେ ବାର୍ଟି ଓହରିଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରହିଥିଲେ ଜନ୍ ଇସନର୍, ଖ୍ରୀଷ୍ଟିଆନ୍ ଗାରିନ, ଡେନିସ୍ ସାପୋଭାଲୋଭ୍।

ନାଓମି ଓସାକା ମହିଳା ସିଙ୍ଗଲ୍ସ ଫାଇନାଲରେ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ହରାଇ ଦ୍ୱିତୀୟ ଥର ପାଇଁ ୟୁଏସ୍ ଗ୍ରାଣ୍ଡସ୍ଲାମ୍ ଚାମ୍ପିୟନ ହେବା ସହିତ ତାଙ୍କ କ୍ୟାରିୟରର ତୃତୀୟ ଗ୍ରାଣ୍ଡସ୍ଲାମ୍ ଜିତିବାକୁ ସକ୍ଷମ ହୋଇଥିଲେ। ଏଥି ସହିତ ଜାପାନର ଓସାକା ଡବ୍ଲୁଟିଏ ର୍ୟାକିଙ୍ଗ୍‌ରେ ୬ଟି ସ୍ଥାନ ଉପରକୁ ଉଠିବା ସହିତ ୩ୟ ସ୍ଥାନରେ ରହିଥିବା ବେଳେ ରନର୍ସଅପ୍ ବେଲାରୁଷର ସୁପରମମ୍ ରୂପେ ପରିଚିତ ଭିକ୍ଟୋରିଆ ଆଜାରେଙ୍କା ଶ୍ରେଷ୍ଠ ୧୫ତମ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୟୁଏସ୍ ଓପନ୍‌ରେ ଭାଗ ନେଇ ନ ଥିଲେ ମଧ୍ୟ ପୂର୍ବପରି ର୍ୟାକିଙ୍ଗ୍‌ର ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆର ଆଶଲେ ବାର୍ଟି ଏବଂ ରୋମାନିଆର ସିମୋନା ହାଲେପ୍ ରହିଛନ୍ତି।

ଏହି ୧୪୦ତମ ୟୁଏସ୍ ଗ୍ରାଣ୍ଡସ୍ଲାମ୍‌ର ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ ବେଶ୍ ରୋମାଞ୍ଚକ ହୋଇଥିଲା। ଭାରତୀୟ ସମୟ ମଧ୍ୟରାତ୍ରରେ ଖେଳାଯାଉଥିବା ଏହି ମେଗା ଫାଇନାଲ ଦର୍ଶକମାନଙ୍କୁ ବେଶ୍ ରୋମଞ୍ଚ ଭରି ଦେଇଥିଲା। ପ୍ରଥମ ୨ଟି ସେଟ୍‌ରେ ପଛୁଆ ଥାଇ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଥିମ୍ କ୍ରମାଗତ ୩ଟି ସେଟ୍ ଜିତି ତାଙ୍କର ଚତୁର୍ଥ ଉଦ୍ୟମରେ ଜୀବନର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଜିତିବାକୁ ସକ୍ଷମ ହୋଇଛନ୍ତି। ଫାଇନାଲଟି ୫ମ ସେଟ୍‌କୁ ଯାଇଥିବା ବେଳେ ଟାଇବ୍ରେକରେ ସମାପ୍ତ ହୋଇଥିଲା। ତେଣୁ ମ୍ୟାଚଟି କେତେ ରୋମାଞ୍ଚକର ହୋଇଥିବ ତାହା ସହଜରେ ଅନୁମେୟ। ଜର୍ମାନୀର ଆଲେକଜାଣ୍ଡାର ଜେଭେରେଭଙ୍କୁ ୩-୨ ସେଟ୍‌ରେ ଟାଇବ୍ରେକରେ ପରାସ୍ତ କରି ଅଷ୍ଟ୍ରିଆର ୨୭ ବର୍ଷୀୟ ଡୋମିନିକ୍ ଥିମ୍ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ୍ ହାସଲ କରିଥିଲେ। ଯଦି ଜେଭେରେଜ୍ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚଟି ଜିତି ଥାନ୍ତେ ତେବେ ସେ ନିଜ ଦେଶର ସୁପର ଟେନିସ୍ ଷ୍ଟାର ବୋରିସ୍ ବେକରଙ୍କ ରେକର୍ଡ ଭାଙ୍ଗିବାକୁ ସକ୍ଷମ ହୋଇଥାନ୍ତେ। ଏପରି ଏକ ରୋମାଞ୍ଚଭରା ଏବଂ ଉତ୍କଣ୍ଠା ପୂର୍ଣ୍ଣ ମ୍ୟାଚ ଖେଳାଯିବା ୟୁଏସ୍ ଟେନିସ୍ ଗ୍ରାଣ୍ଡସ୍ଲାମ୍‌ରେ ୭୧ବର୍ଷ ପରେ ଘଟିଛି। ଫାଇନାଲ ମ୍ୟାଚ୍ ୫ମ ସେଟ୍ ପର୍ଯ୍ୟନ୍ତ ଜିବା ସହିତ ଟାଇବ୍ରେକରରେ ସମାପ୍ତ ହୋଇଛି। ଥିମ୍ ୧୬ବର୍ଷ ପରେ ପ୍ରଥମ ଦୁଇଟି ସେଟ୍‌ରେ ପରାସ୍ତ ହୋଇ ପ୍ରତ୍ୟାବର୍ତ୍ତନ କରି ଚାମ୍ପିୟନ ହେବା ପ୍ରଥମ ଘଟଣା।

ଏଟିପି ର୍ୟାଙ୍କିଙ୍ଗ୍‌ରେ ଜୋକୋଭିଚ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ନାଡାଲ ୨ୟ ସ୍ଥାନରେ ଏବଂ ଡୋମିନିକ୍ ଥିମ୍ ତୃତୀୟ ସ୍ଥାନରେ ରହିଛନ୍ତି। ଏକମାତ୍ର ଖେଳାଳି ରୂପେ ଜୋକୋଭିକ୍ ଚାରୋଟି ଯାକ ଗ୍ରାଣ୍ଡସ୍ଲାମ୍ ଜିତିବାକୁ ସକ୍ଷମ ହୋଇଛନ୍ତି। ଇଣ୍ଟରନାଶନାଲ୍ ଟେନିସ୍ ଫେଡେରେଶନ୍‌ର ନୂତନ ନିୟମ ଅନୁସାରେ କୌଣସି ଖେଳାଳି ଗୋଟିଏ ଗ୍ରାଣ୍ଡସ୍ଲାମ୍ ଜିତିଲେ ଦୁଇ ହଜାର ରେଟିଂ ପଏଣ୍ଟ ପାଉଥିବା ବେଳେ ରନର୍ସ ଅପ ବାରଶହ ରେଟିଂ ପଏଣ୍ଟ ପାଇଥାନ୍ତି।

ସୂଚନାଯୋଗ୍ୟ ଯେ, ଚଳିତବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆନ ଓପନ୍ ଯାହା କି ଜାନୁୟାରୀ ମାସ ୨୦ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୨ତାରିଖରେ ସମାପ୍ତ ହୋଇଥିଲା। ଏଥିରେ ଜୋକୋଭିକ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହେବା ସହ ମହିଳା ସିଙ୍ଗଲ୍ସରେ ସୋଫିଆ କେନିକ୍ (ଆମେରିକା) ଚାମ୍ପିୟନ ହୋଇଥିଲେ।

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗ୍ରାସ୍‌କୋର୍ଟ ଗ୍ରାଣ୍ଡସ୍ଲାମ୍ ୱିମ୍ବେଲଡନ ଯାହାକି ଜୁନ୍ ୨୯ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧୨ ତାରିଖରେ ଶେଷହେବା କଥା ବର୍ତ୍ତମାନ ବିଶ୍ୱରେ କରୋନା ମହାମାରୀ ଯୋଗୁଁ ବନ୍ଦ କରିଦିଆଯାଇଛି। ଏହି ୧୩୪ତମ ସଂସ୍କରଣ ପ୍ରଥମଥର ପାଇଁ ୧୯୪୫ ବିଶ୍ୱଯୁଦ୍ଧ ପାଇଁ ବନ୍ଦ ରହିଥିଲା। ୨୦୧୯ ସଂସ୍କରଣରେ ଜୋକୋଭିକ ଏବଂ ସିମୋନା ହାଲେପ ଯଥାକ୍ରମେ ପୁରୁଷ ଏବଂ ମହିଳା ବିଭାଗ ଚାମ୍ପିୟନ ରହିଥିଲେ। ସେହିପରି ଜୈବ ସୁରକ୍ଷିତ ପରିବେଶରେ ଫ୍ରେଞ୍ଚ ଓପନ ସେପ୍ଟେମ୍ବର ୨୧ରୁ ଆରମ୍ଭ ହୋଇ ଅକ୍ଟୋବର ୧୧ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।



### ଥିମ୍‌ଙ୍କଠାରୁ ହାରିଥିବା ଖେଳାଳି

ପ୍ରଥମ ରାଉଣ୍ଡ: ଜେ. ମୁନାର
ଦ୍ୱିତୀୟ ରାଉଣ୍ଡ: ସୁମିତ ନାଗାଲ
ତୃତୀୟ ରାଉଣ୍ଡ: ମାରିନ ସିଲିକ୍
ଚତୁର୍ଥ ରାଉଣ୍ଡ: ଏଫ୍. ଅଗୁର ଆଲାସିମ
କ୍ୱାର୍ଟର ଫାଇନାଲ: ଏ. ଡି. ମିନାଉର
ସେମି ଫାଇନାଲ: ଡାନିଲି ମେଡଭେଡେଭ
ଫାଇନାଲ: ଆଲେକ୍‌ଜାଣ୍ଡର ଜେଭେରେଭ

### ଡୋମିନିକ୍ ଥିମ୍

ଦେଶ: ଅଷ୍ଟ୍ରିଆ
ଜନ୍ମ: ୧୯୯୩, ସେପ୍ଟେମ୍ବର ୩
ବୟସ: ୨୭
ଉଚ୍ଚତା: ୬ ଫୁଟ ୧ ଇଞ୍ଚ୍
କ୍ୟାରିୟର ଟାଇଟଲ: ୧୭
ଉଚ୍ଚତମ ର୍ୟାଙ୍କିଙ୍ଗ୍: ୩
ଏବେକାର ର୍ୟାଙ୍କିଙ୍ଗ୍: ୩
ଗ୍ରାଣ୍ଡସ୍ଲାମ୍:
ୟୁଏସ୍ ଓପନ ୨୦୨୦



ICICI Bank Credit & Debit Cards | 5% Cashback on ICICI Bank Debit / Credit Cards & EMI
ଏବେ କିଣନ୍ତୁ, ପରେ ପଇଠ କରନ୍ତୁ# | 90%# ଅର୍ଥ ଯୋଗାଣ ଉପଲବ୍ଧ | ₹2 222# କମ EMI | ₹66 298^ ରୁ ଆରମ୍ଭ
TVS Jupiter ବେଶୀ ଲାଭ
Download TVS Service App | 5 YEAR WARRANTY+ | TVS CREDIT
ଦୁଇ ଚକିଆ ବାହନ ଚଲାଉଥିବା ବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧନ୍ତୁ।
tvsjupiter | www.tvsjupiter.com | Call: 1800 315 7777
* Under TVSM internal conditions. # Terms & conditions apply.
^ Ex-showroom price. *5 yr. warranty without any additional charges.
FOR ALL INSTITUTIONAL/BULK REQUIREMENTS, PLEASE MAIL: corporate.customersupport@tvsmotor.com **Authorised Main Dealers: SAMBALPUR**: Kishore TVS, Ph.: 9778371171. **BOLANGIR:** Rajlaxmi TVS, Ph.: 918260437538. **BARGARH:** Subhamm TVS, Ph.: 8860625628; **ROURKELA:** Unique TVS, Ph : 8114372182, 8114372181, Gurugobind TVS, Ph: 9776280601, 9437203299; **JHARSUGUDA:** Gunnu TVS, Ph: 8586977624; **SONEPUR: Minerva TVS, Ph : 6370700730, 6370700732. Authorised Dealers:** Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Nuapara, Ph.: 9937653638; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Binka, Ph : 7894255589; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; San Balichuan, Ph : 8658502167; Khariar Road, Ph.: 9938098888; Sohela, Ph.: 9938739550; Bhatli, Ph : 9090140103; Titlagarh, Ph : 9438096285; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401;Padampur, Ph : 9938110070; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Tarbha : Ph : 9439135679 ; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417; Kantamal, Ph : 7008225996; Diptipur, Ph : 7894726957, 9937219913.
dentsuindia/dhr sam/04/20




# ଶୀର୍ଷରେ ରହିଲେ କୋହଲି

## ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍

**ଦୁବାଇ,୧୭।୯(ପି.ଟି)**

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ପୂର୍ବପରି ବ୍ୟାଟିଂ ତାଲିକାରେ ତାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପଟେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ତାଲିକାର ଶ୍ରେଷ୍ଠ-୧୦ରେ ପ୍ରବେଶ କରିଛନ୍ତି। କୋହଲି ୮୭୧ ପଏଣ୍ଟ ପାଇ ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ତାଙ୍କ ଡେପୁଟି ରୋହିତ ଶର୍ମା ୮୫୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କୋଭିଡ୍- ୧୯ ମହାମାରୀ କାରଣରୁ ଏହି ଦୁଇ ଭାରତୀୟ ବ୍ୟାଟ୍ସମ୍ୟାନ ଦୀର୍ଘ ଦିନଧରି ମ୍ୟାଚ୍ ଖେଳି ନ ଥିଲେ ମଧ୍ୟ ନିଜ ସ୍ଥାନ ସୁରକ୍ଷିତ ରଖିଛନ୍ତି। ବେୟାରଷ୍ଟୋ ଦଶମ ସ୍ଥାନରେ ରହିଛନ୍ତି। ପୂର୍ବରୁ ୨୦୧୮ରେ ୩୦ ବର୍ଷୀୟ ବେୟାରଷ୍ଟୋ କ୍ୟାରିୟର ଶ୍ରେଷ୍ଠ ନବମ ସ୍ଥାନରେ ରହିଥିଲେ। ଅନ୍ତିମ ଦିନିକିଆରେ ମ୍ୟାଚ୍ ବିଜୟୀ ଶତକ ହାସଲ କରିଥିବା ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍ସୱେଲ ଓ ଆଲେକ୍ସ କାରେଙ୍କ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି କରିଛନ୍ତି। ୫ଟି ସ୍ଥାନ ଉପରକୁ ଉଠି ମ୍ୟାକ୍ସୱେଲ ଆୟର୍ଲାଣ୍ଡର ପଲ୍ ଷ୍ଟର୍ଲିଂଙ୍କ ସହ ୨୬ତମ ସ୍ଥାନରେ ରହିଛନ୍ତି। ସେହିପରି କାରେ ୧୧ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୨୮ତମ ସ୍ଥାନ ଅଧିକାର କରିଛନ୍ତି। ବୋଲିଂ ତାଲିକାରେ ଇଂଲଣ୍ଡ ଅଲରାଉଣ୍ଡର କ୍ରିସ୍ ୱୋକ୍ସ ୩ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ଚତୁର୍ଥ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଦ୍ୱିତୀୟ ଓ ଆଫଗାନିସ୍ତାନ ବୋଲର ମୁଜିବ ଉର ରହମାନ ତୃତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଜୋଶ ହାଜେଲଉଡ୍ ୨ ବର୍ଷ ପରେ ପ୍ରଥମଥର ପାଇଁ ଟପ୍-୧୦କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ୧୫ରୁ ଅଷ୍ଟମ ସ୍ଥାନରେ ପହଞ୍ଚିଛନ୍ତି।

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କ୍ରୀଡ଼ା ମନ୍ତ୍ରଣାଳୟର ସ୍ୱାଗତ

**ନୂଆଦିଲ୍ଲୀ,୧୭।୯(ପି.ଟି.)**

କେନ୍ଦ୍ରକ୍ରୀଡ଼ା ମନ୍ତ୍ରଣାଳୟ ଏବଂ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)କୁ ଆଶ୍ୱସ୍ତି ମିଳିଛି। ଏଣିକି ଦେଶର ବିଭିନ୍ନ ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍)ଗୁଡ଼ିକୁ ସ୍ୱୀକୃତି ପ୍ରଦାନରେ ଆଗୁଆ ଦିଲ୍ଲୀ ହାଇକୋର୍ଟଙ୍କ ଅନୁମତି ନେବାକୁ ପଡ଼ିବ ନାହିଁ। ଅନ୍ୟପକ୍ଷରେ ସ୍ୱୀକୃତିର ପ୍ରକ୍ରିୟା ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ କୋର୍ଟଙ୍କୁ ଜଣାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଏସ୍‌ଏଫ୍ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିର୍ଦ୍ଦେଶକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସ୍ୱାଗତ କରିଛି। ଏହାଦ୍ୱାରା ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ଶୀଘ୍ର ସ୍ୱୀକୃତି ପାଇଯିବେ। ଏବଂ ଅଲିମ୍ପିକ୍ସରେ ଭାଗ ନେବାକୁଥିବା ଆଥଲେଟ୍‌ମାନେ ଶୀଘ୍ର ସେମାନଙ୍କ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିପାରିବେ ବୋଲି ମନ୍ତ୍ରଣାଳୟର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଅନେକ ଜାତୀୟ କ୍ରୀଡ଼ା ମହାସଂଘ ଜାତୀୟ କ୍ରୀଡ଼ା ଆଚରଣ ବିଧି ଅନ୍ତର୍ଗତ ବିଶେଷ କରି କାର୍ଯ୍ୟକାଳ ଅବଧି ଓ ବୟସ ସମୟସୀମା ନିୟମକୁ କାର୍ଯ୍ୟକାରୀ କରୁ ନାହାନ୍ତି ବୋଲି ଦର୍ଶାଇ ୨୦୧୦ରେ ରାହୁଲ ମେହେରା ନାମକ ଜଣେ ଆଇନଜୀବୀ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

# ଦିନିକିଆ ସିରିଜ ଜିତିଲା ଅଷ୍ଟ୍ରେଲିଆ

**ମାଞ୍ଚେଷ୍ଟର, ୧୭।୯(ଏପି)**

ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କାରେ ଓ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଲଢୁଆ ଶତକୀୟ ଇନିଂସ ବଳରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ରୋମାଞ୍ଚକ ଢଙ୍ଗରେ ବିଜୟୀ ହୋଇଛି। ଷଷ୍ଠ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୨୧୨ ରନର ଦ୍ୱିଶତକୀୟ ପାର୍ଟନରଶିପ୍ ସ୍ଥାପନ କରି ଦଳକୁ ବିଜୟୀ କରାଇବା ସହ ଇଂଲଣ୍ଡକୁ ନିରାଶ କରିଛନ୍ତି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଇଂଲଣ୍ଡ ବୁଧବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୩୦୨ ରନର ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୪୯.୪ ଓଭରରେ ୭ ଉଇକେଟ ହରାଇ ୩୦୫ ରନକରି ବିଜୟୀ ହୋଇଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୨-୧ରେ ଜିତିନେଇଛି। ତାରକା ଅଷ୍ଟ୍ରେଲିଆ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ ବିବେଚିତ ହୋଇଛନ୍ତି। ୩୦୩ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ ୭୩ ରନରେ ୫ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ଆରୋନ ଫିଞ୍ଚ୍ ୧୨, ଓପନର ଡେଭିଡ୍ ୱାର୍ନର ୨୪, ମାର୍କସ ଷ୍ଟୋଇନିସ୍ ୪, ମାର୍ନସ ଲାବୁସେନ ୨୦, ମିଚେଲ ମାର୍ସ ୨ ରନକରି ଆଉଟ ହୋଇଥିଲେ। ଏହାପରେ ଷଷ୍ଠ ଉଇକେଟରେ ମ୍ୟାକ୍ସୱେଲ ଓ କାରେଙ୍କ ଚମକ ଦେଖିବାକୁ ମିଳିଥିଲା। ୧୮୫ଟି ବଲ୍ ଖେଳି ଏହି ଦୁଇ ବ୍ୟାଟ୍ସମ୍ୟାନ ୨୧୨ ରନ ସଂଗ୍ରହ କରି ଘରୋଇ ଦଳଠାରୁ ବିଜୟ ଛଡାଇ ନେଇଥିଲେ। ମ୍ୟାକ୍ସୱେଲ ୯୦ ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୭ ଛକା ସହ ୧୦୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ସେହିପରି କାରେ ୧୧୪ ବଲ ଖେଳି ୭ ଚୌକା ଓ ୨ ଛକା ସହ ୧୦୬ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ପ୍ୟାଟ୍ କୁମିନ୍ସ ୪ ଓ ମିଚେଲ ଷ୍ଟାର୍କ ୧୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ପକ୍ଷରୁ କ୍ରିସ୍ ୱୋକ୍ସ ଓ ଜୋ ରୁଟ୍ ୨ଟି ଲେଖାଏ, ଜୋଫ୍ରା ଆର୍ଚର ଓ ଆଦିଲ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।










Regd. Office: Hero MotoCorp Limited, The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. For further information, contact nearest Hero MotoCorp's authorised outlet or call our toll free no.: 1800 - 266 - 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Finance scheme is at the sole discretion of the Financier & subject to its respective T&Cs. Limited period offer. For more details, please contact your nearest Hero Outlet. ^As per cumulative dispatch numbers till 15th September, 2019. **Largest two-wheeler selling company in the world for any particular country for the year 2019. #Offer is valid for Teachers on all Hero Two-wheelers except Xtreme 160R, T&C apply. **Ex-Showroom price for Bhubaneswar.

Finance Partners: HeroFinCorp.
HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp HeroMotoCorp.com
WT.5510.2020

For Institutional and Bulk Sales please write to bhubaneshwar@heromotocorp.com

ଅଥରାଇଜ୍‌ଡ ଡିଲର: ବରଗଡ଼: ଆକାଶ ହୀରୋ - 7799766396. ଭବାନୀପାଟନା : ଅରୁନ୍ଧତୀ ହୀରୋ - 7799766385. ବଲାଙ୍ଗିର: ଅରୁନ୍ଧତୀ ହୀରୋ - 7799766327. ଝାରସୁଗୁଡ଼ା: ବିଜୟଲକ୍ଷ୍ମୀ ହୀରୋ - 7799766368. ରାଉରକେଲା: ଦୁଆ ହୀରୋ - 7799766391. ସମ୍ବଲପୁର: ଶ୍ରୀ ଶ୍ୟାମ ହୀରୋ - 7799766356. ସୋନପୁର: ଜୟ ଜୱାନ ହୀରୋ - 7799766419. ସୁନ୍ଦରଗଡ଼: ରୋବୋଟେକ୍ ହୀରୋ - 8448183659. ଅଥରାଇଜ୍‌ଡ ସର୍ଭିସ ସେଣ୍ଟର: ବାମରା: ଚୌଧୁରି ହୀରୋ - 9938274720. ବରପାଲି: ଦୁର୍ଗା ମୋଟର୍ସ- 9861265979. ବେଲପାହାଡ଼: ବର୍ଷା ମୋଟର୍ସ - 9437058417. ବୌଦ୍ଧ: ବନ୍‌ସଲ ଅଟୋ - 9437062948. ବୁଦ୍ଧରାଜନଗର: ବୀନା ମୋଟର୍ସ - 9861078290. ଦେବଗଡ଼ : ଜିନ୍ଦାଲ ମୋଟର୍ସ - 9437056659. କୁଚିଣ୍ଡା: ଶ୍ରୀ ବିମଳା ମୋଟର୍ସ - 7008407979. କାନ୍ତାବାଞ୍ଜି: ଆଶୀର୍ବାଦ ମୋଟର୍ସ - 9937535770. ନୂଆପଡ଼ା: ମାରୁତି ଅଟୋ - 9937928818, 7381199999. ପଦ୍ମପୁର: ଦେବେଶ ମୋଟର୍ସ - 9437253970. ରାଜଖଡ଼ିଆଳ: ଜଗଦମ୍ବା ଅଟୋ କମ୍ପାଇନ - 9937302262. ରାଜଗାଙ୍ଗପୁର: କେଡିଆ ଆଣ୍ଡ କେଡିଆ - 9437152881. ସୁନ୍ଦରଗଡ଼: ଯମୁନା ମୋଟର୍ସ - 9861078290. ଟିଟିଲାଗଡ଼: ସ୍ନେହା ମୋଟର୍ସ - 9437570237.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ